


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୭ ମାର୍ଚ୍ଚ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 27 MARCH 2023
Vol.No. 34 ■ No. 81 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବେଲାରୁଷରେ ପରମାଣୁ ଅସ୍ତ୍ର ମୁତୟନ କରିବ ରୁଷ



ନୂଆଦିଲ୍ଲୀ, ୨୬/୦୩ : ବେଲାରୁଷରେ ପରମାଣୁ ଅସ୍ତ୍ର ମୁତୟନ କରିବ ରୁଷ। ରୁଷର ସରକାରୀ ନିୟନ୍ତ୍ରିତ ସମ୍ବାଦ ସରବରାହ ସଂସ୍ଥା ଟାସ୍ ରିପୋର୍ଟ ଏହା ପ୍ରକାଶ କରିଛି । ୧୯୯୦ ଦଶକ ପରେ ପ୍ରଥମ ଥର ପାଇଁ ରୁଷ ବିଦେଶରେ ନିଜର ପରମାଣୁ ଅସ୍ତ୍ର ମୁତୟନ କରିବ । ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଏହି ନିଷ୍ପତ୍ତି ସାରା ବିଶ୍ୱରେ ଉତ୍ତେଜନା ବଢାଇଦେଇଛି । ରୁଷ୍ ନିଜର ପଡ଼ୋଶୀ ଦେଶ ବେଲାରୁଷରେ ନିଜର ପରମାଣୁ ଅସ୍ତ୍ର ମୁତୟନ କରିବାକୁ ନିଷ୍ପତ୍ତି ନେଇଛି ବୋଲି ରୁଷର ସରକାରୀ ନିୟନ୍ତ୍ରିତ ସମ୍ବାଦ ସରବରାହ ସଂସ୍ଥା ଟାସ୍ ରିପୋର୍ଟ ପ୍ରକାଶ କରିଛି । ୧୯୯୦ ଦଶକ ପରେ ପ୍ରଥମ ଥର ପାଇଁ ରୁଷ ବିଦେଶରେ ନିଜର ପରମାଣୁ ଅସ୍ତ୍ର ମୁତୟନ କରିବ । ପରମାଣୁ ଅସ୍ତ୍ର ଗଚ୍ଛିତ ରଖିବାକୁ ବେଲାରୁଷରେ ସ୍ୱତନ୍ତ୍ର ଭିତ୍ତିଭୂମି ନିର୍ମାଣ କରିବ । ଆସନ୍ତା ଜୁଲାଇ ୧ ସୁଦ୍ଧା ଏହି କାର୍ଯ୍ୟ ସଂପୂର୍ଣ୍ଣ ହେବ ବୋଲି ପୁଟିନ କହିଛନ୍ତି । ୟୁକ୍ରେନ ଯୁଦ୍ଧକୁ ନେଇ ରୁଷ ଓ ପାଶ୍ଚାତ୍ୟ ଦେଶଙ୍କ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିଲାବେଳେ ରୁଷର ଏହି ନିଷ୍ପତ୍ତି ବିଶ୍ୱରେ ପରମାଣୁ ଯୁଦ୍ଧର ଆତଙ୍କ ବଢାଇଦେଇଛି । ବେଲାରୁସରେ କେତେ ପରମାଣୁ ଅସ୍ତ୍ର ମୁତୟନ କରାଯିବ ସେ ନେଇ ରୁଷିଆ କୌଣସି ଉତ୍ତର ଦେଇନାହିଁ । ସେହିପରି ଏହି ଅସ୍ତ୍ରଶସ୍ତ୍ରର ପ୍ରୟୋଗ କେବଳ ୟୁକ୍ରେନ୍ ହେବ ନା ଅନ୍ୟ ପାଶ୍ଚାତ୍ୟ ଦେଶ ମଧ୍ୟ ହୋଇପାରେ ତାହାକୁ ନେଇ ମଧ୍ୟ ଆଶଙ୍କା ଦେଖାଦେଇଛି । ବେଲାରୁଷରେ ରୁଷରପରମାଣୁ ଅସ୍ତ୍ର ମୁତୟନ ନେଇ ଦୁଇଦେଶ ମଧ୍ୟରେ ଏକ ଚୁକ୍ତି ହୋଇଛି । ଗତ ବର୍ଷ ୟୁକ୍ରେନ ଉପରେ ରୁଷର ଆକ୍ରମଣ ଆରମ୍ଭ ହେବାପରଠାରୁ ବେଲାରୁଷ ନିୟମିତଭାବେ ରୁଷକୁ ସମର୍ଥନ କରିଆସିଛି । ୟୁକ୍ରେନ ଉପରେ ଆକ୍ରମଣ ପାଇଁ ବେଲାରୁଷ ପକ୍ଷରୁ ରୁଷକୁ ସାମରିକ ଭିତ୍ତିଭୂମି ଯୋଗାଇ ଦିଆଯାଉଛି । କିନ୍ତୁ ଏହି ଯୁଦ୍ଧରେ ବେଲାରୁଷର ସୈନିକ ଭାଗ ନେଉନାହାନ୍ତି ।

## ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ'ର ୯୯ ତମ ଅଧ୍ୟାୟରେ ଅଙ୍ଗଦାନ ଉପରେ ଆଲୋଚନା



ନୂଆଦିଲ୍ଲୀ, ୨୬/୦୩ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରାୟୋଜିତ 'ମନ୍ କି ବାତ' କାର୍ଯ୍ୟକ୍ରମର ୯୯ ତମ ଅଧ୍ୟାୟରେ ସେ ଆଜି ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି । ଏହା ମନ୍ କି ବାତ୍ କାର୍ଯ୍ୟକ୍ରମର ୯୯ ତମ ଅଧ୍ୟାୟ ହୋଇଥିବା ବେଳେ ଚଳିତ ବର୍ଷ ଏହା ତୃତୀୟ ଅଧ୍ୟାୟ । ଦେଶବାସୀଙ୍କ ସହ ନିଜ ବିଚାର ସେୟାର କରିବା ବେଳେ ପ୍ରଧାନମନ୍ତ୍ରୀ କହିଛନ୍ତି କି, ଏବେ ମନ୍ କି ବାତ କାର୍ଯ୍ୟକ୍ରମର ୯୯ ତମ ଅଧ୍ୟାୟରେ ଆମେ ପହଂଚିସାରିଛୁ । ଏପ୍ରିଲ ୩୦ ତାରିଖରେ ଏହି କାର୍ଯ୍ୟକ୍ରମର ୧୦୦ତମ ଏପିସୋଡକୁ ନେଇ ଲୋକଙ୍କ ଭିତରେ ବହୁତ ଉତ୍ସାହ ରହିଛି । କହିରଖୁ କି ପ୍ରତି ମାସର ଶେଷ ରବିବାରରେ ଅଲ୍ ଇଣ୍ଡିଆ ରେଡିଓରେ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ କାର୍ଯ୍ୟକ୍ରମ ପ୍ରସାରଣ କରାଯାଉଛି । ମନ୍ କି ବାତର ୯୯ ତମ ଅଧ୍ୟାୟରେ ପ୍ରଧାନମନ୍ତ୍ରୀ ଅନ୍ୟର ସେବା ପାଇଁ ନିଜର ଜୀବନକୁ ସମର୍ପିତ କରୁଥିବା ଲୋକଙ୍କ ଉପରେ ଚର୍ଚ୍ଚା କରିଛନ୍ତି । ପ୍ରଧାନମନ୍ତ୍ରୀ କହିଥିଲେ କି ଅଙ୍ଗଦାନ ଆଜିର ଦିନରେ ଅନ୍ୟକୁ ଜୀବନଦାନ ଦେବାର ଏକ ବଡ ମାଧ୍ୟମ ପାଲଟିଛି । ମୃତ୍ୟୁ ପରେ ଜଣେ ଲୋକର ଶରୀର ଦାନ ଫଳରେ ୮ରୁ ୯ଜଣ ଲୋକଙ୍କର ଜୀବନ ବଞ୍ଚିପାରୁଛି । ଏହି କ୍ରମରେ ସେ ଅଙ୍ଗଦାନ କରିଥିବା କିଛି ପରିବାର ସହିତ ଲାଇଭ କଥା ହୋଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି କି ଅଙ୍ଗଦାନକୁ ପ୍ରୋତ୍ସାହିତ କରିବାକୁ ପୁରା ଦେଶରେ ଏକ ନୂଆ ଯୋଜନା ଉପରେ କାମ ଚାଲିଛି । ଏହି କ୍ରମରେ ଅଙ୍ଗଦାନ କରୁଥିବା ବ୍ୟକ୍ତିଙ୍କ ପାଇଁ ସେହି ରାଜ୍ୟର ସ୍ଥାୟୀ ନିବାସୀ ହେବା ବାଧ୍ୟତାମୂଳକ ଆଇନକୁ ହଟାଇ ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି । ଏହାସହ ଅଙ୍ଗଦାନ ପାଇଁ ସର୍ବାଧିକ ବୟସ ସୀମା ୬୫ ବର୍ଷକୁ ମଧ୍ୟ ସମାପ୍ତ କରାଯାଇଛି । ଏବେ କୌଣସି ବୟସର ଲୋକ ଅଙ୍ଗଦାନ କରିପାରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ବିଜେଡି କଂଗ୍ରେସଠୁ ବଳିଗଲାଣି : ଜୁଏଲ

ଭୁବନେଶ୍ୱର, ୨୬/୦୩ (ନି.ପ୍ର): ବିଜେଡି କଂଗ୍ରେସଠୁ ବଳିଗଲାଣି ବୋଲି କହିଛନ୍ତି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ସୁନ୍ଦରଗଡ ସାଂସଦ ଜୁଏଲ ଓରାମ । ଭୁବନେଶ୍ୱର ଠାରେ ମନମୋହନ ସାମଲଙ୍କୁ ସମ୍ବର୍ଧନା ଦେବା ଅବସରରେ ଉଦବୋଧନ ଦେଇ ଶ୍ରୀ ଓରାମ କହିଛନ୍ତି ଯେ କଂଗ୍ରେସ ଅତ୍ୟାଚାର ଚରମ ସୀମାରେ ଥିବାରୁ ବିଜେଡିକୁ ଗଠନ କରିଥିଲୁ । ବିଜେଡି ଯିଏ ଗଠନ କରିଥିଲେ ସେମାନେ ଆଉ ନାହାନ୍ତି । ବିଜେଡି କଂଗ୍ରେସଠୁ ବଳି ଗଲାଣି । ରାଜ୍ୟରେ ବିକଳ୍ପ ସରକାର ଗଠନ ପାଇଁ ମିଳିତ ଲଢ଼େଇ କରିବା ବୋଲି ସେ ଆହ୍ୱାନ ଦେଇଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଗସ୍ତ : ୨୦୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ



ଭୁବନେଶ୍ୱର, ୨୬/୦୩ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ଗଞ୍ଜାମ ଜିଲ୍ଲା ଗସ୍ତ କରି ଛତ୍ରପୁର, ହିଞ୍ଜିଳି, ଓ କବି ସୂର୍ଯ୍ୟ ନଗର ଆଦି ସ୍ଥାନରେ ୨୦୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଛତ୍ରପୁର ରେ ୧୦୦୦ କୋଟି, ହିଂଜିଳିରେ ୫୯୦ କୋଟି ଓ କବି ଶୂର୍ଯ୍ୟ ନଗରରେ ୩୧୬ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ କରା ଯାଇଥିଲା। ଆଜି ମୁଖ୍ୟମନ୍ତ୍ରୀ ଗଞ୍ଜାମରେ ପ୍ରାୟ ୨୦ ହଜାର ଲୋକଙ୍କୁ ଗ୍ରାମ କଣ୍ଠ ଜମି ପଟ୍ଟା ପ୍ରଦାନ କରିଛନ୍ତି। ଛତ୍ରପୁର ରେ ୩୫୦୦ ପଟ୍ଟା, ହିଞ୍ଜିଳିରେ ୪୫୦୦ ପଟ୍ଟା ଓ କବି ସୂର୍ଯ୍ୟ ନଗରରେ ୧୧ ହଜାରରୁ ଅଧିକ ପଟ୍ଟା ଦିଆ ଯାଇଥିଲା। ଏହି ସବୁ ସ୍ଥାନରେ ଉପସ୍ଥିତ ଜନ ସାଧାରଣଙ୍କୁ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲ୍ଲାକୁ ରଜ୍ୟର ଏକ ଆଗୁଆ ଜିଲ୍ଲା ବୋଲି ମତ ଦେବା ସହିତ ଏହାକୁ ଦେଶର ଏକ ନମ୍ବର ଜିଲ୍ଲା କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ୫ଟି ସ୍କୁଲ୍ ରୂପାନ୍ତର ରାଜ୍ୟ ସରକାରଙ୍କ ଦୁଇଟି ମାଇଲ ଷ୍ଟୋନ ସଫଳତା । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରେ ବର୍ତ୍ତମାନ ସୁଦ୍ଧା ଗଞ୍ଜାମ ଜିଲ୍ଲାର ୫୦ ହଜାର ଲୋକ ଚିକିତ୍ସା ସୁବିଧା ପାଇଛନ୍ତି ଓ ଏଥିପାଇଁ ରାଜ୍ୟ ସରକାର ୧୯୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଛନ୍ତି ବୋଲି ସେ କହିଥଲେ। ସେହିପରି ୫ଟି ସ୍କୁଲ୍ ରୂପାନ୍ତର କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାର ୬୩୦ ଟି ▶▶ପୃଷ୍ଠା ୭

## ରାଜସ୍ଥାନରେ ପୁଣି ଭୂମିକମ୍ପ, ମଙ୍ଗଳବାର ହୋଇଥିଲା ପ୍ରଥମ ଝଟକା

ନୂଆଦିଲ୍ଲୀ, ୨୬/୦୩ : ରାଜସ୍ଥାନ ବିକାନେରରେ ଭୂକମ୍ପର ଝଟକା ପୁଣିଥରେ ଅନୁଭୂତ ହୋଇଛି । ରାଷ୍ଟ୍ରୀୟ ଭୂମିକମ୍ପ ବିଜ୍ଞାନ କେନ୍ଦ୍ରର ସୂଚନା ମୁତାବକ, ରେକ୍ଟର ସ୍କେଲରେ ଏହାର ତୀବ୍ରତା ୪.୨ ରହିଛି । ଗତ ମଙ୍ଗଳବାର ମଧ୍ୟ ରାଜସ୍ଥାନରେ ଭୂମିକମ୍ପର ଝଟକା ଅନୁଭୂତ ହୋଇଥିଲା । ଫଳରେ ଏଠାରେ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି । ଏହି ଭୂମିକମ୍ପରେ ଧନଜୀବନ କ୍ଷୟକ୍ଷତିର କୌଣସି ସୂଚନା ମିଳିନାହିଁ । ଗତ ମଙ୍ଗଳବାର ଏଠାରେ ଅନୁଭୂତ ହୋଇଥିବା ଭୂମିକମ୍ପର ପ୍ରଭାବ ଦିଲ୍ଲୀ ଏନସିଆର ସମେତ ଉତ୍ତରପ୍ରଦେଶ, ଜମ୍ମୁ-କାଶ୍ମୀର , ହିମାଚଳପ୍ରଦେଶ ମଧ୍ୟପ୍ରଦେଶ, ଉତତ୍ତରାଖଣ୍ଡ ସମେତ ପୁରା ଉତ୍ତର ଭାରତରେ ଅନୁଭୂତ ହୋଇଥିଲା । ଏହାର କେନ୍ଦ୍ରସ୍ଥଳ ଆଫଗାନୀସ୍ତାନର ହିନ୍ଦୁକୁଶଠାରେ ହୋଇଥିଲା ।

## ଇତିହାସ ରଚିଲା ଇସ୍ରୋ : ଉତ୍କ୍ଷେପଣ କଲା ସର୍ବବୃହତ ରକେଟ୍ ଲଞ୍ଚର ଏଲଭିଏମ-୩



ନୂଆଦିଲ୍ଲୀ, ୨୬/୦୩ : ମହାକାଶରେ ସବୁଠୁ ଲମ୍ବା ଡିଆଁ ମାରିଛି ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) । ଉତକ୍ଷେପଣ କରିଛି ୩୬ଟି ଓ୍ୱାନଓ୍ୱେବ ଉପଗ୍ରହକୁ ନେଇ ଯାଇପାରୁଥିବା ସବୁଠାରୁ ବଡ ରକେଟ୍ ଏଲଭିଏମ୍-୩ । ଏହା ସହ ରଚିଛି ଇତିହାସ । ଆଜି ସକାଳ ୯ଟାରେ ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ ମହାକାଶ କେନ୍ଦ୍ରରୁ ଏହି ରକେଟ୍ ଉତକ୍ଷେପଣ କରାଯାଇଛି । ପୃଥିବୀର ନିମ୍ନ କକ୍ଷପଥରେ ୭୨ଟି ଉପଗ୍ରହ ଉତକ୍ଷେପଣ ପାଇଁ ବ୍ରିଟେନର ନେଟଓ୍ୱର୍କ ଆକ୍ସେସ୍ ଆସୋସିଏଟ୍ସ ଲିମିଟେଡ୍ (ଓ୍ୱାନେୱବ୍ ଗ୍ରୁପ୍ କମ୍ପାନି) ଇସ୍ରୋର ବାଣିଜ୍ୟିକ ୟୁନିଟ୍ ନ୍ୟୁସ୍ପେସ୍ ଇଣ୍ଡିଆ ଲିମିଟେଡ୍ ସହ ଚୁକ୍ତି ସ୍ୱାକ୍ଷର କରିଛି । ଏହି ଚୁକ୍ତି ଅନୁଯାୟୀ ଏହି ୩୬ଟି ଉପଗ୍ରହ ମହାକାଶକୁ ଉତ୍ କ୍ଷେପଣ କରାଯାଉଛି। ଏଲ୍ଭିଏମ୍୩ ରକେଟ ୪୩.୫ ମିଟର ଉଚ୍ଚ ଏବଂ ୬୪୩ଟନ୍ ଓଜନ ବିଶିଷ୍ଟ । ଏହା ୫୮୦୫ କିଲୋଗ୍ରାମ ଓଜନର ୩୬ଟି ଜେନ୍୧ ସାଟେଲାଇଟକୁ ନେଇ ପୃଥିବୀର ନିମ୍ନ କକ୍ଷପଥରେ ସ୍ଥାପନ କରିବ ।ଏହା ପୂର୍ବରୁ ୨୦୨୨ ଅକ୍ଟୋବର ୨୩ରେ ଓ୍ୱାନ୍ ଓ୍ୱେବ୍ ଗ୍ରୁପ୍ କମ୍ପାନି ପାଇଁ ପ୍ରଥମ ୩୬ଟି ଉପଗ୍ରହ ଉତକ୍ଷେପଣ କରାଯାଇଥିଲା। ଏହି ଉତକ୍ଷେପଣ ପାଇଁ ଇସ୍ରୋକୁ ୧୦୦୦ କୋଟି ଟଙ୍କା ଶୁଳ୍କ ମିଳିଛି।

## ଭଗବାନ ରାମ ପରିବାରବାଦୀ ଥିଲେ କି ?



ନୂଆଦିଲ୍ଲୀ, ୨୬/୦୩ : ରାଜଧାନୀ ଦିଲ୍ଲୀରେ କଂଗ୍ରେସ ସଙ୍କଳ୍ପ ସତ୍ୟାଗ୍ରହ କରୁଛି । ଏହି ସତ୍ୟାଗ୍ରହରେ କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମୋଦୀ ସରକାର ଉପରେ ବର୍ଷିଛନ୍ତି । ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି, ବିଜେପି ସବୁବେଳେ ଗାନ୍ଧୀ ପରିବାର ଉପରେ ପରିବାରବାଦ ଏବଂ ବଂଶବାଦର ରାଜନୀତି କରୁଥିବାର ଅଭିଯୋଗ ଲଗାଉଛି । ତେବେ ମୁଁ ପଚାରିବାକୁ ଚାହୁଁଛି କଣ ଶାସକ ବିଜେପି ଭଗବାନ ରାମଙ୍କ ବାବଦରେ ବି ଏହା ଭାବିଥାଏ କି ? କଣ ଆପଣ ବି ଭଗବାନ ରାମଙ୍କୁ ପରିବାରବାଦ ପାଇଁ ଦୋଷୀ କହିବେ କି ? ସଙ୍କଳ୍ପ ସତ୍ୟାଗ୍ରହରେ ଭାଷଣ ଦେବା ବେଳେ ପ୍ରିୟଙ୍କା ଗାନ୍ଧୀ କହିଛନ୍ତି ବିଜେପି ଆମକୁ ପରିବାରବାଦୀ ବୋଲି କହିଥାନ୍ତି, ତେବେ ଭଗବାନ ରାମ ତାହାଲେ କିଏ ଥିଲେ ? ଭଗବାନ ରାମଙ୍କୁ ବନବାସ ପଠାଯାଇଥିଲା । ଭଗବାନ ରାମ ନିଜ ପୃଥିବୀ ଏବଂ ପରିବାର ପାଇଁ ଧର୍ମ ପାଳନ କରିଥିଲେ । ତେବେ କଣ ପ୍ରଭୁ ରାମ ପରିବାରବାଦୀ ଥିଲେ ? ତେବେ କଣ ପାଞ୍ଚ ପାଣ୍ଡବ ମଧ୍ୟ ପରିବାରବାଦୀ ? ଏ ସମସ୍ତେ ନିଜ ପରିବାରର ରକ୍ଷା ଏବଂ ସଂସ୍କାର ପାଇଁ ଲଢେଇ କରିଥିଲେ ।

## ଦୁର୍ଘଟଣାରୁ ବର୍ତ୍ତିଲା ହେଲିକପ୍ଟର ଧ୍ରୁବ: କୋଚିରେ ଜରୁରୀ ଅବତରଣ

ନୂଆଦିଲ୍ଲୀ, ୨୬/୦୩ : ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲା ଭାରତୀୟ ତଟରକ୍ଷୀ ବାହିନୀର ହେଲିକପ୍ଟର। ଜରୁରୀ ଅବତରଣ କରାଇଲେ ପାଇଲଟ୍। ଭାରତୀୟ କୋଷ୍ଟ ଗାର୍ଡ ଅଧିକାରୀଙ୍କ ସୂଚନା ଅନୁସାରେ, ଆଜି କେରଳର କୋଚିରେ ପାଇଲଟ୍ ମାର୍କ-ଥ୍ରୀ ହେଲିକପ୍ଟର ଏଏଲଏଚ୍ ଧ୍ରୁବର ପରୀକ୍ଷଣ କରୁଥିଲେ। ଏହି ସମୟରେ କୌଣସି କାରଣରୁ ହେଲିକପ୍ଟର ଉପରୁ ନିୟନ୍ତ୍ରଣ ହରାଇଥିଲେ। ପରେ ବାଧ୍ୟ ହୋଇ ହେଲିକପ୍ଟରକୁ ଜରୁରୀ ଅବତରଣ କରିବାକୁ ପଡିଥିଲା। ମିଳିଥିବା ସୂଚନା ଅନୁସାରେ, ହେଲିକପ୍ଟରଟି ୨୫ ଫୁଟ ଉପରେ ଥିବା ବେଳେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ପାଇଲଟ୍ ଅତି ସତର୍କତାର ସହ ହେଲିକପ୍ଟରର ଜରୁରୀ ଅବତରଣ କରାଇଥିଲେ ଏବଂ ନିଶ୍ଚିତ ଏକ ବଡ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲା ହେଲିକପ୍ଟର। ଗୁରୁତ୍ୱପୂର୍ଣ୍ଣ ହେଉଛି ଯେ, ଏଥିରେ କେହି ମୃତାହତ ହୋଇନାହାନ୍ତି।

## କମିଶନରେଟ ପୋଲିସର ଏନକାଉଂଟର



ଭୁବନେଶ୍ୱର, ୨୬/୦୩ (ନି.ପ୍ର): ଶନିବାର ବିଳମ୍ବିତ ରାତ୍ରୀରେ ରାଜଧାନୀରେ ବନ୍ଧୁକ ଗର୍ଜିଛି । ପୋଲିସ ଗୁଳିରେ ହାର୍ଡକୋର ଅପରାଧି ଜିତେନ୍ଦ୍ର ପଲେଇ ଓରଫ ଜିତୁ ଆହତ ହୋଇଥିବା ଜଣା ପଡିଛି । ମିଳିଥିବା ସୂଚନା ଅନୁସାରେ ଖାରବେଳନଗର ଥାନାରେ ବମିଙ୍ଗ ସହ ଜୀବନରୁ ମାରିଦେବା ପାଇଁ ଧମକ ଦେବା ଭଳି ଅନେକ ମାମଲାରେ ଜିତୁର ସମ୍ପୃକ୍ତି ଥିଲା । ଫେରାର ଥିବା ଜିତୁ ଆଜି ଭୁବନେଶ୍ୱର ଆସୁଥିବା ବେଳେ ଟଙ୍କପାଣି ରୋଡ଼୍ ନିକଟରେ ଜିତୁର କାରକୁ ପୋଲିସ ଠାବ କରିଥିଲା । ଆଉ ଠିକ ଏହି ସମୟରେ ପୋଲିସ ପଞ୍ଝାରୁ ଜିତୁ ବଞ୍ଚିବା ପାଇଁ ବଙ୍କୁଆଲ କୁଆଖାଇ ନଦୀ ଆଡ଼କୁ ଗାଡି ଚଢାଇବା ସମୟରେ ନିଜକୁ ସୁରକ୍ଷିତ ରଖିବା ପାଇଁ ପୋଲିସ ଅଧିକାରୀଙ୍କ ଉପରକୁ ଜିତୁ ଆଖିବୁଜା ଗୁଳି ଚାଳନା କରିଥିଲା ପରେ ନିଜକୁ ରକ୍ଷା କରିବାକୁ ଯାଇ ଖାରବେଳନଗର ଥାନାର ଥାନା ଅଧିକାରୀ ରଜନୀକାନ୍ତ ମିଶ୍ର ପାଲଟା ଗୁଳି ଚାଳନା କରିଥିଲେ । ଆଉ ଏହି ଏନକାଉଂଟରରେ ଅଭିଯୁକ୍ତ ଜିତୁ ପଲେଇ ଗୁରୁତର ଭାବେ ଆହତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣା ଯାଇଛି ।

## ସାରା ଓଡ଼ିଶାରେ କଂଗ୍ରେସର ସତ୍ୟାଗ୍ରହ



ଭୁବନେଶ୍ୱର, ୨୬/୦୩ (ନି.ପ୍ର): ସଂସଦରେ ରାହୁଲ ଗାନ୍ଧୀ ମାର୍ଚ୍ଚମାସ ୭ ତାରିଖ ୨୦୨୩ ମସିହାରେ ନରେନ୍ଦ୍ର ମୋଦି ଓ ଆଦାନୀଙ୍କ ସମ୍ପର୍କକୁ ନେଇ ଯେଉଁ ପ୍ରଶ୍ନ ପଚାରିଥିଲେ ଏବଂ ୨୦ ହଜାର କୋଟି ଟଙ୍କା ଆଦାନୀ ସଂପର୍କୀୟଙ୍କ ଦ୍ୱାରା ପରିଚାଳିତ ସେଲ କମ୍ପାନୀ ମାଧ୍ୟମରେ ଯେଉଁ ୨୦ ହଜାର କୋଟି ଟଙ୍କା ଆଦାନୀ ଗ୍ରୁପ ଅଫ କମ୍ପାନୀଜ୍‌କୁ ଆସିଛି ଏ ଟଙ୍କା କାହାର ? ଏହା କେବେହେଲେ ଆଦାନୀଙ୍କୁ ନୁହେଁ। ଏହି ଝଡ଼କୁ ସାମନା କରିବା ପରିବର୍ତ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କ ସରକାର ରାହୁଲ ଗାନ୍ଧୀଙ୍କୁ ଭୟକରି ପ୍ରଥମଥର ପାଇଁ ସ୍ୱାଧୀନ ଭାରତ ବର୍ଷରେ ସରକାରୀ ଦଳ ସାଂସଦକୁ ଦୀର୍ଘଦିନ ଅଚଳ କରି ରଖିଲେ। ଏବଂ ୨୦୧୯ ମସିହା ଅପ୍ରେଲ ମାସ ୧୩ ତାରିଖରେ କୋଲାରରେ ନିର୍ବାଚନୀ ସଭାରେ ଭାଷଣ ଦେଲାବେଳେ କହିଥିଲେ କାହିଁକି କେତେକ ଚୋରଙ୍କର ସାଇଙ୍ଗା ମୋଦି ବୋଲି କିନ୍ତୁ ସେ କେବେହେଲେ ସବୁ ମୋଦି ନାମଧାରୀ ଚୋର ବୋଲି କହିନଥିଲେ। କିନ୍ତୁ ଏହି ଘଟଣାକୁ ନେଇ ୨୦୧୯ ଅପ୍ରେଲ ମାସ ବିଜେପି ବିଧାୟକ ପୂର୍ଣ୍ଣେସ ମୋଦି ସୁରଟର ଏକ ସେସନ କୋର୍ଟରେ ଏକ ମାନହାନୀ ମୋକଦ୍ଦମା ଦାୟର କରିଥିଲେ। ଏ ମକଦ୍ଦମା ଉପରେ ନିଜେ ଅଭିଯୋଗକାରୀ ଗୁଜୁରାଟ ହାଇକୋର୍ଟରୁ ଏ କେଶର ଶୁଣାଣିକୁ ବନ୍ଦ କରିବାପାଇଁ ଷ୍ଟେ ଆଣିଥିଲେ। କିନ୍ତୁ ଫେବୃଆରୀ ମାସ ୭ ତାରିଖ ଲୋକସଭାରେ ଆଦାନୀ ସଂପର୍କୀତ ପ୍ରଶ୍ନ ଉତ୍ଥାପନ ପରେ ସରକାର ଏହି ଶିଥିଳ ପଡ଼ିଥିବା ମାନହାନୀ ମକଦ୍ଦମାକୁ ▶▶ପୃଷ୍ଠା ୭

## କେନ୍ଦୁଝରରେ ମହାବଳ, ଝାସରୁଗୁଡାରେ ହାତୀ, ନୂଆପଡାରେ ବାଘ ଆତଙ୍କ

ଭୁବନେଶ୍ୱର, ୨୬/୦୩ (ନି.ପ୍ର): କେନ୍ଦୁଝରରେ ମହାବଳ, ଝାସରୁଗୁଡାରେ ହାତୀ, ନୂଆପଡାରେ ବାଘ । ରାଜ୍ୟର ତିନିଟି ସହରରେ ଏବେ ଜଙ୍ଗଲୀ ଜନ୍ତୁଙ୍କୁ ନେଇ ଆତଙ୍କର ବାତାବରଣ । କେଉଁଠି ଜନବସତି ଆଡକୁ ଜଙ୍ଗଲୀ ଜନ୍ତୁ ଚାଲିଆସୁଛି ତ ଆଉ କେଉଁଠି ଜଙ୍ଗଲକୁ ଯାଇ ମଣିଷ ଜଙ୍ଗଲି ଜନ୍ତୁଙ୍କ ହାବୁଡରେ ପଡୁଛି । କେନ୍ଦୁଝର ଜିଲ୍ଲା ଘଟଗାଁ ବନାଞ୍ଚଳରେ ବାଘ ଆତଙ୍କ । ଅଟେଇ ସଂରକ୍ଷିତ ଜଙ୍ଗଲରେ ମାତିଛି ମହାବଳ । ଜଙ୍ଗଲକୁ ଚରିବାକୁ ଯାଇଥିବା ମଇଁଷି ପଲରୁ ୪ଟି ମଇଁଷିକୁ ବାଘ ଶିକାର କରିଥିବା ସନ୍ଦେହ କରାଯାଉଛି । କାରଣ କିଛି ଦିନ ତଳେ ଅଟେଇ ସଂରକ୍ଷିତ ଜଙ୍ଗଲରେ ଲାଗିଥିବା ଟ୍ରାକ କ୍ୟାମେରାରେ ମହାବଳ ବାଘର ଫଟୋ ଉଠିଥିଲା । ଏବେ ବନବିଭାଗ ପକ୍ଷରୁ ଅଟେଇ ସଂରକ୍ଷିତ ଜଙ୍ଗଲର ୪ଟି ରାସ୍ତାରେ ଚଳପ୍ରଚଳ ▶▶ପୃଷ୍ଠା ୭

# ସମ୍ବଲପୁର-ଅନୁଗୁଳ-କଟକ ୫୫ ନମ୍ବର ଜାତୀୟ ରାଜପଥ : ଗାୟତ୍ରୀ ଗଲା, ଅଗ୍ରୱାଲ ବି ଆଗଉନି



ସମ୍ବଲପୁର , ୨୬/୦୩ (ନି.ପ୍ର): ବର୍ଷେ ଅଧେ ନୁହେଁ, ରାଜପଥ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହେବାକୁ ୬ ବର୍ଷ ବିତିଗଲାଣି । ତଥାପି, ପଶ୍ଚିମ ଓଡ଼ିଶାକୁ ପୂର୍ବ ଓଡ଼ିଶା ସହିତ ଯୋଡୁଥିବା ସମ୍ବଲପୁର-ଅନୁଗୁଳ-କଟକ ୫୫ ନମ୍ବର ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁ ନାହିଁ । ଶୋଚନୀୟ ଅବସ୍ଥାରେ ଏହି ରାଜପଥରେ ଗତ ୨ ବର୍ଷ ମଧ୍ୟରେ ୩୧୯ଟି ଦୁର୍ଘଟଣା ଘଟିଥିବା ବେଳେ ୧୯୯ ଜଣଙ୍କ ମୂଲ୍ୟବାନ ଜୀବନ ଅସମୟରେ ଚାଲିଯାଇଛି । ଠିକାସଂସ୍ଥା ଗାୟତ୍ରୀ ପ୍ରୋଜେକ୍ଟସ୍ ଧୋକା ଦେଇ ଚାଲିଯିବା ପରେ ଅଗ୍ରୱାଲ ଇନ୍‌ଫ୍ରାକୋର ଦାୟିତ୍ୱ ନେବାକୁ ୮ ମାସ ବିତିଗଲାଣି । ତଥାପି, ନିର୍ମାଣ କାର୍ଯ୍ୟରେ ବିଶେଷ ଅଗ୍ରଗତି ଘଟି ନାହିଁ । ମାର୍ଚ୍ଚ ୨୦୨୩ ଶେଷ ସୁଦ୍ଧା ଅନ୍ତତଃ ଦୁଇ ଲେନ୍ ରାସ୍ତା ନିର୍ମାଣ ସାରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ତାହା ବି ସଂପୂର୍ଣ୍ଣ ହୋଇପାରି ନାହିଁ ।

ଗତ ୨୦୧୬ ମସିହାରେ ଶୋଚନୀୟ ଅବସ୍ଥାରେ ଥିବା ସମ୍ବଲପୁର-କଟକ ୫୫ ନମ୍ବର ଜାତୀୟ ରାଜପଥ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏନ୍‌ଏଚ୍‌ଏଆଇ ପ୍ରଥମ ପର୍ଯ୍ୟାୟରେ ସମ୍ବଲପୁର-ଅନୁଗୁଳ ରାଜପଥ ଓ ଦ୍ୱିତୀୟ ପର୍ଯ୍ୟାୟରେ ଅନୁଗୁଳରୁ କଟକ ରାସ୍ତା ନିର୍ମାଣ ନିମନ୍ତେ ଟେଣ୍ଡର ଡାକିଥିବା ବେଳେ ଉଭୟ ଠିକା କାମ ଗାୟତ୍ରୀ ପ୍ରୋଜେକ୍ଟସ ହାତେଇ ଥିଲା । ସମ୍ବଲପୁର-ଅନୁଗୁଳ ୧୫୧ କିଲୋମିଟର ରାସ୍ତା ପାଇଁ ୧୨୫୫ କୋଟି ଟଙ୍କାରେ ଠିକା ନେଇ ଗାୟତ୍ରୀ ପ୍ରଜେକ୍ଟସ୍ କାର୍ଯ୍ୟାଦେଶ ମିଳିଥିବା ବେଳେ କାମ ଆରମ୍ଭ ବେଳକୁ ୨୦୧୭ ମସିହ ହୋଇଯାଇଥିଲା । ଇତିମଧ୍ୟରେ ୫ ବର୍ଷ ପରେ ବି କାମ ସଂପୂର୍ଣ୍ଣ କରିପାରି ନାହିଁ । ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ଅବଧି ସରିବା ପରେ ୩ ଥର ସଂପ୍ରସାରଣ କରାଯାଇଥିଲେହେଁ କାମ ସାରିପାରିନଥିଲା । ଦୀର୍ଘ ୯ ମାସ କାମ ବନ୍ଦ ପଡ଼ିବା ପରେ ଜନ ଅସନ୍ତୋଷକୁ ଦୃଷ୍ଟିରେ ରଖି ଗତ ୨୫ ଏପ୍ରିଲ ୨୦୨୨ରେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ(ଏନ୍‌ଏଚ୍‌ଏଆଇ) ପକ୍ଷରୁ ଗାୟତ୍ରୀ ପ୍ରୋଜେକ୍ଟସ୍‌କୁ ନୋଟିସ୍ ଦେଇ ୧୫ ଦିନ ମଧ୍ୟରେ କାମ ଆରମ୍ଭ କରିବାକୁ ଚରମବାଣୀ ଶୁଣାଇ ଥିଲା । ଗାୟତ୍ରୀ ପ୍ରୋଜେକ୍ଟସ୍ ଆହୁରି ୧୫ ଦିନ ସମୟ ନେଇନଥିଲେ ବି କାମ ଆରମ୍ଭ କରିପାରିନଥିଲା । ରାଜପଥର ଶୋଚନୀୟ ଅବସ୍ଥା ଯୋଗୁ ଦୁର୍ଘଟଣା ନିତିଦିନିଆ ହୋଇଯିବା ପରେ ସମ୍ବଲପୁରରୁ ଅନୁଗୁଳ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଲୋକେ ଆନ୍ଦୋଳନକୁ ଓହ୍ଲାଇ ଥିଲେ । ଏଭଳି ସ୍ଥିତିରେ ଏନ୍‌ଏଚ୍‌ଏଆଇ ଆଉ ଗାୟତ୍ରୀ ପ୍ରୋଜେକ୍ଟସ୍‌କୁ ଛାଡ଼ି ଅନ୍ୟ ବିକଳ୍ପ ଚିନ୍ତା କରିଥିଲା । ପରିଶେଷରେ ଏନ୍‌ଏଚ୍‌ଏଆଇ ଆବଶ୍ୟକ ସରକାରୀ ପ୍ରକ୍ରିୟା ପରେ ଗତ ଜୁଲାଇ ୨୦୨୨ରେ ନୂଆ ଠିକାସଂସ୍ଥା ଅଗ୍ରୱାଲ ଇନ୍‌ଫ୍ରାକୋରକୁ ରାଜପଥ ନିର୍ମାଣ ଦାୟିତ୍ୱ ଦେଇଥିଲା ।

ସମ୍ବଲପୁରରୁ ଅନୁଗୁଳ ୧୫୧ କିଲୋମିଟର ରାସ୍ତା(ଉଭୟ ପାର୍ଶ୍ୱ ହିସାବକୁ ନେଲେ ସର୍ବମୋଟ ୩୦୨ କିଲୋମିଟର) ମଧ୍ୟରୁ ଅନ୍ତତଃ ୨ ଲେନ୍ ରାସ୍ତା ମାର୍ଚ୍ଚ ସୁଦ୍ଧା ସଂପୂର୍ଣ୍ଣ କରିବାକୁ ଗତ ଜାନୁଆରି ପ୍ରଥମ ସପ୍ତାହରେ ସମୀକ୍ଷା ବୈଠକରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଏନ୍‌ଏଚ୍‌ଏଆଇକୁ ନିର୍ଦ୍ଦେଶ ଦେଇଥିଲେ । ହେଲେ, ଅଗ୍ରୱାଲ ଇନ୍‌ଫ୍ରାକୋର ବି ଏ ଦିଗରେ ଫେଲ୍ ମାରିଛି । ହାତୀ ଚଳାଚଳ ଏବଂ ରେଳପଥ ନିମନ୍ତେ ନିର୍ମାଣ ହେବାକୁ ଅଣ୍ଡର ପାସ୍ ନିର୍ମାଣ ଆଗେଇ ପାରି ନାହିଁ । ଏ ସଂକ୍ରାନ୍ତରେ ଏନ୍‌ଏଚ୍‌ଏଆଇର ପ୍ରକଳ୍ପ ନିର୍ଦ୍ଦେଶକ ନାଗେଶ୍ୱର ରାଓଙ୍କୁ ପଚାରିବାରୁ ସେ କହିଲେ, ଡିସେମ୍ବର ୨୦୨୩ ମଧ୍ୟରେ କାମ ସାରିବାକୁ ଲକ୍ଷ୍ୟ ରହିଛି । ଏପର୍ଯ୍ୟନ୍ତ ୧୨୦ କିଲୋମିଟର ରାସ୍ତା କାମ ସଂପୂର୍ଣ୍ଣ ହୋଇଛି । ଆସନ୍ତା ଏପ୍ରିଲ ପ୍ରଥମ ସପ୍ତାହରୁ ଅଣ୍ଡର ପାସ୍ କାମ ଆରମ୍ଭ ହେବ । ଏଥିପାଇଁ ଆବଶ୍ୟକ ପ୍ରସ୍ତୁତି ଚାଲିଛି ବୋଲି ବୋଲି ଶ୍ରୀ ରାଓ କହିଛନ୍ତି ।

## ପ୍ରଶାନ୍ତି ମେଡିକାଲ ସେବା ଫାଉଣ୍ଡେସନ୍ ସହିତ ଏମ୍‌ଓୟୁ: ଜାରି ରହିବ ମାଗଣା ହୃଦ୍‌ରୋଗ ଚିକିତ୍ସା

ଭୁବନେଶ୍ୱର , ୨୬/୦୩ (ନି.ପ୍ର): ହୃଦ୍‌ରୋଗ ସମସ୍ୟା ଥିବା ବ୍ୟକ୍ତିମାନଙ୍କ ପୂର୍ବଭଳି ମାଗଣାରେ ଚିକିତ୍ସା ଜାରି ରହିବ । ଏଥିପାଇଁ ରାଜ୍ୟ ସରକାର ପ୍ରଶାନ୍ତି ମେଡିକାଲ ସେବା ଓ ଗବେଷଣା ଫାଉଣ୍ଡେସନ୍ ସହିତ ୨୦୧୮ରୁ ୨୦୨୨ ମସିହା ସହିତ ଏମ୍‌ଓୟୁ କରିଥିଲେ । ଏଥିରେ ୯୪୦ଜଣ ଶିଶୁ ହୃଦ୍‌ରୋଗୀ ଓ ୨୫୬ଜଣ ବୟସଙ୍କ ସଫଳ ଅସ୍ତ୍ରୋପଚାର କରାଯାଇଛି । ତେବେ ରାଜ୍ୟ ସରକାର ତୃତୀୟଥର ଲାଗି ପ୍ରଶାନ୍ତି ମେଡିକାଲ ଫାଉଣ୍ଡେସନ୍ ସହିତ ଏମ୍‌ଓୟୁ କରିଛନ୍ତି । ଏହି ଅବଧି ଚଳିତବର୍ଷ ଫେବ୍ରୁଆରି ୨ତାରିଖରୁ ୨୦୨୫ ମସିହା ଫେବ୍ରୁଆରି ପର୍ଯ୍ୟନ୍ତ ଜାରି ରହିବ ।

ରାଜ୍ୟ ସରକାରଙ୍କ ବର୍ଷକୁ ୫ଶହ ଶିଶୁ ଓ ବୟସ୍କ ହୃଦ୍‌ରୋଗୀ ସମସ୍ୟା ଥିବା ବ୍ୟକ୍ତିଙ୍କୁ ମାଗଣାରେ ଅସ୍ତ୍ରୋପଚାର ସୁବିଧା ମିଳିବ । ଏଥିରେ ପୂର୍ବ ଓ ପର ମେଡିକାଲ ଡାଏଗ୍ନୋସିସ୍, ପରୀକ୍ଷା, ଅସ୍ତ୍ରୋପଚାର, ଷ୍ଟେଣ୍ଟ ଓ ଇମ୍ପ୍ଲାଣ୍ଟ ପ୍ରଭୃତି ମାଗଣାରେ ଯୋଗାଇ ଦିଆଯିବ । ଶିଶୁମାନେ ଅହମଦାବାଦସ୍ଥିତ ଶ୍ରୀ ସତ୍ୟସାଇ ହାର୍ଟ ହସ୍ପିଟାଲ ଓ ବୟସ୍କମାନଙ୍କୁ ରାଜକୋଟସ୍ଥିତ ଶ୍ରୀ ସତ୍ୟସାଇ ହାର୍ଟ ହସ୍ପିଟାଲରେ ଚିକିତ୍ସା କରାଯିବ । ରୋଗୀଙ୍କ ଯାତାୟତ ଖର୍ଚ୍ଚକୁ ରାଜ୍ୟ ସରକାର ଭରଣା କରିବେ । ମାତ୍ର ତାଙ୍କ ସହିତ ରହିଥିବା କେୟାର ଟେକରଙ୍କ ଗସ୍ତ ଓ ଅନ୍ୟାନ୍ୟ ଖର୍ଚ୍ଚ ସରକାରଙ୍କ ପକ୍ଷରୁ ଭରଣା କରାଯିବ ନାହିଁ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।



## ବିଶ୍ୱ ଯକ୍ଷ୍ମା ଦିବସ ପାଳନ

ଝାରସୁଗୁଡ଼ା, ୨୬/୦୩ (ନି.ପ୍ର): ଜିଲ୍ଲା ସ୍ତରୀୟ ବିଶ୍ୱ ଯକ୍ଷ୍ମା ଦିବସ ପାଳନ ଅବସରରେ ଶୋଭାଯାତ୍ରା , ସଭା ଓ ଆଲୋଚନା ଚକ୍ର ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସକାଳେ ଜିଲ୍ଲା କାର୍ଯ୍ୟାଳୟଠାରୁ ବେହେରମାଲ ଛକ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ସରୋଜ କୁମାର ସାମଲ ପତାକା ଦେଖାଇ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ 'ହଁ ଆମେ ଯକ୍ଷ୍ମା ମୁକ୍ତ କରିପାରିବୁ' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ପ୍ରବୀର କୁମାର ନାୟକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଯକ୍ଷ୍ମା ମୁକ୍ତ ଝାରସୁଗୁଡା ଗଠନ ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଡୋଲାମଣି ପଟେଲ ଯକ୍ଷ୍ମା ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରାଧାରମଣ ବିର୍ତିଆ, ଡାକ୍ତର ସୁପ୍ରଭା ବାରିକ, ଡାକ୍ତର ରବୀନ୍ଦ୍ର ନାଥ ମାଝୀ ,ଡାକ୍ତର ମଧୁଲିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଯକ୍ଷ୍ମା ରୋଗର ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡାକ୍ତର ଜିଆଉଲ୍ ହକ୍, ଡାକ୍ତର ଏମ୍ ଯେ ଦୋରା,ଡାକ୍ତର ଆଶିଷ ସିହ୍ନାଙ୍କୁ ସମ୍ମାନିତ କରାଯାଇଥିଲା । ସ୍ଥାନୀୟ ବିଦ୍ୟାଳୟର ଛାତ୍ର ଛାତ୍ରୀ ଯୋଗଦେଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ବକ୍ତୃତା ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ଓ ଶ୍ରେଷ୍ଠ ଆଶାଙ୍କୁ ସମ୍ମାନିତ କରାଯାଇଥିଲା । ଏଥିରେ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ବୁଲୁନଥ ସାହୁ, ଡିପିସି ରେଷ୍ମା ରଣା, ଆଲୋକ ଝରିଆ, ଅଜିତ ବିଶ୍ୱାଳଙ୍କ ସମେତ ବହୁ କର୍ମକର୍ତା ଉପସ୍ଥିତ ଥିଲେ ।

## ସମବାୟ ବ୍ୟାଙ୍କିଙ୍ଗ୍ ସେବା ଓ ଋଣ କର୍ମଶାଳା

କେନ୍ଦ୍ରାପଡ଼ା, ୨୬/୦୩ (ନି.ପ୍ର): ବଗଡା ପ୍ରାଥମିକ କୃଷି ସମବାୟ ସମିତିରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିମିଟେଡ୍ ଆନୁକୂଲ୍ୟରେ ସମବାୟ ବ୍ୟାଙ୍କିଙ୍ଗ୍ ସେବା ଓ ଋଣ କର୍ମଶାଳା ଓ ଋଣ ଆଦାୟ ମେଳା ଅନୁଷ୍ଠିତ ହୋଇଯାଇଛି । ସମିତିର ସଭାପତି ଇଂ ଅକ୍ଷୟ କୁମାର ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ କଟକ ସିସିବି ବ୍ୟାଙ୍କର ମୁଖ୍ୟ ପରିଚାଳକ ତାପସ ପ୍ରସାଦ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମବାୟ ବ୍ୟାଙ୍କିଙ୍ଗ ସେବାର ଉପେଯାଗିତା ତଥା ବିନା ସୁଧରେ ଚାଷୀଙ୍କୁ ମିଳୁଥିବା ୧ ଲକ୍ଷ ଟଙ୍କା ଋଣ ବ୍ୟବସ୍ଥାକୁ ବ୍ୟାପକ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସଂପାଦକ କାଳନ୍ଦୀ ଚରଣ ବିଶ୍ୱାଳ କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ନିର୍ଦ୍ଦେଶକ ସୁଧିର ଚନ୍ଦ୍ର ସ୍ୱାଇଁ, ଧରଣୀଧର ସାହୁ, ଜୟନ୍ତ ପରିଡା, ପ୍ରତାପ ନାୟକ, ପ୍ରାକ୍ତନ ସମିତିସଭ୍ୟ ସୁରେନ୍ଦ୍ର ନାଥ ଜେନା ପ୍ରମୁଖ ଉପସ୍ଥିତ ରହି ସମିତିର ଅଗ୍ରଣୀ ଚାଷୀମାନେ ଏହି କର୍ମଶାଳାରେ ଅଂଶ ଗ୍ରହଣ କରିଥିଲେ । ସହ ସଂପାଦକ ଦୟାନିଧି ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଜୟ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ପଂଚାୟତ ପ୍ରତିନିଧିମାନଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

କନ୍ଧମାଳ, ୨୬/୦୩ (ନି.ପ୍ର): ଫୁଲବାଣୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ଜିଲ୍ଲା ପରିଷଦ କନ୍ଧମାଳଙ୍କ ମିଳିତ ସହଯୋଗ ଓ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ଏବଂ ପଂଚାୟତି ରାଜ ବିଭାଗ ଓଡିଶାଙ୍କ ସହାୟତାରେ ଏବଂ ଜିଲ୍ଲା ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପରିଚାଳକ ମନୋଜ କୁମାର ପ୍ରଧାନଙ୍କ ତତ୍ୱାବଧାନ ରେ ବନ୍ଧଗଡ ଠାରେ ଥିବା ତାଲିମ୍ କେନ୍ଦ୍ରରେ । ପଂଚାୟତ ପ୍ରତିନିଧି ମାନଙ୍କ ତିନଦିନିଆ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଜାଇଅଛି । ଏହି କାର୍ଯ୍ୟକ୍ରମ ରେ କନ୍ଧମାଳ ଜିଲ୍ଲା ପରିଷଦ ଉପାଧକ୍ଷା ସାଇବାଣୀ ନାୟକ ଉପସ୍ଥିତ ରହି ଗ୍ରାମ ପଂଚାୟତ ର ଉନ୍ନତି ମୁଳକ ଯୋଜନା ପଡାର ଶେଷ ପରିବାର ପାଖରେ ପହଂଚାଇବାରେ ପଂଚାୟତ ପ୍ରତିନିଧି ମାନଙ୍କର ଥିବା ଭୂମିକା ଗୁରୁତ୍ୱପୁର୍ଣ୍ଣ ବୋଲି କହିଥିଲେ । ଏହି ତାଲିମ ର ମୂକ୍ଷ ଉଦେଶ୍ୟ ବାଦ ପଡିଜାଇଥିବା ସରପଂଚ, ସମିତି ସଭ୍ୟସଭ୍ୟା ଓ ଓ୍ୱାଡ୍ ସଭ୍ୟସଭ୍ୟାମାନଙ୍କୁ ଏକାଠି କରି ସଶକ୍ତ ଓ ମୋ ସ୍ୱପ୍ନ ର ପଂଚାୟତ ଗଢିବା ପାଇଁ ଗ୍ରାମ ପଂଚାୟତ ସହ ମିଶି, ଗ୍ରାମ ସ୍ତରରୁ ଏକ ସଠିକ ଯୋଜନା ପ୍ରସ୍ତୁତ କରି ଜନସାଧାରଣ ଙ୍କ ପାଖରେ ସୁବିଧା ସୁଯୋଗ ପହଂଚାଇବା । ଅନୁଷ୍ଠାନର ସଂପାଦକ ଇଂ. ହରିଶଙ୍କର ରାଉତ ପ୍ରଶିକ୍ଷଣରେ ଉପସ୍ଥିତ ରହି ରାଜନିତିକୁ ଆସିଥିବା ଯୁବପିଢିମାନେ କିପରି ଆନ୍ତରିକତାର ସହ ଭୋଟର ମାନଙ୍କ ସହ ଯୋଡିହୋଇ ସରକାରଙ୍କ ର ବିଭିନ୍ନ କାର୍ଯ୍ୟକ୍ରମକୁ ଗ୍ରାମ ସ୍ତରରେ ପହଂଚାଇ ସ୍ୱଚ୍ଛ ଓ ସୁନ୍ଦର ଗାଁ ଗଢିତୋଳିବେ ତାହା ଆହ୍ୱାନ ଦେଇଥିଲେ । ଏହି ପ୍ରଶିକ୍ଷଣରୁ କିଛି ଅନୁଭୁତି ନେଇ ଗ୍ରାମପଂଚାୟତକୁ ଏକ ପରିବର୍ତନଶୀଳ କରିବା ପାଇଁ ଆଜିଠାରୁ ଚେଷ୍ଟା କରିବାକୁ ଅନୁରୋଧ କରିଥିଲେ । ଉକ୍ତ ତାଲିମ୍ କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ, ଫୁଲବାଣୀ ଓ ଖଜୁରିପଡା ଭଳି ୩ଟି ବ୍ଲକର ୫୫ ରୁ ଉର୍ଦ୍ଧ ପଂଚାୟତ ପ୍ରତିନିଧି ମାନେ ଯୋଗ ଦେଇଥିବା ବେଳେ ବେଳେ ତାଲିମଦାତା ଭାବେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ଦ୍ୱାରା ତାଲିମ ପ୍ରାପ୍ତ ମନୋଜ କୁମାର ପଟ୍ଟନାୟକ ଓ ଜ୍ୟୋସ୍ନାରାଣୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଆଜିପର୍ଯ୍ୟନ୍ତ ଫିରିଙ୍ଗିଆ, ଫୁଲବାଣୀ ଓ ଖଜୁରିପଡା ପଂଚାୟତ ସମିତି ର ୪୯ ଗୋଟି ପଂଚାୟତରୁ ୩୫ ଗୋଟି ପଂଚାୟତ ର ସମସ୍ତ ଓ୍ୱାର୍ଡ ମେମ୍ବର ମାନଙ୍କୁ ପ୍ରଶିକ୍ଷଣ ପ୍ରାଦନ ସରିଥିବା ବେଳେ, ପର୍ଯ୍ୟାୟ କ୍ରମେ ଖଜୁରିପଡା ବ୍ଲକର ୧୪ ଗୋଟି ପଂଚାୟତ ର ସଭ୍ୟ ଓ ସଭ୍ୟା ଙ୍କୁ ଆଗାମୀ ଫେବ୍ରୁଆରୀ ମାସ ପ୍ରଶିକ୍ଷଣ ପାଇଁ ଯୋଜନା କରାଯାଇଛି ବୋଲି ସ୍ୱାତୀର ବରିଷ୍ଠ କର୍ମୀ ବିଶ୍ୱରଞ୍ଜନ କର କହିଥିଲେ । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନ ତରଫରୁ ପ୍ରଭାତ ନାୟକ, ବିନୋଦ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ଖୁଚୁରା ବଜାରରେ ଖାଉଟିଙ୍କୁ ଲୁଟ୍ ?; ତେଲ, ଗହମର ଦର କମିଛି, ଖାଉଟି କିଣୁଛନ୍ତି ଚଢ଼ା ଦରରେ



କଟକ , ୨୬/୦୩ (ନି.ପ୍ର): ଗହମ ଦର ହ୍ରାସ ପାଉଛି । କିନ୍ତୁ ସେହି ଅନୁଯାୟୀ ବଜାରରେ ଅଟା ଦର ଖସୁନି । ଖାଇବା ତେଲ କ୍ଷେତ୍ରରେ ବି ଅନୁରୂପ ସ୍ଥିତି । ଗହମର ପାଇକାରୀ ଦର କିଲୋ ପିଛା ୨୭ ଟଙ୍କାକୁ ଖସି ଥିବା ବେଳେ ଅଟା କିନ୍ତୁ ବିକ୍ରି ହେଉଛି କିଲୋ ପିଛା ୩୨ରୁ ୪୪ ଟଙ୍କାରେ । ସେହିଭଳି ଖାଇବା ତେଲ ଲିଟର ପିଛା ୩୦ ଟଙ୍କା ଯାଏ ହ୍ରାସ ପାଇଥିଲେ ବି ଖାଉଟି କିନ୍ତୁ ଏହି ସମୟରେ ତାହାର ଅଧା ଲାଭ ବି ପାଇ ପାରି ନାହାନ୍ତି । ପାଇକାରୀ ଦର ହ୍ରାସ ସତ୍ତ୍ୱେ ଏହାର ସୁଫଳ ଖୁଚୁରା ବଜାରରୁ ଖାଉଟି ନ ପାଇ ପୂର୍ବଭଳି ଚଢା ଦରରେ ବିଭିନ୍ନ ସାମଗ୍ରୀ କିଣିବା ଘଟଣାରେ ଯୋଗାଣ ବିଭାଗର ସନ୍ଦେହଜନକ ନିରବତା ଖାଉଟିଙ୍କ ସମସ୍ୟାକୁ ବଢାଇ ଦେଇଛି ।

ସୂଚନା ଅନୁଯାୟୀ ମାର୍ଚ୍ଚ ମାସରେ ଗଲା ୨୨ ଦିନ ଭିତରେ ଗହମ ଦର ହ୍ରାସ ପାଇ କିଲୋ ୨୭ ଟଙ୍କାରେ ପହଞ୍ଚିଛି । କିନ୍ତୁ ଖୁଚୁରା ବଜାରରେ ଏବେ ଖୋଲା ଅଟା ୩୫ ଓ ୩୮ ଟଙ୍କା କିଲୋ ପିଛା ବିକ୍ରି ହେଉଥିବା ବେଳେ ୫ କିଲୋ ପ୍ୟାକେଟରେ ବିକ୍ରି ?ହେଉଥିବା ବିଭିନ୍ନ କଂପାନିର ଅଟା ୩୨ରୁ ୪୪ ଟଙ୍କାରେ ବିକ୍ରି ହେଉଛି । ଅର୍ଥାତ ୫ କିଲୋ ପ୍ୟାକେଟ୍ ୧୬୦ରୁ ୨୨୦ ଟଙ୍କା ଯାଏ ବିକ୍ରି ହେଉଛି । ବର୍ତ୍ତମାନର ଗହମ ଦର ଅନୁସାରେ ଅଟା ୫ କିଲୋ ପ୍ୟାକେଟ୍ ଦର ସର୍ବାଧିକ ୧୫୦ ଟଙ୍କାରେ ସୀମିତ ରହିବା କଥା ।

କେବଳ ଅଟା ନୁହେଁ, ଅଟା ଜାତୀୟ ସାମଗ୍ରୀ ସୁଜି, ମଇଦା ଉତ୍ୟାଦିର ଦର ପାଇକାରୀ ବଜାରରେ ହ୍ରାସ ପାଇଥିଲେ ବି ଖୁଚୁରା ବଜାରରେ ଖାଉଟି ତାହାର ସୁଫଳ ପାଉନାହିଁ । ପାଇକାରୀ ବଜାରରେ ସୁଜି କିଲୋ ପିଛା ୩୬ ଟଙ୍କାକୁ ଖସିଛି । କିନ୍ତୁ ଖୁଚୁରା ବଜାରରେ କିଲୋ ପିଛା ୪୦ରୁ ଅଧିକ ଟଙ୍କାରେ ବିକ୍ରି ହେଉଛି । ପାଇକାରୀ ମୂଲ୍ୟରେ ମଇଦା କେଜି ପିଛା ୨୯ ଟଙ୍କାକୁ ଖସିଛି । କିନ୍ତୁ ଖୁଚୁରା ବଜାରରେ କିଲୋ ପିଛା ୩୪ରୁ ଅଧିକ ଟଙ୍କାରେ ବିକ୍ରି ହେଉଛି । ପାଇକାରୀ ଓ ଖୁଚୁରା ବଜାରରେ ଯେଉଁଠି ଦାମର ଫରକ ୨/୩ ଟଙ୍କା ରହିବା କଥା, ସେଠି ଦରରେ ଏତେ ଅଧିକ ତାରତମ୍ୟ ରଖି ଏକ ପ୍ରକାର ଖାଉଟିଙ୍କୁ ଖୋଲାଖୋଲି ଶୋଷଣ କରାଯାଉଛି । ଅନ୍ୟପଟେ ଚଳିତ ମାର୍ଚ୍ଚ ଆରମ୍ଭରୁ ଖାଇବା ତେଲ ଦର ବି ହ୍ରାସ ପାଇଛି । ପାମୋଲିନ୍ ତେଲର ପାଇକାରୀ ମୂଲ୍ୟ ଏବେ ଲିଟର ପିଛା ୯୪ ଟଙ୍କାକୁ ହ୍ରାସ ପାଇଛି । କିନ୍ତୁ ଖୁଚୁରା ବଜାରରେ ଏହା ଲିଟର ପିଛା ୯୮ରୁ ୧୨୦ ଟଙ୍କାରେ ବିକ୍ରି ହେଉଛି । ସୂର୍ଯ୍ୟମୂଖୀ (ସନଫ୍ଲାୱାର) ତେଲର ପାଇକାରୀ ମୂଲ୍ୟ ଲିଟର ପିଛା ୧୨୫ ଟଙ୍କାକୁ ହ୍ରାସ ପାଇଛି । କିନ୍ତୁ ଖୁଚୁରା ବଜାରରେ ଏହା ୧୩୫ ଟଙ୍କା ଲିଟର ବିକ୍ରି ହେଉଛି । ସୋରିଷ ତେଲର ପାଇକାରୀ ମୂଲ୍ୟ ଲିଟର ପିଛା ୧୩୦ ଟଙ୍କାକୁ ଖସିଥିଲେ ବି ଖୁଚୁରା ବଜାରରେ ସୋରିଷ ତେଲ ଲିଟର ପିଛା ମୂଲ୍ୟ ୧୫୦ ଟଙ୍କା ରହିଛି । ରାଇସ୍ ବ୍ରାନ୍ ତେଲ୍ ଲିଟର ପାଇକାରୀ ବଜାରରେ ୧୨୦ ଟଙ୍କାକୁ ଖସିଛି । କିନ୍ତୁ ଖୁଚୁରା ବଜାରରେ ୧୪୦ରୁ ୧୬୦ ଟଙ୍କାରେ ବିକ୍ରି ହେଉଛି । ଡାଲଡା ବନସ୍ପତି ଘିଅର ପାଇକାରୀ ମୂଲ୍ୟ ୧୨୨ ଟଙ୍କାକୁ ହ୍ରାସ ପାଇଥିବା ବେଳେ ଖୁଚୁରା ବଜାରରେ ଏହି ମୂଲ୍ୟ ୧୩୦ ଟଙ୍କା ରହିଛି ।

କଟକର ମାଲଗୋଦାମ ରାଜ୍ୟର ଅନ୍ୟତମ ପ୍ରମୁଖ ପାଇକାରୀ ବଜାର ଭାବେ ଜଣାଶୁଣା । ବ୍ୟବସ୍ଥା ଅନୁଯାୟୀ ନିୟମିତ ସନ୍ଧ୍ୟାରେ ଯୋଗାଣ ବିଭାଗର ଗୁଇନ୍ଦା ଟିମ୍ ମାଲଗୋଦାମର ସମସ୍ତ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ବଜାର ମୂଲ୍ୟ ଓ ଗଚ୍ଛିତ ପରିଣାଣ ସମ୍ପର୍କିତ ଏକ ରିପୋର୍ଟ ନେଇଥାଏ । ଏହାଦ୍ୱାରା ବଜାରରେ ଖାଦ୍ୟ ଦ୍ରବ୍ୟର ପ୍ରକୃତ ମୂଲ୍ୟ ସହିତ ନିଅଣ୍ଟିଆ ପରିସ୍ଥିତି ଉପରେ ନଜର ରଖାଯାଇପାରେ । ଚଢ଼ା ମୂଲ୍ୟରେ ଖାଦ୍ୟ ସାମଗ୍ରୀ ବିକ୍ରି କରୁଥିବା ଖୁଚୁରା ବ୍ୟବସାୟୀଙ୍କୁ ସ୍କାନରରେ ରଖାଯାଇଥାଏ । କିନ୍ତୁ ଆଜିକୁ ୧୦ ବର୍ଷ ହେବ ମାଲଗୋଦାମକୁ କେହି ଯୋଗାଣ ବିଭାଗର ଅଧିକାରୀ ଏଭଳି ରିପୋର୍ଟ ନେବାକୁ ଆସୁନଥିବା ଅଭିଯୋଗ ହେଉଛି ।

ଏ ସଂପର୍କରେ ଅତିରିକ୍ତ ଯୋଗଣ ଅଧିକାରୀ ଜ୍ଞାନେନ୍ଦ୍ରୀୟ ମିଶ୍ର କହିଛନ୍ତି ଯେ ମାର୍କେଟ ଇଣ୍ଟେଲିଜେନ୍ସ ବ୍ୟୁରୋ ନିୟମିତ ମାଲଗୋଦାମରୁ ମୂଲ୍ୟ ତାଲିକା ଆଣି ନିକଟସ୍ଥ ରିଟେଲ୍ ଦୋକାନୀଙ୍କ ସହିତ ମେଳ କରୁଛନ୍ତି । ତେଲରେ କେତେ ଟଙ୍କା ଲାଭ ରଖି ଖୁଚୁରା ବଜାରରେ ବିକ୍ରି ହେବ ସେଥିପାଇଁ ସରକାର ସ୍ଥିର କରି ନାହାନ୍ତି । ପ୍ରତିଯୋଗିତା ମୂଳକ ବଜାରରେ ଭିନ୍ନ ଭିନ୍ନ ମୂଲ୍ୟରେ ଏହା ବିକ୍ରି ହେଉଛି । ତଥାପି ଏବେ ଗହମ ଜାତୀୟ ଉତ୍ପାଦ ଓ ତେଲ ଉପରେ ଖୁଚୁରା ମୂଲ୍ୟ ବୃଦ୍ଧି ସମ୍ପର୍କରେ ଯାଞ୍ଚ କରିବାକୁ ମାର୍କେଟ ଇଣ୍ଟେଲିଜେନ୍ସ ବ୍ୟୁରୋକୁ କୁହାଯିବ ବୋଲି ଶ୍ରୀ ମିଶ୍ର କହିଛନ୍ତି ।

## ଆରଏସ୍‌ପିର ସିଏସ୍‌ଆର ବ୍ୟୟ : ଶିକ୍ଷାକ୍ଷେତ୍ରରେ ସର୍ବାଧିକ, ୭ ବର୍ଷରେ ୪୭.୬୮ କୋଟି

ରାଉରକେଲା, ୨୬/୦୩ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନା(ଆରଏସ୍‌ପି) ପକ୍ଷରୁ ସିଏସ୍‌ଆର ପ୍ରୟାସ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଆରଏସ୍‌ପିର ଚାରି ରାଜସ୍ୱ ବ୍ଲକ, ଯଥା,-ଲାଠିକଟା, ନୂଆଗାଁ, କୁଆରମୁଣ୍ଡା ଓ ବିଶ୍ରା ବ୍ଲକର ବିଭିନ୍ନ ଗ୍ରାମରେ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନଠାରୁ ମେଧାବୀ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା, ସ୍ୱାବଲମ୍ବି କରିବାକୁ ପ୍ରଶିକ୍ଷଣ ଶିବିର ସମେତ ବିଭିନ୍ନ ପ୍ରକଳ୍ପ ନିର୍ମାଣ କରାଯାଉଛି । ଏତଦ୍‌ବ୍ୟତୀତ ସିଏସ୍‌ଆର ମାଧ୍ୟମରେ ବିପର୍ଯ୍ୟୟ ମୁକାବିଲା, ପରିବେଶ ସୁରକ୍ଷା, ଜାତୀୟ ଐତିହ୍ୟ ସଂରକ୍ଷଣ ଓ ବିକାଶ, ଗ୍ରାମ୍ୟ ବିକାଶ, କ୍ରୀଡ଼ା, ସ୍ୱଚ୍ଛ ଭାରତ ଆଦି ଦିଗରେ ଅନୁଦାନ ଦିଆଯାଉଛି । ଗତ ୭ ବର୍ଷ ଭିତରେ ଆରଏସ୍‌ପି ପକ୍ଷରୁ ସିଏସ୍‌ଆର ବାବଦକୁ ୪୭.୬୮ କୋଟି ବ୍ୟୟ କରାଯାଇଥିବା ଜଣାପଡ଼ିଛି । ଆରଏସ୍‌ପିର ସିଏସ୍‌ଆର ମାଧ୍ୟମରେ କେଉଁ କ୍ଷେତ୍ରରେ କେତେ ବ୍ୟୟ କରିଛନ୍ତି ସେନେଇ ରଘୁନାଥପଲ୍ଲୀ ବିଧାୟକ ସୁବ୍ରତ ତରାଇ ବିଧାନସଭାରେ ପ୍ରଶ୍ନ ଉପସ୍ଥାପନ କରିଥିଲେ । ଜବାବରେ ରାଜ୍ୟ ଶିକ୍ଷମନ୍ତ୍ରୀ ଏହି ତଥ୍ୟ ରଖିଛନ୍ତି । ମୋଟାମୋଟିଭାବେ ଆରଏସ୍‌ପିର ସିଏସ୍‌ଆର ପ୍ରୟାସ ଉନ୍ନତମାନର ରହିଛି; ତେବେ ବସ୍ତି ବିକାଶ, ପରିବେଶ କ୍ଷେତ୍ରରେ ଅଧିକ ଧ୍ୟାନ କେନ୍ଦ୍ରିତ କରିବାର ଆବଶ୍ୟକତା ଥିବା ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି । ବିଭିନ୍ନ କ୍ଷେତ୍ରରେ ଆରଏସ୍‌ପି ପକ୍ଷରୁ ୨୦୧୪-୧୫ ଆର୍ଥିକ ବର୍ଷରୁ ୨୦୨୧-୨୨ ଯାଏ; ଅର୍ଥାତ୍ ଗତ ୭ ବର୍ଷରେ ୪୭ କୋଟି ୬୮ ଲକ୍ଷ ୫୪ ହଜାର ବ୍ୟୟ କରାଯାଇଛି । ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରରେ ସର୍ବାଧିକ ୨୨ କୋଟି ୧୮ ଲକ୍ଷ ୮୧ ହଜାର ବ୍ୟୟ କରାଯାଇଛି । ଦ୍ୱିତୀୟରେ ରହିଛି ସ୍ୱଚ୍ଛ ଭାରତ ଯୋଜନା । ଏ ଦିଗରେ କାରଖାନା ପକ୍ଷରୁ ୧୧ କୋଟି ୩୭ ଲକ୍ଷ ୭୪ ହଜାର ଟଙ୍କା ବ୍ୟୟ କରାଯାଇଛି । ଏତଦ୍‌ବ୍ୟତୀତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ୭ କୋଟି ୭୪ ଲକ୍ଷ ୪୯ ହଜାର ବ୍ୟୟ ହୋଇଥିବାବେଳେ ବିପର୍ଯ୍ୟୟ ପରିଚାଳନା ଦିଗରେ ୨ କୋଟି ୭୦ ଲକ୍ଷ ୮୦ ହଜାର, ଜାତୀୟ ଐତିହ୍ୟ ସଂରକ୍ଷଣ ଓ ବିକାଶରେ ୧ କୋଟି ୧୨ ଲକ୍ଷ ୭୬ ହଜାର, ଲିଙ୍ଗଗତ ସମାନତା ଓ ସଶକ୍ତିକରଣରେ ୭୩ ଲକ୍ଷ ୫୫ ହଜାର, କ୍ରୀଡ଼ା କ୍ଷେତ୍ରରେ ୬୩ ଲକ୍ଷ ୩୮ ହଜାର, ଗ୍ରାମୀଣ ବିକାଶ ଦିଗରେ ୬୧ ଲକ୍ଷ ୨୫ ହଜାର, ବସ୍ତି ବିକାଶରେ ୪୪ ଲକ୍ଷ ୨୬ ହଜାର, ଓ ପରିବେଶ କ୍ଷେତ୍ରରେ ୧୧ ଲକ୍ଷ ୫୦ ହଜାର ବିନିଯୋଗ କରାଯାଇଛି । ତେବେ ବସ୍ତି ବିକାଶ ଦିଗରେ ସିଏସ୍‌ଆର ବିନିଯୋଗ ଅପେକ୍ଷାକୃତ କମ୍ ରହିଛି । ଗତ ୭ ବର୍ଷ ମଧ୍ୟରୁ ମାତ୍ର ତିନିଟି ଆର୍ଥିକ ବର୍ଷରେ ଏ କ୍ଷେତ୍ରରେ ଅନୁଦାନ ମିଳିଥିଲା । ୨୦୧୪-୧୫ ଆର୍ଥିକ ବର୍ଷରେ ୯ ଲକ୍ଷ ୧ ହଜାର ବ୍ୟୟ ହୋଇଥିବାବେଳେ ୨୦୧୮-୧୯ରେ ୧୮ ଲକ୍ଷ ଓ ୨୦୨୧-୨୨ରେ ୧୭ ଲକ୍ଷ ୨୫ ହଜାର ବ୍ୟୟ କରାଯାଇଥିଲା । ତେବେ ୨୦୧୫-୧୬, ୨୦୧୬-୧୭, ୨୦୧୯-୨୦ ଓ ୨୦୨୦-୨୧ ଆର୍ଥିକ ବର୍ଷରେ ଏନେଇ କେ ?ଣସି ଅର୍ଥ ଅନୁମୋଦିତ ହୋଇନଥିଲା ।

## ରାଜ୍ୟ ଆଇନଜୀବୀ ପରିଷଦ ନିର୍ବାଚନ ଏପ୍ରିଲ ୧୫ରେ: ୧୬୭ ବୁଥ୍, ୩୪ ହଜାର ୯୦୮ ଭୋଟର

କଟକ , ୨୬/୦୩ (ନି.ପ୍ର): ଏପ୍ରିଲ ୧୫ ତାରିଖରେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ନିର୍ବାଚନ ଅନୁଷ୍ଠିତ ହେବ । ୩୦ଟି ଜିଲ୍ଲାର ବିଭିନ୍ନ ସ୍ଥାନରେ ୧୬୭ଟି ବୁଥ୍‌ରେ ଭୋଟ ଗ୍ରହଣ ହେବ । ରାଜ୍ୟ ଆଇନଜୀବୀ ପରିଷଦର ୨୫ଟି ସଦସ୍ୟ ପଦ ପାଇଁ ଅନୁଷ୍ଠିତ ହେବାକୁ ଥିବା ଏହି ନିର୍ବାଚନ ଲାଗି ପ୍ରକାଶିତ ଭୋଟର ତାଲିକାରେ ୩୪ହଜାର ୯୦୮ଜଣ ଆଇନଜୀବୀ ରହିଛନ୍ତି । କଟକ ଜିଲ୍ଲାରେ ସର୍ବାଧିକ ୩୦ଟି ବୁଥ୍ ରହିଥିବା ବେଳେ ଗଜପତି (ପାରଳାଖେମୁଣ୍ଡି), ଝାରସୁଗୁଡ଼ା, ଦେବଗଡ଼ ଓ ମାଲକାନଗିରି ଜିଲ୍ଲାରେ ଗୋଟିଏ ଲେଖାଏ ବୁଥ୍ ଭୋଟ ଗ୍ରହଣ ପାଇଁ ରହିବ । କଟକ ସହରରେ ସର୍ବାଧିକ ୨୫ଟି ବୁଥ ହେବାକୁ ଥିବା ବେଳେ ଏଥିରେ ୭ ହଜାର ୩୯୯ଜଣ ଆଇନଜୀବୀ ଭୋଟ ଦେବାର କାର୍ଯ୍ୟକ୍ରମ ରହିଛି । ଭୁବନେଶ୍ୱର ସହରରେ ଦ୍ୱିତୀୟ ସର୍ବାଧିକ ୧୫ଟି ବୁଥ କରାଯିବ ଓ ଏଥି ପାଇଁ ରହିଥିବା ଭୋଟର ତାଲିକାରେ ୪ ହଜାର ୧୪୫ଜଣ ଆଇନଜୀବୀ ରହିଛନ୍ତି । ସବୁ ଠାରୁ କମ୍ ୯୦ଜଣ ଭୋଟର ଦେବଗଡ଼ ଜିଲ୍ଲାରେ ରହିଛନ୍ତି । ରାଜ୍ୟ ଆଇନଜୀବୀ ପରିଷଦ ନିର୍ବାଚନରେ ପୁଲିଂ ଅଫିସର ଭାବେ ବିଚାରବିଭାଗୀୟ ମାଜିଷ୍ଟ୍ରେଟ ମାନେ ଦାୟିତ୍ୱ ନିର୍ବାହ କରିବେ । ଏହି ପ୍ରସଂଗରେ ଆବଶ୍ୟକ ସହଯୋଗ ପାଇଁ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ହାଇକୋର୍ଟଙ୍କୁ ଅନୁରୋଧ କରାଯାଇଥିବା ସୂଚନା ମିଳିଛି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ରାଜ୍ୟ ଆଇନଜୀବୀ ପରିଷଦର ୨୫ଜଣ ସଦସ୍ୟଙ୍କ ପାଇଁ ଅନୁଷ୍ଠିତ ହେଉଥିବା ଏହି ନିର୍ବାଚନରେ ଏଥର ୯୬ ଜଣ ପ୍ରାର୍ଥୀ ରହିଛନ୍ତି ।

## ବ୍ୟାୟାମର ଆବଶ୍ୟକତା

କାନାଡ଼ା ବିଶ୍ୱ ବିଦ୍ୟାଳୟର ଗବେଷକ ଡେଭିଡ ହୁପିନ ୪ବର୍ଷ ଗବେଷଣା କରିବା ପରେ ତଥ୍ୟ ପ୍ରକାଶ କରିଛନ୍ତି ଯେ, ବୟସ୍କ ଲୋକେ ଦୈନିକ ଅତି କମରେ ୧୫ମିନିଟ୍ ବ୍ୟାୟାମ କରନ୍ତୁ । ଏହା ସେମାନଙ୍କ ଦୀର୍ଘାୟୁର ଅନ୍ୟତମ ରହସ୍ୟ । ୫୦ ବର୍ଷରୁ ଅଧିକ ବୟସ୍କ ବୟସର ୨ହଜାର ଲୋକଙ୍କ ଉପରେ ଏହି ଗବେଷଣା ଡେଭିଡ କରିଥିଲେ । ଯେଉଁ ବ୍ୟକ୍ତିମାନେ ନିୟମିତ ୧୫ରୁ ୨୦ ମିନିଟ ବ୍ୟାୟାମ କରୁଥିଲେ, ସେମାନଙ୍କ ମଧ୍ୟରୁ ୬୦ ପ୍ରତିଶତରୁ ଅଧିକ ଲୋକେ ସୁସ୍ଥସବଳ ଓ ନିରୋଗ ଅଛନ୍ତି । ଡେଭିଡ୍ ଏହି ଗବେଷଣା କରିବା ପରେ ବିଭିନ୍ନ ସୋସିଆଲ ସାଇଟ ତଥା ଗଣମାଧ୍ୟମ ସହାୟତାରେ ବୟସ୍କ ଲୋକଙ୍କୁ ନିୟମିତ ବ୍ୟାୟାମ କରିବାକୁ ଉପଦେଶ ଦେଇଛନ୍ତି । ଘରେ ରହି ପ୍ରାୟତଃ ଓ ସନ୍ଧ୍ୟାବେଳେ ଏହା ଅଭ୍ୟାସ କରିବା ବୟୋଜ୍ୟେଷ୍ଠ ଲୋକଙ୍କ ପାଇଁ ସର୍ବୋତ୍ତମ ।



## ସ୍ମାର୍ଟଫୋନ ଖରାପ ହେବା ପଛର କାରଣ

ସ୍ମାର୍ଟଫୋନ ଗରମ ହୋଇଗଲେ ତୁରନ୍ତ ଫୋନ ବନ୍ଦ କରିଦେବା ଉଚିତ । ତେବେ ଆବଶ୍ୟକତାଠାରୁ ଅଧିକ ସମୟ ବାର୍ତ୍ତାଳାପ କରୁଥିବା ଲୋକଙ୍କ ଫୋନ ହିଁ ଗରମ ହେଉଥିବାର ତଥ୍ୟ ମିଳିଛି । ଘଣ୍ଟାଘଣ୍ଟା ଧରି ଫୋନରେ କଥାବାର୍ତ୍ତା କରିବାର ଅଭ୍ୟାସଠାରୁ ଦୂରେଇ ରହିବା ଉଚିତ । ଜରୁରୀ ତଥ୍ୟ ଦେବା ନିମନ୍ତେ ନିର୍ମିତ ହୋଇଥିବା ସ୍ମାର୍ଟଫୋନର ଅନାବଶ୍ୟକ ବ୍ୟବହାର କରିବା ସ୍ୱାସ୍ଥ୍ୟ ପାଇଁ ହାନିକାରକ । ପ୍ରତ୍ୟେକ ସ୍ମାର୍ଟଫୋନ ଏସିଡି କାର୍ଡ ସହ ବ୍ୟବହାର କରିବା ଉଚିତ । ଏପରି କଲେ ସ୍ମାର୍ଟଫୋନ ହ୍ୟାଙ୍ଗ ହୋଇନଥାଏ । ସପ୍ତାହକୁ ଅନ୍ତତଃ ଥରୁଟିଏ ଫୋନ ସୁଇଚ ଅଫ କରି କିଛି ସମୟ ରଖନ୍ତୁ । ନଚେତ ରିବୁଟ କରିବା ଆବଶ୍ୟକ । ବୁନ୍ଦାଏ ପାଣି ମଧ୍ୟ ସ୍ମାର୍ଟଫୋନକୁ ଖରାପ କରିଥାଏ । ତେଣୁ ଫୋନକୁ ପାଣିଠାରୁ ଯଥା ସମ୍ଭବ ଦୂରେଇ ରଖନ୍ତୁ ।

## ହୃଦ୍‌ରୋଗରୁ କିପରି ପାଇବେ ମୁକ୍ତି



ଲୋକଙ୍କୁ ହୃତ୍‌ପିଣ୍ଡ ଓ ହୃଦରୋଗ ସଂପର୍କରେ ସଚେତନ କରାଇବା ଉଦ୍ଦେଶ୍ୟରେ ୨୦୦୦ ମସିହା ସେପଟ୍ମେର ୨୯ ତାରିଖରୁ ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଳିତ ହୋଇଆସୁଛି । କିନ୍ତୁ ବିଶ୍ୱରେ ହୃଦ୍‌ରୋଗ ଜନିତ ମୃତ୍ୟୁ ସଂଖ୍ୟା ଉଦ୍‌ବେଗଜନକ । ପ୍ରତିବର୍ଷ ପ୍ରାୟ ୧୭.୩ ନିୟୁତ ଲୋକ ଏହି ରୋଗରେ ପ୍ରାଣ ହରାଇଥାନ୍ତି । ୨୦୩୦ ମସିହା ସୁଦ୍ଧା ଏହି ମୃତ୍ୟୁ ସଂଖ୍ୟା ୨୩ ନିୟୁତ ଛୁଇଁବା ଆଶଙ୍କା କରାଯାଉଛି । ଏହି ସଂଖ୍ୟା ଅଷ୍ଟ୍ରେଲିଆର ଜନସଂଖ୍ୟା ସହିତ ପ୍ରାୟ ସମାନ । କିନ୍ତୁ ୟା'ମାନେ ନୁହେଁ ଯେ ଏହା ମଣିଷ ଭାଗ୍ୟର କଥା ଓ ଏଥିରୁ ବର୍ତ୍ତିହେବ ନାହିଁ । କିଛି ଲୋକଙ୍କ କ୍ଷେତ୍ରରେ ବୟସ, ଲିଙ୍ଗ ଓ ବଂଶାନୁକ୍ରମିକ ଯୋଗୁଁ ହୃଦ୍‌ରୋଗ ଭଳି ସମସ୍ୟା ଦେଖାଦେଇଥାଏ । ନଚେତ୍ କେତୋଟି ସହଜ ଏବଂ ସୁବିଧା ପନ୍ଥା ଅବଲମ୍ବନ କଲେ ଆମେ ଆମ ହୃତ୍‌ପିଣ୍ଡକୁ ସର୍ବଦା ସୁସ୍ଥ ରଖିବା ସହ ଏହି ପ୍ରାଣଘାତୀ ରୋଗରୁ ନିଜକୁ ବଞ୍ଚାଇ ପାରିବା ।

ମାନସିକ ଚାପ ତଥା ମାନସିକ ବିଡ଼ମ୍ବନା ବିଭିନ୍ନ ହୃଦ୍‌ରୋଗର କାରଣ ହୋଇଥାଏ । ମାନସିକ ଚାପ ମଣିଷକୁ ଅସ୍ତବ୍ୟସ୍ତ କରି ଶରୀରର ବିଭିନ୍ନ ପ୍ରକାର ହରମୋନ ସ୍ନାୟୁ ଓ ମସ୍ତିଷ୍କରେ ବିଭିନ୍ନ ପରିବର୍ତ୍ତନ ଆଣିଥାଏ । ଏହା ଦ୍ୱାରା ଶରୀରର ବିଭିନ୍ନ ଧମନୀ ଓ ରକ୍ତ ପ୍ରବାହରେ ପରିବର୍ତ୍ତନ ହୋଇଥାଏ । ରକ୍ତରେ ତୈଳୀୟ ପଦାର୍ଥ ଯଥା ଟ୍ରାଇଗ୍ଲିସେରାଇଡ୍ ଓ କୋଲେଷ୍ଟ୍ରଲ ମାତ୍ରା ଓ ରକ୍ତଚାପ ବଢ଼ିଥାଏ । ଫଳରେ ଏହା ପ୍ରଭାବରେ ହୃଦୟ, ମସ୍ତିଷ୍କ ଓ ରକ୍ତରେ ବିଭିନ୍ନ ପ୍ରକାରର ରୋଗ ଆରମ୍ଭ ହୁଏ । ହୃତ୍‌ପିଣ୍ଡର ଧମନୀରେ ରକ୍ତ ପ୍ରବାହ ଅବରୋଧ ହେଲେ, ଏହା ବିଭିନ୍ନ ପ୍ରକାର ଜଟିଳ ହୃଦ୍‌ରୋଗକୁ ନିମନ୍ତ୍ରଣ କରିଥାଏ ।

ସେହି ସମୟରେ ରୋଗୀକୁ ଉପଯୁକ୍ତ ଚିକିତ୍ସା କରାନଗଲେ ଅନେକେ ମୃତ୍ୟୁମୁଖରେ ପଡ଼ିଥାନ୍ତି । ମାନସିକ ଚାପ ସହିତ ଉଚ୍ଚ ରକ୍ତଚାପ ଉଚ୍ଚ ମାତ୍ରାରେ କୋଲେଷ୍ଟ୍ରଲ (ଡାଇବେଟିସ୍) ରୋଗ, ଧୂମପାନ ଆଦି ହୃଦରୋଗକୁ ସହଜରେ ଆମନ୍ତ୍ରଣ କରିଥାଏ । ମଣିଷ ପ୍ରୟାସ କଲେ ନିଜ ଇଛା ଶକ୍ତିକୁ ବଢ଼ାଇ ମାନସିକ ଚାପକୁ ଦୂର କରିପାରିବ । ଅନେକ ସମୟରେ ପରିସ୍ଥିତି ଓ ବାତାବରଣ ଯଥା– ଚାକିରି କ୍ଷେତ୍ରରେ ଅଶାନ୍ତି, ପାରିବାରିକ କଳହ, ବୈବାହିକ ଜୀବନରେ ଅଶାନ୍ତି ଭଳି ମାନସିକ ଚାପ ମଣିଷକୁ ଭିତରୁ ଦୁର୍ବଳ କରିଦେଇଥାଏ । ତେଣୁ ଏସବୁ ସମସ୍ୟାକୁ ଦୃଢ଼ତାର ସହ ସମ୍ମୁଖୀନ ହେବା ଉଚିତ । ଯଦି ଚେଷ୍ଟା ପରେ ବି ମାନସିକ ଚାପ ଦୂର ହୋଇପାରୁନାହିଁ, ସେ କ୍ଷେତ୍ରରେ ଡାକ୍ତରଙ୍କ ସାହାଯ୍ୟ ନେବା ଦରକାର । ଏହା ଦ୍ୱାରା ହୃଦ୍‌ରୋଗ ଭଳି ମାରାତ୍ମକ ରୋଗରୁ ରକ୍ଷା ପାଇପାରିବା ।

**ଧୂମପାନ ଏବଂ ତମାଖୁ ସେବନଠାରୁ ଦୂରେଇ ରହନ୍ତୁ**

ଧୂମପାନ ଏବଂ ତମାଖୁ ବ୍ୟବହାର କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ହୃଦ୍‌ରୋଗ ହେବାରେ ବେଶି ଆଶଙ୍କା ଥାଏ । ତମାଖୁରେ ବ୍ୟବହାର ହେଉଥିବା ରାସାୟନିକ ପଦାର୍ଥ ହୃତ୍‌ପିଣ୍ଡ ଓ ଧମନୀର ପ୍ରଭୂତ କ୍ଷତି କରିଥା'ନ୍ତି । ଏହାଦ୍ୱାରା ହୃତ୍‌ପିଣ୍ଡର ଧମନୀଗୁଡ଼ିକ ଅଣଓସାରିଆ ହୋଇଯାଇଥାଏ ଏବଂ ଏହା ହୃଦ୍‌ଘାତ ଭଳି ଗୁରୁତର ସମସ୍ୟା ଦେଖାଦିଏ । ତେଣୁ ଧୂମପାନ ଏବଂ ତ ମ । ଖୁ ସେବନଠାରୁ ଦୂରରେ ରହିବା ଉଚିତ ।

**ନିୟମିତ ୩୦ ମିନିଟ୍ ବ୍ୟାୟାମ କରନ୍ତୁ**

ଦିନକୁ ଅନ୍ତତଃ ୩୦ ମିନିଟ୍ ଶାରୀରିକ ବ୍ୟାୟାମ କରନ୍ତୁ । ଏହା ଆପଣଙ୍କ ଓଜନକୁ ନିୟନ୍ତ୍ରଣରେ ରଖିବା ସହ ଉଚ୍ଚରକ୍ତଚାପ କୋଲେଷ୍ଟ୍ରଲ ଏବଂ ଡାଇବେଟିସ୍‌ଠାରୁ ଦୂରେଇ ରଖିବ ।

**ସନ୍ତୁଳିତ ଆହାର ନିଅନ୍ତୁ**

ହୃତ୍‌ପିଣ୍ଡକୁ ସୁସ୍ଥ ରଖିବାକୁ ହେଲେ ଆପଣଙ୍କ ଖାଦ୍ୟପେୟରେ କିଛିଟା ପରିବର୍ତ୍ତନ କରିବାକୁ ହେବ । ଅତ୍ୟଧିକ ତେଲ ମସଲାଯୁକ୍ତ ଖାଦ୍ୟ ବଦଳରେ ତାଜା ଫଳମୂଳ ଓ ସତେଜ ପନିପରିବା ଅଧିକ ଖାଆନ୍ତୁ । ମଦ୍ୟପାନଠାରୁ ବି ଦୂରେଇ ରୁହନ୍ତୁ । ଏହାଦ୍ୱାରା ରକ୍ତରେ କୋଲେଷ୍ଟ୍ରଲ ମାତ୍ରା କମ୍ ରହିବ ।

**ଓଜନ ନିୟନ୍ତ୍ରଣ କରନ୍ତୁ**

ଅତ୍ୟଧିକ ଓଜନ ବୃଦ୍ଧିରୁ ହିଁ ଉଚ୍ଚ କୋଲେଷ୍ଟ୍ରଲ, ଉଚ୍ଚରକ୍ତଚାପ ଏବଂ ଡାଇବେଟିସ୍ ଭଳି ସମସ୍ୟା ଦେଖା ଦେଇଥାଏ । ଯାହାକି ହୃତ୍‌ପିଣ୍ଡର କ୍ଷତି କରିଥାଏ । ତେଣୁ ଓଜନ ଓ ଉଚ୍ଚତାକୁ ନେଇ ହିସାବ କରି ନିଅନ୍ତୁ ଯେ ଆପଣଙ୍କ ଓଜନ ଅଧିକ ହୋଇଛି କି ନାହିଁ । ଯଦି ଆପଣଙ୍କ ବଡି-ମାସ୍ ଇଣ୍ଡେକ୍ସ ୨୫ କିମ୍ବା ତା'ଠାରୁ ଅଧିକ, ତାହା ହୃତ୍‌ପିଣ୍ଡ ପାଇଁ ବିପଦ ।

**ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରନ୍ତୁ**

ହୃଦରୋଗଠାରୁ ଦୂରେଇ ରହିବା ପାଇଁ ବିଶେଷଜ୍ଞଙ୍କ ପରାମର୍ଶ ନେବାକୁ ହେବ ଏବଂ ନିୟମିତ ରକ୍ତଚାପ, କୋଲେଷ୍ଟ୍ରଲ ଏବଂ ଡାଇବେଟିସ୍ ପରୀକ୍ଷା କରାଇ ନେବା ଉଚିତ ।

## ଗିଲୋୟ ଓ ଅଶ୍ୱଗନ୍ଧା

ଯେଉଁମାନଙ୍କର ଇମ୍ୟୁନିଟି କମଥାଏ, ଶ୍ୱାସ ରୋଗୀ, ପାନକ୍ରିୟାଜ ଦୁର୍ବଳ ବ୍ୟକ୍ତି, ଡାଇବେଟିସ ପରି ସମସ୍ୟା ଥିବା ଲୋକମାନଙ୍କ ପାଇଁ କରୋନା ଭାଇରସ୍‌ର ବିପଦ ଅଧିକ । ଏପରିସ୍ଥଳେ ଗିଲୋୟ ଓ ଅଶ୍ୱଗନ୍ଧା ଅଧିକ ଉପକାରୀ ହୋଇପାରିବ । ଭାରତରେ କରୋନା ଭାଇରସ୍‌ର ପ୍ରକାର ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଲୋକମାନେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିର୍ଦ୍ଦେଶ ପାଳନ କରୁଛନ୍ତି । ଆୟୁର୍ବେଦରେ କରୋନା ଭାଇରସ୍‌ର ଉପଚାର କରି ହେବ । ଇମ୍ୟୁନିଟିକୁ ବଢେଇବା ପାଇଁ ପ୍ରାଣାୟାମ ଯେପରି କପାଳଭାତୀ, ଆନୁଲୋମ ଓ ଭ୍ରାମରୀ କରିବା ଉଚିତ । ଏହା ବ୍ୟତୀତ ଆୟୁର୍ବେଦ ଅନୁସାରେ ଅଶ୍ୱଗନ୍ଧା, ଗିଲୋୟ, ଶତାୱର, ଅଁଳା, ଏଲୋଭେରା ଓ ତୁଳସୀ ଏହି ଭାଇରସ୍ ପାଇଁ ଉପଯୋଗୀ । ଆୟୁର୍ବେଦିକ ଜଡିବୁଟି ଗିଲୋୟକୁ ପାଣିରେ ଫୁଟାଇ ସେଥିରେ ହଳଦୀ, ଗୋଲମରିଚ ଗୁଣ୍ଡ ଓ ତୁଳସୀ ପତ୍ର ମିଶାନ୍ତୁ । କିଛି ସମୟ ଫୁଟିଗଲା ପରେ ସେହି କାଢ଼ାକୁ ପିଇଲେ ଲାଭ ମିଳିବ । ଯଦି ଗିଲୋୟ, ଅଶ୍ୱଗନ୍ଧା, ତୁଳସୀ ନାହିଁ ତେବେ ଗିଲୋୟର ଟାବଲେଟ୍ ବା ଜୁସ୍ ପିଇପାରିବେ । ଅଶ୍ୱଗନ୍ଧାର ପାଉଡର ଖାଇପାରିବେ । ଏହି ସବୁ ଜିନିଷ ଇମ୍ୟୁନିଟି ବୃଦ୍ଧି କରିବାରେ ସହାୟକ ହେବ ।









## ମହଲ ଓ ବଗିଚାର ସହର

କପୁରଥଲା ହେଉଛି ପଂଜାବର କପୁରଥଲା ଜିଲ୍ଲା ଅର୍ନ୍ତଗତ ଏକ ପ୍ରମୁଖ ସହର । ଏଠାକାର ପରିବେଶ ଯେତିକି ଶାନ୍ତ ସେତିକି ପରିଷ୍କାର ବି । ତା' ଛଡ଼ା ଏଠାରେ ରହିଛି ଅନେକ ଐତିହାସିକ ମହଲ ତଥା ବଗିଚା । ଖାସ୍ ସେଥିପାଇଁ ଅନେକେ କପୁରଥଲାକୁ ମହଲ ଓ ବଗିଚାର ସହର ବୋଲି ମଧ୍ୟ ସମ୍ବୋଧନ କରିଥାନ୍ତି । ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ, ଏହି ସହରର ନାମକରଣ ରାଣା କପୁରଙ୍କ ନାମାନୁସାରେ କରାଯାଇଛି, ଯିଏ କି ଜୟସଲମେର୍‌ରେ ରହୁଥିବା ରାଜପରିବାରର ଜଣେ ବଂଶଜ ଥିଲେ । ଆଉ ତାଙ୍କରି ଦ୍ୱାରା ହିଁ ଏହି ସହର ଲୋକଲୋଚନକୁ ଆସିଥିଲା ।

**ଫଂଚ ମନ୍ଦିର:**

ଐତିହାସିକ ମହତ୍ତ୍ୱ ରଖୁଥିବା ଏହି ମନ୍ଦିର ପରିସରରେ ଛୋଟ ଛୋଟ ପାଂଚଟି ମନ୍ଦିର ଦେଖିବାକୁ ମିଳେ । ଖାସ୍ କଥା ହେଲା ଏହି ପାଂଚଟି ମନ୍ଦିରର ନିର୍ମାଣ ଏପରି ହୋଇଛି, ଯଦ୍ୱାରା ଭକ୍ତ ଚାହିଁଲେ ମନ୍ଦିରର ପ୍ରବେଶ ଦ୍ୱାର ପାଖେ ଠିଆ ହୋଇ ସେହିଠାରୁ ହିଁ ଉକ୍ତ ପାଚଂଟି ମନ୍ଦିରର ଦେବଦେବୀଙ୍କୁ ଦର୍ଶନ କରିପାରିବେ ।




**କେବେ ଓ କେମିତି ଯିବେ**

କପୁଥଲାକୁ ବର୍ଷର ଯେ କୌଣସି ସମୟରେ ବୁଲିଯିବାର ସୁବିଧା ଥିଲେ ହେଁ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ମାର୍ଚ୍ଚରୁ ଅକ୍ଟୋବର ହେଉଛି ଏଠାକୁ ଭ୍ରମଣରେ ଯିବାର ସବୁଠୁ ଭଲ ସମୟ । କାରଣ ଏହି ସମୟରେ ଏଠାକାର ଜଳବାୟୁ ବେଶ୍ ଆରାମଦାୟକ ଥାଏ । ସେହିପରି ଗମନାଗମନର ମଧ୍ୟ ଭଲ ସୁବିଧା ରହିଛି ଏଠାରେ । ଅମୃତସରସ୍ଥିତ ବିମାନବନ୍ଦର ହେଉଛି ଏଠାକାର ନିକଟତମ ବିମାନବନ୍ଦର, ଯାହା କପୁରଥଲା ସହରଠାରୁ ପ୍ରାୟ ୬୨ କି.ମି ଦୂରରେ ଅବସ୍ଥିତ । ଅନ୍ୟପକ୍ଷେ ଟ୍ରେନ୍ ଓ ବସ୍ ଯୋଗେ ବି ଏଠାକୁ ଯିବାର ସୁବ୍ୟବସ୍ଥା ରହିଛି ।

**କଣ ଦେଖିବେ**

ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ କପୁରଥଲାରେ ରହିଛି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ । ଯେମିତିକି ସୈନିକ ସ୍କୁଲ, ମୁରିଶ ମସ୍‌ଜିଦ୍, ଜଗତଜିଦ୍ କ୍ଲବ, ଫଂଚ ମନ୍ଦିର, ଗୁରୁଦ୍ୱାର ବେର ସାହିବ ଇତ୍ୟାଦି...

**ମୁରିଶ ମସଜିଦ୍:**

ଏହି ମସଜିଦକୁ ବି ମହାରାଜା ଜଗତଜିତ୍ ସିଂ ନିର୍ମାଣ କରାଇଥିଲେ । ଏହାକୁ ତିଆରି କରିବାପାଇଁ ପ୍ରାୟ ୧୩ ବର୍ଷ ସମୟ ଲାଗିଯାଇଥିଲା । ଆକର୍ଷଣୀୟ କାରୁକାର୍ଯ୍ୟଭରା ଏହି ମସଜିଦକୁ ନିର୍ମାଣ କରିବାର ଦାୟିତ୍ୱ ଜଣେ ଫ୍ରେଂଚ ବାସ୍ତୁକାର ନେଇଥିଲେ ।

**ଜଗତ୍‌ଜିତ୍ କ୍ଲବ:**

ଏହା କପୁରଥଲା ସହରର ମଧ୍ୟବର୍ତ୍ତୀ ଅଂଚଳରେ ଗଢ଼ି ଉଠିଥିବା ଏକ ଆକର୍ଷଣୀୟ ଭବନ । ଗ୍ରୀକ୍ କାରୁକାର୍ଯ୍ୟ ଶୈଳୀରେ ନିର୍ମିତ ହୋଇଥିବା ଏହି ଭବନଟିକୁ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ କାର୍ଯ୍ୟରେ ସାମିଲ କରାଯାଇଛି । ଯେମିତିକି ପ୍ରଥମେ ଏହାକୁ ଏକ ଚର୍ଚ୍ଚର ରୂପ ଦିଆଯାଇଥିଲା, ପରେ ଏହା ସିନେମା ହଲ୍ ଭାବେ କାର୍ଯ୍ୟକଲା । ଆଉ ଏବେ ଏହା ସ୍ଥାନୀୟ ଏକ ଲୋକପ୍ରିୟ କ୍ଲବ ଭାବେ ଜଣାଯାଉଛି ।



**ସୈନିକ ସ୍କୁଲ:** ଏହା ପ୍ରଥମେ ଜଗତଜିତ୍ ମହଲ ନାଁରେ ଜଣାଯାଉଥିଲା । ଏଠାରେ କପୁରଥଲାରେ ଶାସନ କରୁଥିବା ପୂର୍ବ ମହାରାଜା ଜଗତଜିତ୍ ସିଂ ରହୁଥିଲେ । ପ୍ରାୟ ୨୦୦ ଏକର ପରିସୀମାବ୍ୟାପ୍ତ ଅଂଚଳ ଉପରେ ଗଢ଼ି ଉଠିଥିବା ଏହି ମହଲର ବାସ୍ତୁକଳା ଖୁବ୍ ଆକର୍ଷଣୀୟ । ଖାସକରି ଏହାର ଦରବାର ହଲ୍ ଦର୍ଶକଙ୍କର ମନ ମୋହିନିଏ । ବ ର୍ମାନ ଏହା ସୈନିକ ସ୍କୁଲ ନାମରେ ପରିଚିତ ହେଉଥିଲେ ହେଁ, ଏହାର ଆକର୍ଷଣୀୟ ଏବେ ବି ସେମିତି ଅକ୍ଷୁର୍ଣ୍ଣ ହୋଇ ରହିଛି ।

**ଗୁରୁଦ୍ୱାର ବେର୍ ସାହିବ:**

କପୁରଥଲା ଜିଲ୍ଲା ଅର୍ନ୍ତଗତ ସୁଲତାନ୍‌ପୁର ଲୋଧିଠାରେ ରହିଛି ଏହି ପ୍ରସିଦ୍ଧ ଗୁରୁଦ୍ୱାର ବେର୍ ସାହିବ । ଶିଖ୍ ଧର୍ମାବଲମ୍ବୀ ବ୍ୟକ୍ତିଗଣଙ୍କ ପାଇଁ ଏହା ଏକ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ । କୁହାଯାଏ ଏଠାରେ କୁଆଡ଼େ ଶିଖ୍ ଧର୍ମର ପ୍ରଥମ ଗୁରୁ 'ଗୁରୁ ନାନକ' ୧୪ ବର୍ଷ ଜୀବନ ଅତିବାହିତ କରିଥିଲେ । ସେହିପରି ବେର୍ ହେଉଛି ଏଠାକାର ଏକ ଗଛ ଯାହାକୁ ଗୁରୁ ନାନକ ନିଜେ ଲଗାଇଥିଲେ ଆଉ ସେହି ଗଛ ମୂଳେ ବସି ସେ ଶିଖ୍ ଧର୍ମର ମୂଳମନ୍ତ୍ର ପ୍ରକାଶ କରିଥିଲେ ବୋଲି ଲୋକବିଶ୍ୱାସ ରହିଛି ।

ତେବେ ଏସବୁ ଦର୍ଶନୀୟସ୍ଥାନ ବାଦ୍ କପୁରଥଲାରେ ଦେଖିବାପାଇଁ ଆହୁରି ଅନେକ ପର୍ଯ୍ୟଟନସ୍ଥଳୀ ରହିଛି । ଖାସ୍ କରି ଏଠାରେ ଦେଖିବାକୁ ମିଳୁଥିବା ଛୋଟମୋଟ ବଗିଚା ପର୍ଯ୍ୟଟକଙ୍କୁ ଅଧିକ ଆକର୍ଷିତ କରିଥାଏ ।



## ରାଜଯୋଟକ କଣ

ଭାରତରେ ବିବାହ ବନ୍ଧନ ଅତି ଦୃଢ଼ ଓ ଦାମ୍ପତ୍ୟ ଜୀବନ ଅଟେ ପବିତ୍ର । ବିବାହ ବନ୍ଧନ ଦ୍ୱାରା ଦୁଇଟି ଆତ୍ମା ଯୋଡ଼ି ହୋଇଥାଏ । ତେଣୁ ବିବାହ ପୂର୍ବରୁ ବର ଓ କନ୍ୟାଙ୍କର ଜାତକ (ଜନ୍ମକୋଷ୍ଠୀ) ମେଳ କରାଯାଇଥାଏ । ବେଦର ଚକ୍ଷୁ ଜ୍ୟୋତିଷ ଶାସ୍ତ୍ର ଅଟେ । ଏହି ଶାସ୍ତ୍ରାନୁମୋଦିତ ପଦ୍ଧତିରେ ଦେଖି କେଉଁ ଯୋଡ଼ି ଠିକ୍ ଏବଂ କେଉଁ ଯୋଡ଼ି ଠିକ୍ ନୁହେଁ ଜଣାଯାଏ । ପ୍ରସ୍ତାବିତ ବର ଓ କନ୍ୟାର ଦୁଇ ଜାତକ ମଧ୍ୟରେ ରାଜଯୋଟକ ମେଳକ ସର୍ବୋତ୍ତମ ଓ ସର୍ବୋତ୍କୃଷ୍ଟ ଭାବରେ ଗଣନା କରାଯାଏ । ବର କନ୍ୟା ଉଭୟଙ୍କର ଏକ ରାଶି ହେଲେ କିମ୍ବା ବରରାଶିଠାରୁ କନ୍ୟାରାଶି ପର୍ଯ୍ୟନ୍ତ ସାତ ହେଲେ କିମ୍ବା ବର ରାଶିଠାରୁ କନ୍ୟାରାଶି ପର୍ଯ୍ୟନ୍ତ ସାତ ହେଲେ କିମ୍ବା ବର ରାଶିଠାରୁ କନ୍ୟାରାଶି ପର୍ଯ୍ୟନ୍ତ ଚାରି ବା ଦଶ ହେଲେ ନଚେତ୍ ତୃତୀୟ ବା ଏକାଦଶ ହେଲେ ରାଜଯୋଟକ ବୋଲି କୁହାଯାଏ । ରାଜଯୋଟକ ହେଲେ ଗ୍ରହ ବୈରତା, ତାର ଅଶୁଦ୍ଧ ଗଣ ଅଶୁଦ୍ଧ, ବର୍ଣ୍ଣଦୋଷ ଓ ନାଡ଼ି ଦୋଷ ପ୍ରଭୃତିରେ ଅଶୁଭ ଫଳ ଖଣ୍ଡନ ହୁଏ ବୋଲି ଜ୍ୟୋର୍ତିବିଦଙ୍କ ମତ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅହଙ୍କାରର ପରିଣତି....

ଗାଁର ଟଣା ସରିଛି । କ୍ଷମତା ପ୍ରଦର୍ଶନର କବାଡ଼ି ଖେଳ ଚାଲୁ ରହିଛି, ଯେବେଠୁ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କଲାଣି ଏବଂ ଯୁକ୍ତରାଷ୍ଟ୍ର ଆମେରିକା ନେତୃତ୍ୱାଧୀନ ପାଶ୍ଚାତ୍ୟ ରାଷ୍ଟ୍ରମାନେ ୟୁକ୍ରେନ୍‌କୁ ସହାୟତା ପ୍ରଦାନ କରିବା ବଜାୟ ରଖିଛନ୍ତି । ଏସବୁ ଭିତରେ ଶାନ୍ତି ସୁଦୂର ପରାହତ; ଭାରତୀୟ ପ୍ରଧାନମନ୍ତ୍ରୀଙ୍କ 'ଏହା ଯୁଦ୍ଧର ସମୟ ନୁହେଁ'ର ବିପରୀତଟି ହିଁ ସତ୍ୟ ପ୍ରମାଣିତ ହୋଇ ଚାଲିଛି । ଏକ ବହୁଧ୍ରୁବୀୟ ବିଶ୍ୱରେ, ଉଦ୍ୟମ ପରିହାର କରି ସାରିଛି, ସେ ସ୍ଥାନରେ ବେଳକୁ ବେଳ ଚୀନ୍‌ର ଉପସ୍ଥିତି ଦୃଢ଼ ହୋଇ ଚାଲିଛି, ବିଶେଷକରି ସେହିସବୁ ସ୍ଥାନରେ, ଯେଉଁଠି ଏହା ଆମେରିକା ଭାରତ-ପ୍ରଶାନ୍ତ ମହାସାଗରୀୟ କୌଶଳକୁ ଏକ ପଶ୍ଚାତ୍ ଗତି ପ୍ରଦାନ କରିବା ପାଇଁ ଦେଶମାନଙ୍କୁ ଏକାଠି କରିବା ଆରମ୍ଭ କରିଛି, ଯାହାର ଲକ୍ଷ୍ୟ ହେଉଛି ଡ୍ରାଗନ୍‌କୁ ତା' ସୀମା ଭିତରେ ରୋକିଦେବା । ଚୀନ୍ ରାଷ୍ଟ୍ରପତି ସର୍ବସାଧାରଣରେ କେବେହେଲେ ପୂର୍ବ ପ୍ରସ୍ତୁତି ନଥିବା କୌଣସି କଥା କହିବାର ଜଣାନାହିଁ । ତେଣୁ ଗତ ସୋମବାର ଦିନ ଯେତେବେଳେ ସେ ତାଙ୍କ ରୁଷୀୟ ପ୍ରତିପକ୍ଷ ଭ୍ଲାଦିମିର ପୁଟିନ୍‌ଙ୍କୁ ନିଜର ଘନିଷ୍ଠ ବନ୍ଧୁ ବୋଲି ସମ୍ବୋଧନ କଲେ ଏବଂ କହିଲେ ଯେ ସେମାନେ ଦୁଇଜଣଯାକ ବିଗତ ୧୦୦ ବର୍ଷ ଭିତରେ ବିଶ୍ୱରେ ହୋଇଥିବା କେତେକ ସର୍ବବୃହତ୍ ପରିବର୍ତ୍ତନର ବାର୍ତ୍ତାବହ ପାଲଟୁଛନ୍ତି, ସେତେବେଳେ ସେ ସମଗ୍ର ବିଶ୍ୱ ଉଦ୍ଦେଶ୍ୟରେ ଏକ ସ୍ପଷ୍ଟ ବାର୍ତ୍ତା ପ୍ରଦାନ କଲେ। ଶ୍ରୀଯୁକ୍ତ ଜି ଏହିସବୁ ମନ୍ତବ୍ୟ ପ୍ରଦାନ କରିଛନ୍ତି ହେଗ୍‌ଠାରେ ଅବସ୍ଥିତ ଆନ୍ତର୍ଜାତିକ ଅପରାଧିକ ନ୍ୟାୟାଳୟ ଶ୍ରୀଯୁକ୍ତ ପୁଟିନ୍‌ଙ୍କ ବିରୁଦ୍ଧରେ ୟୁକ୍ରେନ୍ ଯୁଦ୍ଧ କାଳରେ ଘଟାଇ ଥିବା ଯୁଦ୍ଧକାଳୀନ ଅପରାଧଗୁଡ଼ିକ ଅଭିଯୋଗରେ ଗିରଫ ପରୱାନା ଜାରି କରିବାର ମାତ୍ର ଅଳ୍ପ କେତେଦିନ ପରେ କ୍ରେମ୍ଲିନ୍ ଗସ୍ତରେ ଯାଇଥିବା ଅବସରରେ । ତାଙ୍କର ଏହି ଗସ୍ତ ଯେଉଁଭଳି ଭାବରେ ପରିଚାଳିତ ହେଉଛି, ସେଥିରେ ତାଙ୍କର କିଛି କହିବାର ରହିଛି ଏବଂ ସେହିସବୁ ଉଦ୍ୟମରେ ତାଙ୍କର ଶକ୍ତ କୂଟନୀତିକୁ ମୁତୟନ କରିବାର ଆଗ୍ରହ ରହିଛି ବୋଲି ତାଙ୍କର ବକ୍ତବ୍ୟରେ ଅଧିକ ପ୍ରତିଫଳିତ ହୋଇଛି । ଶୀତଳ ଯୁଦ୍ଧରେ ପୂର୍ଣ୍ଣଚ୍ଛେଦ ପଡ଼ିବା ପରଠାରୁ ଯୁଦ୍ଧ ଏବଂ ଶାନ୍ତି ପାଇଁ କାର୍ଯ୍ୟସୂଚୀ ପ୍ରାୟତଃ ବିଶେଷ ଭାବରେ ୱାଶିଂଟନ୍ ଏବଂ ଏହାର ପାଶ୍ଚାତ୍ୟ ମିତ୍ର ରାଷ୍ଟ୍ରମାନଙ୍କ ଦ୍ୱାରା ସ୍ଥିର ହୋଇ ଆସୁଛି । ସାମ୍ପ୍ରତିକ ସମୟରେ କିନ୍ତୁ ବେଜିଂ ବୈଶ୍ୱିକ ବିବାଦଗୁଡ଼ିକ ଭିତରକୁ ବୁଲେଇ ବଙ୍କେଇ ପଶିବାକୁ ଉଦ୍ୟମ କରି ଗରମ ହେଉ ବା ଶୀତଳ ଯୁଦ୍ଧର ପରିଣତିକୁ ନିର୍ଦ୍ଧାରଣ କରିବାର ଏକ ବିକଳ୍ପ ସ୍ତମ୍ଭ ଭାବରେ ଉଭା ହେବାକୁ ଆରମ୍ଭ କରିଛି । ଚଳିତ ମାସର ପ୍ରାରମ୍ଭରେ ଚୀନ୍ ପାରମ୍ପରିକ ଚିର-ଶତ୍ରୁ ସାଉଦି ଆରବ ଏବଂ ଇରାନ୍ ମଧ୍ୟରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ମଧ୍ୟସ୍ଥତା କରି ଏକ ଐତିହାସିକ ରାଜିନାମା ସ୍ୱାକ୍ଷରିତ କରାଇ ପାରିଛି, ଯାହା ବଳରେ ମଧ୍ୟପ୍ରାଚ୍ୟର ବୃହତ୍ ଶକ୍ତିଦ୍ୱୟ ପରସ୍ପରର ରାଜଧାନୀରେ ଦୂତାବାସଗୁଡ଼ିକୁ ପୁନର୍ବାର ଖୋଲିବା ନିମନ୍ତେ ରାଜି ହୋଇଥିବାବେଳେ ଏକ ସୁରକ୍ଷା ସହଯୋଗ ଚୁକ୍ତିର ମଧ୍ୟ ପୁନରୁଦ୍ଧାର କରିବାକୁ ସହମତି ପ୍ରକାଶ କରିଛନ୍ତି। ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଶତ୍ରୁତାର ପରିସମାପ୍ତି କରିବାକୁ ସମାନ ଧରଣର ଏକ ଶାନ୍ତି ପ୍ରତିଷ୍ଠା ଯୋଜନା ସମ୍ପର୍କରେ ଶ୍ରୀଯୁକ୍ତ ଜି ପରାମର୍ଶ ପ୍ରଦାନ କରିଛନ୍ତି। ଆଶା କରାଯାଉଛି, ଶ୍ରୀଯୁକ୍ତ ଜି ଖୁବ୍ ଶୀଘ୍ର ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଦିମିର ଜେଲେନ୍‌ସ୍କିଙ୍କ ସହିତ ଆଳାପ ଆଲୋଚନା କରିବେ । ଏଥି ମଧ୍ୟରୁ କୌଣସିଟି ହେଲେ ଚୀନ୍ ପକ୍ଷରେ ପରୋପକାର କାର୍ଯ୍ୟ ବୋଲି କହିବା କଦାଚିତ୍ ଠିକ୍ ହେବ। ବରଂ କୁହାଯାଇପାରେ ଯେ ଏହା ହେଉଛି ନିଜକୁ ଶକ୍ତିଶାଳୀ ଦେଖାଇବାର ଏକ ଖେଳ, ଯେଉଁଥିରେ ଚୀନ୍ ସ୍ପଷ୍ଟ କରି ଦେଉଛି ଯେ ଏହା ପାଇଁ ଯାହା ଭଲ ହେବ ବୋଲି ଏହା ଅନୁଭବ କରିବ, ସେ କାମ ଏହା କରିବ । ଏ ଦୃଷ୍ଟିରୁ ଚୀନ୍ ଆମେରିକାର ପଦାଙ୍କ ଅନୁସରଣ କରୁଛି କହିଲେ ଅତ୍ୟୁକ୍ତି ହେବନାହିଁ, ଯିଏକି ବେଶ୍ ଦୀର୍ଘ ବର୍ଷ ଧରି ଅନ୍ୟମାନଙ୍କ ପାଇଁ ନିୟମ କାନୁନ୍ ପ୍ରସ୍ତୁତ କରିବା ବେଳେ ନିଜକୁ ସବୁର ଊର୍ଦ୍ଧ୍ୱରେ ରଖି ବଡ଼ଭାଇପଣିଆ ଦେଖାଇ ଆସୁଛି । ତେବେ ଚୀନ୍‌ର ଏପରି ଖେଳ ବୈଶ୍ୱିକ କ୍ଷମତାର କେତେଦୂର ଭାରସାମ୍ୟ ରକ୍ଷା କରି ପାରୁଛି, ତାହା ଏଯାବତ୍ ସ୍ପଷ୍ଟ ନୁହେଁ । ଇତ୍ୟବସରେ, ୱାଶିଂଟନ୍ ଯଦି ବର୍ତ୍ତମାନ ଯାହା ଦେଖୁଛି, ତାକୁ ପସନ୍ଦ କରୁ ନଥାଏ, ତା'ହେଲେ ଏହା କେବଳ ଦର୍ପଣରେ ନିଜର ମୁଖ ଦେଖିବା ଆବଶ୍ୟକ । ଅପର ପକ୍ଷରେ, ଚୀନ୍ ଏବଂ ରୁଷିଆ ସେମାନଙ୍କର 'କୌଣସି ସୀମା ନଥିବା' ଭାଗିଦାରୀକୁ ଦୃଢ଼ କରିବା ନିମନ୍ତେ ଏକ 'କୌଶଳପୂର୍ଣ୍ଣ ସହଯୋଗ' ଚୁକ୍ତି ସ୍ୱାକ୍ଷରିତ କରିବା ସହିତ ଚୀନ୍ ରୁଷିଆର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ବ୍ୟବସାୟ ଏବଂ ଅର୍ଥନୀତିକ ଭାଗିଦାର ହୋଇ ଏହାର ନୂଆ ସ୍ଥିତିକୁ ଜାହିର କରିବାକୁ ଆଗେଇ ଆସିବା ପରେ ଶାନ୍ତିର ଉଦ୍ୟମ ବସ୍ତୁତଃ ସୁଦୂର ପରାହତ ହୋଇ ଯାଇଥିବା ମନେହୁଏ। ପୁଣି ଏହା ହେଉଛି ଏପରି ଏକ ସମୟରେ, ସୁଦୃଢ଼ ଅବସ୍ଥାରେ ନାହିଁ ।

## ଇମାନେଟର 'ସେଭ୍ ଇଣ୍ଡିଆ' ଅଭିଯାନ



**ସୌମେନ୍ଦ୍ର ଜେନା**

ପାକ୍ ଜମାତର ଆମେରିକା ଶାଖା ଜଷ୍ଟିସ ଫର ଅଲ୍ ୨୦୦୨ରେ ନିଜ ୱେବସାଇଟରେ କେବଳ ପାକିସ୍ଥାନକୁ ଯେ ସ୍ଥାନ ଦେଇଥିଲା ତା ନୁହେଁ, ଭାରତ ପାଇଁ ମଧ୍ୟ ଅନ୍ୟ ଏକ ୱେବସାଇଟ୍ ଖୋଲାଯାଇଥିଲା, ଯାହା ଇଣ୍ଡିଆନ ମୁସଲିମ୍ ଆଲର୍ଟ ନେଟୱାର୍କ (ଇମାନେଟ) ନାମରେ ପରିଚିତ । ଏହାକୁ ଶେଖ ଉବେଦ ହିଁ ଆରମ୍ଭ କରିଥିଲା । ସୂଚନା ଅନୁଯାୟୀ ଏବେ ଏହି ନାମରେ ୱେବସାଇଟ୍ ନାହିଁ ସତ, କିନ୍ତୁ ଏହା ଆଇଏମ୍‌ସି ୟୁଏନ୍‌ଏ (ଆଇଏମ୍‌ସି)ର ଏକ ଶାଖା ଥିଲା, ଯାହା ଭାରତୀୟ ମୁସଲମାନଙ୍କ କାର୍ଯ୍ୟକଳାପ ସଚେତନତା ପାଇଁ କାର୍ଯ୍ୟ କରୁଥିବା କୁହାଯାଇଥିଲା । ଇମାନେଟର ଫେସ୍‌ବୁକ୍ ୨୩ ମଇ ୨୦୧୩ରେ ଖୋଲାଯାଇଥିଲା, ଯାହା ୨ ମାର୍ଚ୍ଚ ୨୦୨୧ରେ 'ସେଭ୍ ଇଣ୍ଡିଆ'ର ନୂଆ ନାମ ହେଲା । ଏହାକୁ ଆମେରିକାର ୭ଜଣ, କାନାଡାର ୩ଜଣ ଏବଂ ଭାରତର ଜଣେ ଲୋକ ପରିଚାଳିତ କରୁଥିବା ଜଣାପଡେ । ଏଥିରେ ଥିବା ସାମିଲ ଲୋକଙ୍କ ମଧ୍ୟରୁ କେତେକଙ୍କ ସଂପର୍କରେ ଆଲୋଚନା ହେବା ଜରୁରୀ।

'ସେଭ୍ ଇଣ୍ଡିଆ' ପ୍ରକଳ୍ପର ବୈଷୟିକ ନିର୍ଦ୍ଦେଶକ ହେଉଛନ୍ତି ଜାହିର ଆଦିଲ । ସେ ସାଉଣ୍ଡ ଭିଜନର ସଦସ୍ୟ ଥିଲାବେଳେ ବ୍ୟୁରୋକୁ ସମ୍ଭାଳିଥାନ୍ତି, ତେଣେ ବର୍ମା ଟାସ୍କ ଫୋର୍ସର ଜଣେ ଲେଖକ ଭାବେ କାର୍ଯ୍ୟ କରନ୍ତି । ଅଧିକନ୍ତୁ ସେ ଇସଲାମିକ କାଉନସିଲ ଅଫ୍ ନିଉ ଇଂଲଣ୍ଡ (ଆଇସିଏନ୍‌ଇ)ର ଯୋଗାଯୋଗ କମିଟିର ମୁଖ୍ୟ ଏବଂ ଏହି ସଂଗଠନ କୋସୋଭା ଟାସ୍କ ଫୋର୍ସର ପ୍ରଚଣ୍ଡ ସମର୍ଥକ ।

ଏବେ ଇସଲାମିକ କାଉନସିଲ ଅଫ୍ ନିଉ ଇଂଲଣ୍ଡ କଥା ବିଚାର କରାଯାଉ। ୧୯୮୪ରେ ଏହା ଏକ ସ୍ୱେଚ୍ଛାସେବୀ ଟିକସମୁକ୍ତ, ଧାର୍ମିକ ସଂଗଠନ ଭାବେ ପଞ୍ଜିକୃତ ହୋଇଥିଲା । ନିଉ ଇଂଲଣ୍ଡରେ ଥିବା ଇସଲାମିକ ସଂଗଠନ ଏବଂ କେନ୍ଦ୍ରଗୁଡିକର ଏହା ସହଯୋଗୀ ସଂଗଠନ ବୋଲି ଘୋଷଣା କରିଛି । ଦେଶରେ ଏକୀକୃତ ଇସଲାମିକ ଜନମତ ସୃଷ୍ଟିପାଇଁ ସଂସ୍ଥା ସମସ୍ତଙ୍କ ମଧ୍ୟରେ ସେତୁପ୍ରାୟ କାର୍ଯ୍ୟ କରିବ ବୋଲି ଘୋଷଣା କରିଛି ଏବଂ ଇସଲାମିକ କାଉନସିଲ ଅଫ୍ ନିଉ ଇଂଲଣ୍ଡ (ଆଇସିଏନ୍‌ଇ)ର ପୂର୍ବରୁ ୪ଟି ସଂଗଠନକୁ ଜାତୀୟ ଇସଲାମିକ ସଂଗଠନ ଭାବେ ଗ୍ରହଣ କରିଛି । ସେସବୁ ହେଲା ସିଏଇଆଇଆର୍, ଆଇଏସ୍‌ଏନ୍‌ଏ, ଆଇସିଏନ୍‌ଏ ଏବଂ ମୁସଲିମ ଆମେରିକାନ ସୋସାଇଟୀ (ଏମ୍‌ଏଏସ୍) । ଏହି ସଂଗଠନଗୁଡିକ ମୁସଲିମ ବ୍ରଦରହୁଡ ଏବଂ ଜମାତେ ଇସଲାମୀର ସହଯୋଗୀ ସଂଗଠନ ଭାବେ କାର୍ଯ୍ୟ କରିଥାନ୍ତି । ଆଇସିଏନ୍‌ଇ ହାତରେ ୭୨ଟି ଇସଲାମିକ କେନ୍ଦ୍ର, ଚାରିଗୋଟି ଅନୁବନ୍ଧିତ ସଂଗଠନ, ନିଉ ଇଂଲଣ୍ଡର ୧୫ଟି ମୁସଲିମ ଷ୍ଟୁଡେଣ୍ଟସ ଆସୋସିଏସନ୍ (ଇଏମ୍‌ଏମ୍‌ଏ), ମାସାଚୁସେଟ୍ସକୁ ଘେରି ରହିଥିବା ୩୨ଟି ଇସଲାମିକ କେନ୍ଦ୍ର, ମଜଲିସ୍ ଆଦି ରହିଛନ୍ତି ।

ଇସଲାମିକ କାଉନସିଲ୍ ଅଫ୍ ନିଉ ଇଂଲଣ୍ଡର ଏଚ୍‌ଏଚ୍ ଆର୍‌ଡି ସମେତ ଅନ୍ୟ କେତେକ ସଂଗଠନ ସହ ସଂପର୍କ ରହିଛି । ତନ୍ମଧ୍ୟରେ ଅଲ୍ ଖିଦମତ ଫାଉଣ୍ଡେସନର ଅନେକଗୁଡିଏ ପ୍ରକଳ୍ପ ରହିଛି । ଅଲ୍ ଖିଦମତ ଫାଉଣ୍ଡେସନ ହେଉଛି ଜମାତେ ଇସଲାମୀର ଜନକଲ୍ୟାଣକାରୀ ଶାଖା ଯାହାର ମୁଖ୍ୟ ହାଫିଜ୍ ନଇମ୍ ଉର ରେହମାନ ରହିଛି, ଯିଏକି ଜମାତେ ଇସଲାମୀର କରାଚି ଶାଖାର ମୁଖ୍ୟ । ଅଲ୍ ଖିଦମତ୍ ସନ୍ତ୍ରାସୀ ସଂଗଠନ ହିଜବୁଲ ମୁଜାହିଦ୍ଦୀନକୁ ଆର୍ଥିକ ସହାୟତା ଦେଇଥାଏ । ପାଲେଷ୍ଟାଇନର ସନ୍ତ୍ରାସୀ ସଂଗଠନ ହାମାସକୁ ପ୍ରାୟ ୬ ମିଲିଅନ (୬୦ଲକ୍ଷ) ପାକ ମୁଦ୍ରା ମଧ୍ୟ ଦେଇଥିବା ଜଣାଯାଏ । ଇସଲାମିକ କାଉନସିଲ ନିଉ ଇଂଲଣ୍ଡ ଏଚ୍‌ଏଚ୍‌ଆରଡି ସହ ମିଶି ଅନେକ ସମୟରେ କାଶ୍ମୀର ନାମରେ ବିଦେଶରେ ଚାନ୍ଦା ଆଦାୟ କରିଥାଏ। ୨୯ ଅଗଷ୍ଟ ୨୦୧୯ରେ ଇସଲାମିକ କାଉନସିଲ ଅଫ୍ ନର୍ଥ ଇଂଲଣ୍ଡ (ଆଇସିଏନ୍‌ଇ) ଏଚ୍‌ଏଚ୍‌ଆର୍‌ଡି ସହ ମିଶି କାଶ୍ମୀରରୁ ଧାରା ୩୭୦ ହଟାଯିବାକୁ ନେଇ ଚାନ୍ଦା ଆଦାୟ କରିଥିଲା ।

ସେଭ୍ ଇଣ୍ଡିଆର ଅନ୍ୟ ଜଣେ ଦକ୍ଷିଣ ଆଫ୍ରିକାର ମହିଳା ସଦସ୍ୟା ରହିଛନ୍ତି । ସେ ହେଉଛନ୍ତି ଫରହାନା କାରା ମୋଟୋଲା । ସେ କ୍ୱାଜୁଲୁ ନାଟାଲ ବିଶ୍ୱବିଦ୍ୟାଳୟ ଏବଂ ଦକ୍ଷିଣ ଆଫ୍ରିକା ବିଶ୍ୱବିଦ୍ୟାଳୟରୁ ଆଇନ ଶିକ୍ଷା (୧୯୯୦-୯୨) କରିଥିଲେ । ସେ ଅକ୍ଟୋବର ୨୦୧୯ରେ ଜଷ୍ଟିସ ଫର୍ ଅଲ୍‌ରେ ମିଡିଆ ଉପଦେଷ୍ଟା ଭାବେ ଯୋଗ ଦେଇଥିଲେ । ଏହି ସଂସ୍ଥା ନିୟମିତ ଭାବେ ୱେବିନାର ଚଳାଇ ଭାରତରେ ମୁସଲିମମାନଙ୍କୁ ଦମନ କରାଯାଉଥିବା ସଂକ୍ରାନ୍ତରେ ମିଥ୍ୟା ପ୍ରଚାର ଚଳାଇଥାଏ । ୧୮ ନଭେମ୍ବର "୨୦୨୦ରେ ଏହି ସଂସ୍ଥା ଏକ ୱେବିନାରର ବିଷୟ ରଖିଥିଲା ବର୍ମା, ଚୀନ, ଭାରତ ଓ କାଶ୍ମୀରରେ ମୁସଲିମ ଗଣହତ୍ୟା ।" ଉକ୍ତ ୱେବିନାରରେ ଯୋଗଦାନ କରିଥିବା ଲୋକେ ହେଲେ ଫ୍ରି କାଶ୍ମୀରର ନିର୍ଦ୍ଦେଶକ ଅବଦୁଲ ଜବବାର, ହେନା ଜୁବେରୀ, ଫରହାନା ମୋଟୋଲା, ରୁସ୍‌ଦା ସିଦ୍ଦିକୀ ଏବଂ ଇଣ୍ଟରନେସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇସଲାମିକ ଥଟ୍ ସଂସ୍ଥାର ଗବେଷଣା ଓ ଶିକ୍ଷା କାର୍ଯ୍ୟକ୍ରମ ମୁଖ୍ୟ ତଥା ପୂର୍ବତନ ନିର୍ଦ୍ଦେଶକ ଏର୍ମିନ ସିନାନୋଭିକ । ଏହି ସଂସ୍ଥା ମୁସଲିମ ବ୍ରଦରହୁଡର ପ୍ରମୁଖ ସଦସ୍ୟମାନଙ୍କର ଯୋଜନାକ୍ରମେ ଗଢାଯାଇଥିଲା । ୧୯୮୦ରେ ଆମେରିକାରେ ଥିବା ମୁସଲିମ ବ୍ରଦରହୁଡ ସଦସ୍ୟ ଜମାଲ ବର୍ଜିଞ୍ଜି ଏବଂ ହିସମ୍ ଅଲତାଲିବ ଏହାକୁ ଗଢିଥିଲେ । ସେ ଦୁହେଁ ପୂର୍ବରୁ ମୁସଲିମ ବ୍ରଦରହୁଡର ସହଯୋଗୀ ସଂଗଠନ ଇସ୍‌ନାର ସଦସ୍ୟ ରହିଥିଲେ।

ସେଭ୍ ଇଣ୍ଡିଆ ରିସର୍ଚ୍ଚ ଗୋଷ୍ଠୀଙ୍କ ତଥ୍ୟର ଦୁଇଟି ଆଧାର ରହିଛି । ତାହା ହେଲା ଡୋଟୋ ଡାଟାବେସ୍ ଏବଂ ୟୁଏସ୍‌ସିଆଇଆର୍ ଏଫ୍ ରିପୋର୍ଟ । ସେଭ୍ ଇଣ୍ଡିଆ ଫାସୀବାଦ ପ୍ରକଳ୍ପରେ କେତେକ ବିଭାଗ ରହିଛି । ସେଗୁଡିକ ହେଲା (୧) ଉତ୍ତର ଆମେରିକାରେ ହିନ୍ଦୁତ୍ୱ, (୨)ସେଭ୍ ଇଣ୍ଡିଆ ରିସର୍ଚ୍ଚ, (୩) ସେଭ୍ ଇଣ୍ଡିଆ ଏଡଭୋକାସୀ, (୪) ସେଭ୍ ଇଣ୍ଡିଆ ହିଜାବ, (୫) ସେଭ୍ ଇଣ୍ଡିଆ ପ୍ରୋଟେଷ୍ଟ, (୬) ସେଭ୍ ଇଣ୍ଡିଆ ଭଲ୍ୟୁଣ୍ଟିଅର, (୭)ସେଭ୍ ଇଣ୍ଡିଆ ୱାଚ, (୮) ଏଗ୍ରିଗେଟେଡ ଇଣ୍ଡିଆ ନିଉଜ୍ । ଏଥିରେ ୪୧୨ଟି ରିପୋର୍ଟ ରଖାଯାଇଛି, ଯାହାସବୁ ବିବରଣୀ, ଡିଜିଟାଲ ଘୃଣା, ଅବିଚାର, ଧାର୍ମିକ ଅନ୍ୟାୟ, ଧାର୍ମିକ ଦଣ୍ଡ, ମୁସଲିମ ତଣ୍ଟିକାଟ, ପୋଲିସ ବର୍ବରତା, ଦିଲ୍ଲୀ କାର୍ଯ୍ୟକ୍ରମ, ମୁସଲିମ ଗଣମାଧ୍ୟମ ଉପରେ ଆକ୍ରମଣ, ଏନ୍‌ଆର୍‌ସି, ରାଜନୀତିରେ ଆର୍‌ଏସ୍‌ଏସ୍, ହିନ୍ଦୁତ୍ୱର ଉତ୍‌ଥାନ ଇତ୍ୟାଦି ।

ଇଣ୍ଡିଆନ ଆମେରିକାନ ମୁସଲିମ କାଉନସିଲ ଆଇଏମ୍‌ଏସ୍‌ଜେକୁ କିଛିଦିନ ତଳେ ବନ୍ଦ କରିଦେଲା । ତାର କାରଣ ହେଲା ଯେ କିପରି ଏହି ସଂସ୍ଥା ଡୋଟୋ ଡାଟାବେସ୍ ଏବଂ ୟୁଏସ୍‌ସିଆଇଆର୍‌ଏଫ୍ ରିପୋର୍ଟରେ ଜାଲିଆତି କରି ମନଗଢା କଥା କହି ଯାହାକୁ ଡିସ୍‌ଇନ୍‌ଫୋ ଲାବ୍ ଧରା ପକାଇ ଦେଇଥିଲା । ଡୋଟୋ ନିଜକୁ ଏକ କଲ୍ୟାଣକାରୀ ଦିଲ୍ଲୀର ସଂସ୍ଥା ବୋଲି କହିଥାଏ । ଭାରତରେ ମୁସଲିମମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ବିଷୟରେ ଏହି ସଂସ୍ଥା ପ୍ରକାଶ କରୁଥିବାର କହୁଥିଲେ ହେଁ ଏହାର ସଂସ୍ଥାପକ ଏବଂ ସଂପ୍ରତି କୁଇଲ ଫାଉଣ୍ଡେସନର ନିର୍ଦ୍ଦେଶକ ଥିବା କେକେ ସୁହେଲ ଅତୀତରେ ଷ୍ଟୁଡେଣ୍ଟସ ଇସଲାମିକ ଅର୍ଗାନାଇଜେସନର ରାଷ୍ଟ୍ରୀୟ ସଂପାଦକ ଓ ଅଧ୍ୟକ୍ଷ ମଧ୍ୟ ରହିଥିଲା ।

ଡୋଟୋ ଡାଟାବେସ୍ ୨୦୧୭ରେ ଆରମ୍ଭ କରାଯାଇଥିଲେ ମଧ୍ୟ ଏହା ୨୦୧୨ରୁ ତଥ୍ୟ ଓ ବିବରଣୀ ସଂଗ୍ରହ କରି ରଖିଆସୁଥିଲା । ପୂର୍ବରୁ ଏହି ସଂସ୍ଥା ୟୁନାଇଟେଡ୍ ମାସ ମିଡିଆ ସହ ମିଶି ତଥ୍ୟ ସଂଗ୍ରହ କରୁଥିଲା, ଯାହାର ସଂସ୍ଥାପକ ସୟଦ କାସିମ୍ ରସୁଲ ଇଲୟାସା । ଇଲୟାସ୍ ହେଉଛି ନିଷିଦ୍ଧ ସନ୍ତ୍ରାସୀ ସଂଗଠନ ସିମିର ସଦସ୍ୟ । ତା ପୁଅ ହେଉଛି ଜେଲରେ ଥିବା ଜେଏନ୍‌ୟୁ ଛାତ୍ର ଉମର ଖାଲିଦ । ସନ୍ତ୍ରାସୀ ପୁତାପୁତ୍ରଙ୍କର ଏକ ରାଜନୈତିକ ଦଳ ଦି ୱେଲଫେୟାର ପାର୍ଟି ଅଫ୍ ଇଣ୍ଡିଆ ରହିଥିଲା । ୨୦୧୯ ଲୋକସଭା ନିର୍ବାଚନରେ ପଶ୍ଚିମବଙ୍ଗର ଜାଙ୍ଗିପୁର ନିର୍ବାଚନ ମଣ୍ଡଳୀରୁ ଲୋକସଭା ପାଇଁ ଇଲୟାସ ପ୍ରାର୍ଥୀ ଥିଲା । କ୍ୱିଲର ସଂସ୍ଥାପକ ସୁହେଲ ମଧ୍ୟ ୨୦୧୧ରେ ଏହି ଦଳର ସଂପାଦକ ରହିଥିଲା । ଡୋଟୋ ଡାଟାବେସରେ ଅନେକ ମିଥ୍ୟା ଖବର ପ୍ରକାଶ ପାଇଥାଏ, ଯାହାକୁ ସେଭ୍ ଇଣ୍ଡିଆ ଜଷ୍ଟିସ ଫର୍ ଅଲ୍ ଏବଂ ୟୁଏନ୍‌ଏଚ୍‌ଆରସି ଉଲ୍ଲେଖ କରିଥାନ୍ତି । ଭାରତରେ ସଂଖ୍ୟାଲଘୁ ମୁସଲମାନଙ୍କ ଉପରେ ଅତ୍ୟାଚାର ହେଉଥିବା ସଂକ୍ରାନ୍ତରେ ଅନେକ ମନଗଢା କାହାଣୀ ଏଥିରେ ସ୍ଥାନ ପାଇଥାଏ । ଗୀତା କଲୋନୀରେ ମଦ୍ରାସା ଉପରେ ଆର୍‌ଏସ୍‌ଏସ୍‌ର ଆକ୍ରମଣ, ଅଭଦ୍ରୋଚିତ ବ୍ୟବହାରର ବିରୋଧ କରି ଛାତ୍ରୀକୁ ପୋଡିଦେବା, ଘରମାଲିକାଣୀ ଦ୍ୱାରା କାଶ୍ମୀରୀ ଝିଅକୁ ଶୋଷଣ, ମୁସଲିମ ଦୋକାନୀଠାରୁ ଖାଉଟୀ ସାମଗ୍ରୀ କିଣିବାକୁ ଗ୍ରାହକ ମନାକରିବା ପରି କେତେକ ଘଟଣାର ସତ୍ୟାସତ୍ୟ ଇଣ୍ଡିଆନ ଏକ୍ସପ୍ରେସ, ଅପ୍ ଇଣ୍ଡିଆ, ଦି କ୍ୱିଣ୍ଟ ପକ୍ଷରୁ ପ୍ରକାଶ କରାଯାଇ ମିଛ ବୋଲି ସାବ୍ୟସ୍ତ କରାଯାଇସାରିଛି । ଏଥିରେ ୩୦ମଇ ୨୦୨୧ରେ ମାମଲାର ସଂଖ୍ୟା ୧୧୯୧ରୁ ବୃଦ୍ଧିପାଇ ନଭେମ୍ବର ୨୦୨୧ ବେଳକୁ ୧୨୮୧ରେ ପହଞ୍ଚିଥିଲା । ଅପରପକ୍ଷେ ଡୋଟୋ ଡାଟାବେସର କ୍ଷତିଗ୍ରସ୍ତଙ୍କ ସଂଖ୍ୟା ମଇ ୨୦୨୧ରେ ୨୨୯୬୦ ଥିଲାବେଳେ ତାହା ନଭେମ୍ବର ୨୦୨୧ ବେଳକୁ ହ୍ରାସ ପାଇ ୧୮୭୮୭ ହୋଇଥିଲା ।

ସେଭ୍ ଇଣ୍ଡିଆ ଗୋଷ୍ଠୀର ଅନ୍ୟଜଣେ ସଦସ୍ୟା ହେଲେ ହେନା ଜୁଭେରୀ, ଯିଏକି ୨୦୧୮ରେ ଫେଥ୍ କୋଆଲିସନ ଟୁ ଷ୍ଟପ୍ ଜେନୋସାଇଡ୍ ଇନ ବର୍ମା ଆରମ୍ଭ କରିଥିଲେ, ଯାହା ପରେ ଫେଥ୍ କୋଆସନ ଟୁ ଷ୍ଟପ୍ ଜେନୋସାଇଡ୍ ହେଲା । ୧୧ ଅଗଷ୍ଟ ୨୦୧୦ରେ ଆମେରିକାର ଆରିଜୋନାଠାରେ ସଂସ୍ଥାର ୱେବସାଇଟ୍ ପଞ୍ଜିକୃତ ହୋଇଥିଲା । ଏହି ସଂଗଠନ ସହ ଯେଉଁମାନେ ଯୋଡି ହୋଇଥିଲେ ସେମାନେ ହେଲେ (କ) ଚାର୍ଟର ଫର୍ କମ୍ପାସିଅନ, (ଖ) କମ୍ପାସିଓନେଟ୍ ଆଟଲାଣ୍ଟା, (ଗ) ଇଣ୍ଟରଫେଥ୍ ସେଣ୍ଟର ଅଫ୍ ନିଉୟର୍କ, (ଘ) ଜିୱିସ ଆଲିଆନ୍ସ ଅଫ କନ୍‌ସର୍ଣ୍ଣ ଓଭର ବର୍ମା (ଜାକବ) ।

ଇହୁଦୀମାନଙ୍କ ସଂଗଠନ ଜାକବକୁ ଦୁଇଜଣ ମୁସଲିମ ରାବି ସିମ୍‌ଖା ୱେନ୍‌ଟ୍ରାଉବ ଏବଂ ଆଡାମ୍ କାରୋଲ ଆରମ୍ଭ କରିଥିଲେ । ପଲ୍ ଆଡାମ କାରୋଲ ଜାତିସଂଘର କାର୍ଯ୍ୟକ୍ରମ ନିର୍ଦ୍ଦେଶକ । ସେ ଜଷ୍ଟିସ ଫର୍ ଅଲ୍‌ରେ ବର୍ମା ଟାସ୍କ ଫୋର୍ସର ନେତୃତ୍ୱ ନେଇଥାନ୍ତି । ନିଉୟର୍କ ସହରରେ ଆଲୋଚନା, ଗୋଷ୍ଠୀଗତ ଶକ୍ତିବୃଦ୍ଧି ପାଇଁ କାର୍ଯ୍ୟରତ ମୁସଲିମ କନ୍‌ସୁଲେଟିଭ୍ ନେଟୱାର୍କର ସେ ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ। ଜାତିସଂଘରେ ଆମେନେଷ୍ଟି ଇଣ୍ଟରନେସନାଲ କାର୍ଯ୍ୟକ୍ରମ ସେ କରାଇଥାନ୍ତି । ଅନ୍ୟ ଏକ ସଂଗଠନ ଦି ଇଣ୍ଟରଫେଥ୍ ସେଣ୍ଟର ଅଫ୍ ନିଉୟର୍କକୁ ୧୯୯୭ରେ ଜେମ୍ସ ପାର୍କ୍ସ ମୋର୍ଟୋନ ଆରମ୍ଭ କରିଥିଲେ । ଧାର୍ମିକ ନେତା ଏବଂ ସେମାନଙ୍କ ସମାଜକୁ ନାଗରିକ ସଂଗଠନମାନଙ୍କ ସହ ଯୋଡିବା ଥିଲା ଇଣ୍ଟରଫେଥ୍ ସେଣ୍ଟରର ଲକ୍ଷ୍ୟ । ଦେଖିବାକୁ ଗଲେ ଏହିପରି ଗୁଡିଏ ସଂଗଠନ ଆମେରିକାରେ ଜନତାଙ୍କୁ ବିଭ୍ରାନ୍ତ କରିବା ଲକ୍ଷ୍ୟରେ ଗଢାଯାଇଛି । ତିନିତୁଣ୍ଡରେ ଛେଳି କୁକୁର ହେଲା ପରି ଏମାନେ ଭିନ୍ନ ଭିନ୍ନ କ୍ଷେତ୍ରରେ ଭାରତ ବିରୋଧୀ ମିଥ୍ୟା ପ୍ରଚାର କରି ମିଛକୁ ସତ ଭାବେ ବିଶ୍ୱାସ କରିବାକୁ ଲୋକମାନଙ୍କୁ ପ୍ରବର୍ତ୍ତାଇବାରେ ଲାଗିଛନ୍ତି ।


ଭାରତୀୟ ସମ୍ବାଦ ସେବା (ଭାସ୍)

ଭୁବନେଶ୍ୱର -୭୫୧୦୦୩


## ବାପି ହାଁସଦା ବାଲେଶ୍ୱରର ଗର୍ବ ଏବଂ ଗୌରବ



**ସୁବ୍ରତ କର**

ବାପ ଛେଉଣ୍ଡ ବାପି ହାଁସଦା ଖାଲି ବାଲେଶ୍ୱରର ନୁହଁ ସାରା ରାଜ୍ୟ ଏବଂ ଦେଶକୁ ଗୌରବାନ୍ୱିତ କରିଛନ୍ତି । ବାଲେଶ୍ୱର ବହୁତ ପ୍ରତିଭାବାନ କ୍ରୀଡ଼ାବିତକୁ ତିଆରି କରି ରାଜ୍ୟ ଏବଂ ଦେଶ ସମ୍ମୁଖରେ ଛିଡ଼ା କରାଇଛି । ବହୁତ ପିଲା (ପୁଅ,ଝିଅ) ରାଜ୍ୟ ଏବଂ ଜାତୀୟ ସ୍ତରରେ ରେକର୍ଡ ବିଭିନ୍ନ ଖେଳ ଏବଂ ଦୌଡ଼ କୁଦରେ ସ୍ଥାପନ କରି ଜିଲ୍ଲାର ନାଁକୁ ଆଗଧାଡ଼ିରେ ରଖିବାରେ ସକ୍ଷମ ହୋଇଛନ୍ତି । କିନ୍ତୁ ବାଲେଶ୍ୱରର ମାଟି ଏବଂ ଲୋକେ ସେମାନଙ୍କୁ ପାଶୋରି ଯାଉଛନ୍ତି । ପ୍ରତି ମୁହୂର୍ତ୍ତରେ ବାପି ହାଁସଦା ଭଳି ପିଲା ସାମନାକୁ ଆସୁଛନ୍ତି ଏବଂ ଇତିହାସ ରଚିଥିବା ପୁରୁଣା ଖେଳାଡ଼ିମାନେ ଲୋକଲୋଚନରୁ ଲୁଚି ଯାଉଛନ୍ତି । ମୁଁ ଜାଣେ ନାହିଁ, ଆମର ଜିଲ୍ଲା କ୍ରୀଡ଼ା ସଂସ୍ଥା ପାଖରେ ପଛ ଇତିହାସ ରହିଥିବା ନାମି ଦାମି ଖେଳାଡ଼ିଙ୍କ ନାମ ଠିକଣା ଅଛି କି ନାହିଁ? ସେମାନଙ୍କ ଅତୀତକୁ ଯଦି ସାମନାକୁ ଅଣାଯାଏ ଏବେକାର ଯୁବ ପିଢ଼ିକୁ ଉତ୍ସାହିତ କରିବା ପାଇଁ ସାହାଯ୍ୟ କରିପାରନ୍ତା ଏବଂ ବାପି ଭଳି ବହୁତ ଯୁବ ଖେଳାଡ଼ି ଆଗକୁ ଆସି ପାରନ୍ତେ । ଯଦି ନାହିଁ ଜିଲ୍ଲା କ୍ରୀଡ଼ା ସଂସ୍ଥା ପାଖରେ ବା ଜିଲ୍ଲା କ୍ରୀଡ଼ା ଅଫିସରଙ୍କ ପାଖରେ ତେବେ ଏହା ଉପରେ ଅତି ଶୀଘ୍ର ଦୃଷ୍ଟି ଦେବା ଆବଶ୍ୟକ । ଏହା ଖାଲି ଆମ ଜିଲ୍ଲା ପାଇଁ ନୁହଁ ଆମ ରାଜ୍ୟର ସବୁ ଜିଲ୍ଲା ପାଇଁ ପ୍ରଜୁର୍ଯ୍ୟ ହେବା ଦରକାର ।

ଏବେ ଆସିବା ବାପି ହାଁସଦାଙ୍କୁ କାହିଁକି ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ୨୫ ଲକ୍ଷ ଟଙ୍କା ଅର୍ଥ ରାଶି ଦେଇ ସମ୍ବର୍ଦ୍ଧିତ କରିଲେ । ବାପି ଅଳ୍ପ ବୟସରୁ ବାପାଙ୍କୁ ହରାଇବା ପରେ ମାଆଙ୍କ ତତ୍ତ୍ୱାବଧାନରେ ବର୍ଷ ପରେ ବର୍ଷ ବିତେଇଲେ ଏବଂ ପ୍ରଥମ ସ୍ତରରୁ ତାଙ୍କ ଖେଳ ବିଶେଷ କରି ଦୌଡ଼କୁଦ ଆଡ଼କୁ ମୁହାଁଇଥିଲା । ପରେ ଅବଶ୍ୟ କଳିଙ୍ଗ ଷ୍ଟାଡିୟମରେ ଥିବା ଆଥେଲେଟିକ୍ ଉତ୍କର୍ଷ ତାଲିମ ନେବାରେ ଆରମ୍ଭ କରିଥିଲେ । ଏବେ କିନ୍ତୁ ତାଙ୍କର ମୂଳ ଇଭେନ୍ସ ହେଉଛି ୪୦୦ ମିଟରସ୍ ହର୍ଡଲ୍ସ । ସେ ଏଇଥିରେ ଏବେ ହୋଇଥିବା କର୍ଣ୍ଣାଟକର ଉଡପିଠାରେ ୧୮ତମ ଜାତୀୟ ଯୁବ ଏଥେଲେଟିକ୍ସରେ (୧୮ବର୍ଷ ତଳେ) ସେଥିରେ ସେ ୫୧.୯୦ ସେକେଣ୍ଡରେ ଅତିକ୍ରମ କରି ବିଶ୍ୱ ରେକର୍ଡ ଅଧିକାରୀ ହୋଇଛନ୍ତି। ଆଶ୍ଚର୍ଯ୍ୟ କଥା ହେଲା ଚଳିତ ବର୍ଷ ଏ ପର୍ଯ୍ୟନ୍ତ ଆୟୋଜିତ ଟୁର୍ଣ୍ଣାମେଣ୍ଟ ଆଧାରରେ ବାପିଙ୍କ ପ୍ରଦର୍ଶନ ଶ୍ରେଷ୍ଠ ହୋଇଥିବାରୁ ସେ ନିଜ ଇଭେନ୍ସରେ ବିଶ୍ୱର ଏକନମ୍ବର ସ୍ଥାନର ହକ୍‌ଦାର ହୋଇ ପାରିଛନ୍ତି ଆମ ଦେଶ ତରଫରୁ ବଛା ହୋଇ ଏପ୍ରିଲ ମାସରେ ଉଜବେକି ସ୍ଥାନରେ ହେବାକୁ ଯାଉଥିବା ଏସିଆନ୍ ପୁଅ ଆଥେଲେଟିକ୍ସ ଖେଳରେ ଭାଗ ନେବେ। ଆମେ ସମସ୍ତ ବାଲେଶ୍ୱର ବାସୀ ଆଶା କରିବା ଆମର ବାପି ଏହି ୪୦୦ ମିଟର ଇଭେନ୍ସରେ ସୁନା ଜିତିବେ ଏବଂ ପର ସ୍ତରରେ ଆନ୍ତର୍ଜାତିକ ସ୍ତରରେ ଭାଗ ନେବା ପାଇଁ ନିଜକୁ ପ୍ରସ୍ତୁତ କରିବେ । ବାପିକୁ ଆଗକୁ ନେବାପାଇଁ ମୁଖ୍ୟମନ୍ତ୍ରୀଙ୍କ ପୁରସ୍କାର ପ୍ରଚୁର ସାହାଯ୍ୟ କରିବ ତା ସହିତ ସମସ୍ତ ବାଲେଶ୍ୱର ବାସୀଙ୍କ ଆବଶ୍ୟକ।




### ଅନୁତାପ

**ବାଉରିବନ୍ଧୁ ଲେଙ୍କା**

ଏ ଜୀବନପଥ ଅତି କଣ୍ଟକିତ
ଚାଲିବା ବହୁତ କଷ୍ଟ
ଯିଏସେ ଚାଲିଛି ସେଇ ହିଁ ଜାଣିଛି
ଜୀବନ ଚିତ୍ରକୁ ସ୍ପଷ୍ଟ ?

ଦୁଃଖ ଆସିଥାଏ ସୁଖ ଆସିଥାଏ
ଏହି ଜୀବନ ପଥରେ
ଦୁଃଖ ସୁଖ ସମ ଭାବେ ଯେ ଦେଖଇ
ପାଏନି କଷ୍ଟ ଅନ୍ତରେ ?

ସବୁ କର୍ମ କେବେ ଠିକ୍ ହୁଏନାହିଁ
ହୋଇପାରେ କିଛି ତ୍ରୁଟି
ସେଥିପାଇଁ ଯଦି ମନେ ଅନୁତାପ
ମିଳେ ଉପଶମ କିଛି ?

ଅଯାଚିତ ଦାନ ପଛେ ଖଳ ମନ
ରହିଥାଏ ସଦା ଛପି
ନବୁଝି ସେ ଦାନ କରେ ଯେ ଗ୍ରହଣ
ଭୋଗୁଥାଏ ଦୁଃଖ ବସି ?

ନିଜ ଭୁଲ ପାଇଁ ସ୍ୱତଃ ଅନୁତାପ
ଆସଇ ଯଦି ମନରେ
ସେହି ଭୁଲ ପୁନଃ କରେନି ମଣିଷ
ଅବଶିଷ୍ଟ ଜୀବନରେ ?

ଅନୁତାପ ଅଶ୍ରୁ ଧୋଇଦିଏ ମନୁ
ଥାଏ ଯେତେକ କଳୁଷ
ଜୀବନର ପଥେ ଆଗେ ଚାଲିବାକୁ
ଜଗାଏ ହୃଦେ ବିଶ୍ୱାସ ?


ଦି ପର୍ଲ ରେସିଡେନ୍ସି,
ଦୁର୍ଗାମାଧବ ନଗର
ଭୁବନେଶ୍ୱର
ମୋ:୯୮୫୩୫୩୫୮୪୪


### ଜୀବନ ସରିତା

**ସତ୍ୟ ସିଂ ବାଗ**

ଅଙ୍କା ବଙ୍କା ହୋଇ
ବହେ ସେ ନୀତି
ଝଡ ତୁଫାନେ ବି
ନବଦଳେ ତା ଗତି !!
ତା ଦୁଇ ପାର୍ଶ୍ୱରେ
ଦୁଇଟି କୂଳ
ଆଗେ ପଛେ ତାର ଦୁଇଟି ଖାଲି
ତେଣୁ ବହିଯାଏ ସହଜ ମୂଳ !!
ସମୁଦ୍ରେ ଅବା ଲୟରେ
ଶେଷେ ମିଶ୍ରଣତା
ଆମ ଏ ଜୀବନ ସରିତା...

ଡ଼ଙ୍ଗା ବାଲା ଡୁଙ୍ଗା ନେଇ
ତୋ ଉପରେ ତରେ
ଇ କୂଳର ଅତିଥିକୁ
ଆର କୂଳେ ପାରକାରେ !!
ମାଛୁଆଳି ମାଛ ଧରେ
ବୁଲି ବୁଲି ତୋ ଭିତରେ
ତୋ ଦୁଇ କୂଳ ହଳଦୀଆ
କି ଶୋଭା ଅଙ୍କିତ କରେ !!
ସମୁଦ୍ରେ ଅବା ଲୟରେ
ଶେଷେ ମିଶ୍ରଣତା
ଆମ ଏ ଜୀବନ ସରିତା....

କେତେକ ଗାଁ ଲୋକେ
ତୋଠାରେ କରଇ ସ୍ନାନ
ରଙ୍ଗ ବିରଙ୍ଗର ପକ୍ଷୀ ବିହଙ୍ଗ
କରଇ ସୁଷଜ୍ଜିତ ତୋ ମାନ !!

ସକାଳ ସନ୍ଧ୍ୟାର ରବି
ତୋଠାରେ ସ ଦୃଶ୍ୟମୟ
ତୋପାଇଁ ଜଳ ସେଚନ
କୃଷି କରେ ଫସଲ ଆୟ !!
ସମୁଦ୍ରେ ଅବା ଲୟରେ
ଶେଷେ ମିଶ୍ରଣତା
ଆମ ଏ ଜୀବନ ସରିତା....

ପ୍ରକୃତିର ସଂକେତ
ସରିତା ଆମ ଜୀବନ
ତାହାପରି ଆମେ ବହିଚାଲିବା
ମାନ ମିଳୁ ଅବା ଅପମାନ !!
ଯେଉଁ ଟା ଆରମ୍ଭ
ଶେଷ ନିଶ୍ଚିତ ରୂପତ
କେତେ ଶରୀରେ ନେଇ
ଅଭିମାନ ପଞ୍ଚ ମୁହାଭୂତ !!
ସମୁଦ୍ରେ ଅବା ଲୟରେ
ଶେଷେ ମିଶ୍ରଣତା
ଆମ ଏ ଜୀବନ ସରିତା...


ତେରେସିଂହା, ରିଷିଡା
କଳାହାଣ୍ଡି-୭୬୬୦୩୧
ମୋ : ୬୩୫୩୩୭୪୫୦୯


### କୋଣାର୍କ ଗୋ ତୁମେ...

**ସୁମନ ଲେଙ୍କା**

କୋଣାର୍କ ଗୋ ତୁମେ ସୁରମ୍ୟ କଳାର
ମଧୁର ଝରଣା ଟିଏ
କୋଣାର୍କ ଗୋ ତୁମେ ପାଷାଣ
ଗାତ୍ରରେ
ନୀଳ ଊର୍ମିମାଳା ଟିଏ

କୋଣାର୍କ ଗୋ ତୁମେ ଅଭିଶପ୍ତ ଆଜି
ଶୂନ୍ୟ ବେଳାଭୂମି ତୀରେ
କୋଣାର୍କ ଗୋ ତୁମେ ଧରଣୀ ବୁକୁରେ
ପଡ଼ି ଅଛ ନତ ଶିରେ

କୋଣାର୍କ ଗୋ ତୁମେ ସହ୍ୟ କରିଅଛ
କେତେ ଯେ ନିହାଣ ଗାର
କୋଣାର୍କ ଗୋ ତୁମ ପାଷାଣ ଶରୀରୁ
ଧରିଛି ରୁଧିର ଧାର

କୋଣାର୍କ ଗୋ ତୁମେ ଉତ୍କଳ ଭୁବନେ
କଳାର କାଉଁରୀ ବେଶ
କୋଣାର୍କ ଗୋ ତୁମ ମଞ୍ଜୁଳ ରୂପଟି
କେବେ ହେବ ନାହିଁ ଶେଷ

ଶିଳା ଦେହେ ତୁମ ଫୁଟି ଅଛି ପଦ୍ମ
ନିହାଣର ସ୍ପର୍ଶ ପାଇ
ଶତ ଶତ ମହା ଶିଳ୍ପୀ କୂଳ ମିଶି
ତୋଳିଲେ ରକତ କଇଁ ।


ଅଲଣା-୨, ବଛାଲୋ
ନାଉଗାଁ, ଜଗତସିଂହପୁର
ମୋ-୭୮୪୮୦୬୨୫୧୦


### ତୁମେ କାହାକୁ ଏତେ ଠକୁଛ

**ବୈଷ୍ଣବ ମେହେର**

ତୁମ କାମକୁ ଅନ୍ୟକୁ ସମର୍ପି,
ଚାତୁର୍ଯ୍ୟରେ ଆଧିପତ୍ୟ ଦେଖୋଉଛ;
ସାଜି ଲୋକ ସେବକ ତୁମେ,
ଅନ୍ୟ ଲୋକଙ୍କୁ ଧୋକା ଦଉଛ ।

ସ୍ୱାର୍ଥ ଥିଲେ ବନ୍ଧୁ ବାନ୍ଧି,
ସ୍ୱାର୍ଥ କମିଗଲେ ଦଉଛ ଛାଡି;
ନିଜ ଦୋଷକୁ ଅଠା ବୁଲେଇ,
ନିନ୍ଦୁଛ ବନ୍ଧୁ ଉପକାର ଭୁଲି ।

ବାପା ମାଆଙ୍କୁ ଭୁଲି ଯାଇ,
ନିଜ ସ୍ୱାର୍ଥକୁ ମାନୁଛ ସର୍ବଶ୍ରେଷ୍ଠ ;
ଶ୍ୱ-ସ୍ୱାର୍ଥକୁ ଆଧାର କରି,
କରୁଛ ଅନ୍ୟ ଲୋକର ଅନିଷ୍ଟ ।

ମୁଣ୍ଡ ଝାଳ ତୁଣ୍ଡେ ମାରି,
ବଡ କଲା ତୁମକୁ ଯିଏ;
କି ବିଡ଼ମ୍ବନା ଦେଖ ସର୍ବେ,
ଜରାଶ୍ରମେ ଆଜି ଝୁରୁଛି ସିଏ ।

ଝିଅ ପିଲା ସ୍ତ୍ରୀଙ୍କୁ ଛାଡ଼ି,
ପର ଭାରିଯାରେ ଦଉଛ ମନ ;
ମୋହ ମାୟା ସବୁ କ୍ଷଣଭଙ୍ଗୁର,
କେବେ ପାଇବ ହିତାହିତ ଜ୍ଞାନ ।

ଭାବୁଛ ନିଜକୁ ବଡ଼ ଚତୁର,
ବିପଦେ ନଥିବେ କେହି ଜଣେ,
ତୁମେ କାହାକୁ ଏତେ ଠକୁଛ,
ବିଧାତା ରଖୁଛି ଖବର ପ୍ରତିକ୍ଷଣେ ।


ଗଣ୍ଡାବାହାଲି
ନୂଆପଡ଼ା
ମୋ: ୬୨୬୪୩୦୫୦୦୩

# ନିଶିଥର ସୂର୍ଯ୍ୟୋଦୟ



ପ୍ରଫୁଲ୍ଲ ବାରିକ

ମାସ ମଗୁଶିର । ଦିନରେ ଅବିରବୋଳା ପରି ନରମ ଖରାକୁ ସଞ୍ଜ ନଉଁ ନଉଁ ମିଠା ମିଠା ଶୀତର ସ୍ୱର୍ଶ । ନିର୍ମେଘ ଆକାଶରୁ ଝରି ପଡୁଛି ରାତି ଗୋଟା ଟିପି ଟିପି କାକର । ସକାଳର ସୁନେଲି ଖରାରେ ଧାନ ପତ୍ରରେ କାକର ବିନ୍ଦୁ ଚକଚକ କରୁଛି ହିରା ପରି । ବିଲଗୋଟା ହଳଦୀ ବର୍ଣ୍ଣ । ଲାଗୁଚି ହଳଦୀ ବର୍ଣ୍ଣର ପାଟ ଶାଢୀରେ ମାଆ ଲକ୍ଷ୍ମୀ ଆବୋରି ବସିଛନ୍ତି ଗୋଟା ବିଲକୁ। ଏଥର ନାଇଁନଥିବା ଧାନକୁ କଟା ପାଇଁ ପାଗ ସୁନ୍ଦର । ଜମିରେ ଟୋପେ ପାଣି ନଥିବାକୁ ଶୁଖିଲା ପାଗରେ ଧାନ କଟା ବେଶ ଜମିବ । କାଇଁ କେତେ ବର୍ଷରେ ଆସେ ଇମିତି ସୁଯୋଗ ।

ବଇଁଶୀ ସକାଳୁ ସକାଳୁ ଦାନ୍ତକାଠି ପାଟିରେ ଭେରେ ବୁଲି ନଆସିଲେ ବିଲଆଡୁ ତା ମନ ବୁଝେନା । ଚାରିମାଣ ଜମି ଉଠିଆ କରିଛି । ମାଆଲକ୍ଷ୍ମୀ ଦେଇଛନ୍ତି ମନଖୋଲି । ଧାନକୁ ଦେଖିଲେ ପେଟ ପୁରୁଚି । ଆଉ ସାପ୍ତାହକରେ ଆରମ୍ଭ କରିବ କଟା । ଜମି ମାଣକର ଧାନ ବଳେଇବ ସାରା ବର୍ଷ ପରିବାର ପେଟକୁ। ବାକି ଧାନ ଦବ ସୋସାଇଟିରେ। କୁସୁମର ଏବର୍ଷ ପ୍ଲସଟୁ ଶେଷ ହବ । ଆଉ ଆଗକୁ ଯିବାର ନାଇଁ। ଯାଇ ଲାଭ କଣ ? କୋଉ ଅଫିସର ନା ହାକିମ ହବକି ଅଧିକ ପଢିକି ? ବାପର ଦାୟିତ୍ୱ ଚୁକେଇ ଦେଲେ ଚିନ୍ତାମୁକ୍ତ । ସେଇଆ କରିବ। କୁସୁମ ବୋଉକୁ ବୁଝେଇ ଶୁଝେଇ ରାଜି କରିବ ।

ସାବିତ୍ରୀ ମାଣ ବସେଇଚି। ଗୁରୁବାର ସାରାଦିନ ବ୍ୟସ୍ତ ଲକ୍ଷ୍ମୀଙ୍କ ପୂଜାରେ । ଧଳାକସ୍ତା ପିନ୍ଧି ଲାଗିଥିବ କାମରେ । ଦୁଆରୁ ମାଣ ଖଟୁଲି ଯାକେ ଝୋଟି ସହ ମାଆଙ୍କ ଯୋଡି ପାଦ । ଖଟୁଲିରେ ବିରାଜିତା ଲକ୍ଷ୍ମୀ ଠାକୁରାଣୀ। ନୂଆ ଧାନରେ ଜଟ କରି ଥୋଇଚି ମାଆଙ୍କ ମଥାରେ । ନୂଆ ଚାଉଳରେ ଖିରି ପିଠା। ଅଗରୁ ଝୁଣାର ବହଳ ଧୂଆଁରେ ସାବିତ୍ରୀର ଲକ୍ଷ୍ମୀ ପୁରାଣ ପଢା ଲାଗୁଚି ଯିମିତି ଘର ନୁହେଁ, ସ୍ୱୟଂ ମାଆଙ୍କ ମନ୍ଦିର । ସାବିତ୍ରୀବି ଲାଗେ ମଣିଷ ଦେହରେ ମାଆ ଲକ୍ଷ୍ମୀ ଠାକୁରାଣୀ ସ୍ୱୟଂ।

ନିରୋଳା ବେଳେ ବଇଁଶୀ ଉଠେଇଲା ସାବିତ୍ରୀ ଆଗରେ କୁସୁମର ବାହାଘର କଥା । ସାବିତ୍ରୀ ଅନେଇଲା ବଇଁଶୀ ମୁହଁକୁ । କହିଲା - ଝିଅ ଆମର ପିଲାଟା । ବାହାଘର ବୟସ ହେଲାଣି ? କଣ ଜାଣିଲାଣି ସଂସାର ସମ୍ବନ୍ଧରେ ? ଏବେ ତାର ପଢ଼ାରେ ମନ । ଆଉ ତିନିବର୍ଷ ପଢି ବିଏଟା ସାରିଦଉ । ବୟସ କୋଉ ଗଡି ଯାଉଛି ? ତମେ କାଇଁ ତାକୁ ବୋଝ ଭାବୁଛ ଯେ ? ସିଏ କୋଉ ଅଯୋଗ୍ୟ ହେଇଚି, ନା ଅସୁନ୍ଦରୀ ?

ବଇଁଶୀ ଜାଣେ ଖାସ ସାବିତ୍ରୀ ପାଇଁ କୁସୁମ ଆସିଛି ଏତେ ବାଟ । ତାକୁ ପାଞ୍ଚ ଜଣରେ ଜଣେ କରିବା ତାର ଲକ୍ଷ୍ୟ । ତା ସ୍ୱପ୍ନକୁ ପାଣି ଫିଙ୍ଗି ଜୋର କଲେ ତା ମନ ଭାଙ୍ଗିଯିବ । ମାଆର ତ ଇଛା ଏଇଆ । ଝିଅ ଯାଏ ଯିବାର ପ୍ରଶ୍ନ ଉଠୁଚି କୋଉଠି ? କହିଲେ ସିଏ କୋଉ ରାଜି ହେବକି ? ବଇଁଶୀ ତୁନି ପଡିଲା ଆପଣା ଭିତରେ । ବୁଝେଇ ଦେଲା ମନକୁ, ପଢୁଛି ତ ପିଲାଟା ପଢୁ । ତା ବୟସରେ ତ କେହି ଜଣେ ବାହା ହେଇ ନାହାନ୍ତି ଗାଁ'ରେ । ତାକୁ କରିଦେଲେ ଲୋକେ କହିବେ କଣ ?

ପ୍ଲସଟୁ 'ରେ ପ୍ରଥମ ଶ୍ରେଣୀରେ ପାସ କଲା କୁସୁମ । କୁସୁମ ଠାରୁ ଅଧିକ ଖୁସି ହେଲା ତା ବୋଉ । ଗାଁ ଗୋଟାକରୁ ଏକା କୁସୁମ ଫାଷ୍ଟ ଡିଭିଜନ ପାଇବାର । ଲୋକ ପ୍ରଶଂସାରେ ବଇଁଶୀବି ପୋତି ପଡୁଥାଏ ।

ଗାଁ ଛାଡି ସହର ଗଲା କୁସୁମ । ଯାଇ ନାଁ ଲେଖେଇଲା ଗୋଟେ ଭଲ କଲେଜରେ । ହଷ୍ଟେଲ ରହଣି । ଆସେ ଛୁଟୀରେ ଗାଁ'କୁ । ଅଧିକ ଅମଳରୁ ଯୋଉ ଦି'ପଇସା ମିଳିଥିଲା, ବଇଁଶୀ ଖର୍ଚ୍ଚ କରିବାରେ ହେଳା କଲାନି କୁସୁମ ପଛରେ। ଏଣିକି ତା'ରବି ନିସା ନାଗି ଗଲାଣି କୁସୁମକୁ ଆଗକୁ ନବାର । ବର୍ଷ ତିନିଟାତ ? ଅନଉ ଅନଉ ସରିଯିବ । ଝିଅ ତାର ସହର ଛାଡି ଫେରି ଆସିବ ଗାଁ'କୁ ବିଏ ସାର୍ଟିଫିକେଟ ସାଙ୍ଗରେ । କୁସୁମ ହବ ଗାଁ'ର ପ୍ରଥମ ବିଏ ପଢା ଝିଅ । କେତେ କେତେ ପଇସା ବାଲାଙ୍କ ଝିଅବି ଯାଇ ନାହାନ୍ତି ଏତେ ବାଟ। ଇଏ ଖାଲି ତା ପାଇଁ ନୁହେଁ, ତା ବଂଶର ଗୌରବ ।

ଅନଉ ଅନଉ ତିନି ବର୍ଷ ବିତିଗଲା । ଅନର୍ସରେ ପ୍ରଥମ ଶ୍ରେଣୀରେ ପାସକଲା କୁସୁମ। ଏତେ କଥା ନବୁଝି ବଇଁଶୀ ବୁଝିଲା କୁସୁମ ଭଲକରି ପାସ କରିଛି । ଏବେ ସମୟ ତାକୁ ବାହା ଦବାର । ଲାଗି ପଡିଲା ପାତ୍ର ଖୋଜିବାରେ । ତା ତତ୍ପରତାକୁ ଅନୁଭବୁଥାଏ ସାବିତ୍ରୀ । ସିଏ କିନ୍ତୁ ଝିଅ ବାହାଘର ପାଇଁ ଆଦୌ ବ୍ୟସ୍ତ ନୁହେଁ । ପଚାରିବାରୁ କହିଲା - ଆଉ ଦି'ବର୍ଷ ପଢିବ ଝିଅ। ଏମେଟା ସାରିବ ଯିମିତି ହେଲେ । ଏକଥା ମୋର ନୁହେଁ, କୁସୁମର । ବାହାଘର ନାଁ ଶୁଣିଲେ ରାଗୁଛି। କହୁଛି, ହେବିତ ଏତେ ବ୍ୟସ୍ତ କାଇଁକି ? ବାହାଘର କଣ ଜୀବନର ଏକମାତ୍ର ଲକ୍ଷ୍ୟ ? ମୋ ଲକ୍ଷ୍ୟରେ ମୋତେ ପହଂଚିବାକୁ ଦିଅ ଆଗ । ତା'ପରେ ବାହାଘର ।

ବଇଁଶୀର କଥା ତୁଳା ପରି ଉଡ଼ିଗଲା ଆକାଶରେ । ମାଆ ଝିଅ ମୋଟେ ଗୁରୁତ୍ୱ ଦେଲେନି ତା କଥା ଉପରେ । ବଇଁଶୀ ଆପଣା ଚିନ୍ତାର ବୋଝକୁ ମୁଣ୍ଡେଇ ରାତିଦିନ ଗୁରୁଣ୍ଡୁ ଥିବା ବେଳେ କୁସୁମ ଅଣନିଶ୍ୱାସୀ ହେଇ ଧାଇଁଥାଏ ତା ଲକ୍ଷ୍ୟରେ । ଆଶାର କ୍ଷୀଣ ରେଖା ତା ଅନ୍ଧାରିଆ ରାସ୍ତାକୁ ଆଲୋକିତ କରିବାରେ ଯଥେଷ୍ଟ ଥାଏ । ତା ପଛରେ ଥାଏ ତା ବୋଉ । ବୋଉର ଉତ୍ସାହ ଧୈର୍ଯ୍ୟ ତା ଚଲା ପଥରେ ମାଇଲ ଖୁଣ୍ଟ ହେଇ ବଢ଼ାଉ ଥାଏ ତାକୁ ଆଗକୁ ଆଗକୁ ।

ଅନଉ ଅନଉ ଏମେ ସରିଲା । କୁସୁମ କିନ୍ତୁ ରହିଗଲା ସହରରେ ଘରକୁ ନଆସି । ବଇଁଶୀ ବସି ଦିନ ଗଣୁଥିବା ବେଳେ ସାବିତ୍ରୀ ମନ ଧାଉଁଥାଏ ଝିଅର ଉଡାଣ ପଛରେ । ଟିକେ ବ୍ୟସ୍ତ ବିବ୍ରତର ଚିହ୍ନ ମିଳେନି ତା'ଠେଇ । ଲାଗେ ଯିମିତି ମେଟ୍ରିକ ସାରି ନୂଆ ନୂଆ ପଠେଇଚି ଝିଅକୁ କଲେଜକୁ । ବଇଁଶୀ ବ୍ୟସ୍ତ ହୁଏ । ବୟସ ଗଡି ଚାଲିଛି । ବଢନ୍ତ ବୟସରେ ସାଧାରଣତଃ ଝିଅଙ୍କ ସୁନ୍ଦରତାରେ ଫିକା ପଡିଯାଏ । ଆଜିକାଲି ଯିମିତି ସୁନ୍ଦରତାକୁ ଆଦରୁଛନ୍ତି, ସମୟ ବାଧକ ସାଜିବନିତ କୁସୁମ ପାଇଁ ? ବଇଁଶୀକୁ ଡର ଲାଗେ। ରାତିରେ ନିଦ ହୁଏନି । ଗୋଟିଏ ଚିନ୍ତା ଘାରୁଥାଏ ତାକୁ ରାତିଦିନ କ୍ଷତା ମନକଥା ଶୁଣିବାକୁ ନା ମାଆ ଝିଅ ରାଜି, ନା ପଡା ପଡୋଶୀ । ସମସ୍ତଙ୍କ ମୁହଁରେ ଗୋଟିଏ କଥା - ଝିଅଟା ଯାଉଚିତ ଯାଉ ଆଗକୁ । ଆଜି ନାଇଁତ କାଲିକୁ ହବ ବାହାଘର । ବଇଁଶୀ ଚୁପ ରହେ । ଛାଡିଦିଏ ଈଶ୍ୱରଙ୍କ ଉପରେ । ତୁମେ ସାହା ପ୍ରଭୁ କୁସୁମକୁ ମୋର ।

ଓଏଏସ ଦେଇ କୁସୁମ ଫେରିଲା ଗାଁ'କୁ । ବୋଉକୁ ଜଣେଇ ଦେଲା, ସହରରେ ତାର ପଢା ସରିଗଲା ବୋଲି । ତେବେବି ଆଉ ମାତ୍ର କେତେଟା ଦିନ ଅପେକ୍ଷା କରିବାକୁ ହେବ ଶେଷ ଫଳ ଯାକେ । ତା'ପରେ ଆଉ ବାରଣ ନଥିବ ବାପାଙ୍କୁ ତାଙ୍କ ଦାୟିତ୍ୱ ନିଭେଇବାରେ । ବଇଁଶୀ ଶୁଣି ଖୁସି ହେଲା । ଝିଅ ତା'ଆଡୁ ରାଜି ହେଲାଣି । ଏଣିକି ସିଏ ଆଗେଇବ ପୂରା ଦମରେ ତା ରାସ୍ତାରେ । ଅପେକ୍ଷା କେବଳ ଦିନ କେଇଟାକୁ ।

ହଠାତ ଦିନେ ଟିଭିରେ ପ୍ରଚାରିତ ହେଲା ଓଏଏସ ପରୀକ୍ଷା ଫଳ । ପ୍ରଥମ ତିନି ଜଣଙ୍କ ନାଁ ଘୋଷଣା ଭିତରେ ଥିଲା କୁସୁମ । ଗାଁ ପିଲା ଖବର ଶୁଣି ଧାଇଁଲେ କୁସୁମ ଅପା ପାଖକୁ । ଖବର ଶୁଣେଇ ଝଡ଼େଇବେ ମିଠା । ଅନଉ ଅନଉ ଗାଁ ଡେଇଁ ଅଞ୍ଚଳ ଗୋଟା ବିଛେଇ ହେଇଗଲା ଖବର । ଗାଁ'ରୁ ରାଜ୍ୟ ସଭିଙ୍କ ମୁହଁରେ କୁସୁମ। ଖବର କାଗଜରେ ମୁଖ୍ୟ ଶୀରୋନାମା ଥିଲା - ଗାଁ'ର ଚାଷୀ ଝିଅ କୁସୁମର ଓଏଏସରେ ବାଜିମାତ ।

କୁସୁମ ମୋବାଇଲ ଲଗେଇକି ରଖିଛି କାନରେ । ମୁହୂର୍ତ୍ତେ କଥା ହେବାକୁ ବାପା ବୋଉଙ୍କ ସହ ସମୟ ନାଇଁ । କେତେ କେତେ ଆସୁଛନ୍ତି ଘରକୁ ବଧେଇ ଜଣେଇବାକୁ । କୁସୁମ ସହାସ୍ୟ ସମ୍ମୁଖୀନ ହଉଚି ସମସ୍ତଙ୍କୁ । ସାବିତ୍ରୀର ପାଦ ମାଟି ଛୁଉଁ ନଥିବା ବେଳେ ବଇଁଶୀ କିଛି ନବୁଝିପାରି ଖାଲି ଥ' ଥ' ହଉଚି । କାଇଁ ଆଗରୁତ ପାସ କଲେ ଏତେ ଆଦର ସୁହାଗ ମିଳୁ ନଥିଲା ? କୁସୁମ କି ପାସ କଲାକି ?

ଟିଭି ବାଲା ସାକ୍ଷାତକାର ନେଲା ବେଳେ ପ୍ରଶ୍ନ ଥିଲା କୁସୁମକୁ - ଆପଣଙ୍କ ଉପଲବ୍ଧିର ଶ୍ରେୟ କାହାକୁ ଦେବେ ? କୁସୁମ ବାପା ବୋଉଙ୍କୁ ତା ଦୁଇ ପାଖରେ ବସେଇ କହିଲା -ମୋ ବାପା ବୋଉଙ୍କର ପ୍ରାପ୍ତି ଇଏ । ମୋର ନୁହେଁ । ବଇଁଶୀକୁ ଯେବେ ପଚରା ଗଲା - ଝିଅ ପାଇଁ ତମେ କେତେ ଖୁସି ? ଉତ୍ତରରେ ବଇଁଶୀ କହିଲା - ସମସ୍ତେ ଯେତେବେଳେ ଖୁସି, ମୁଁ ନହେବି କାଇଁକି ? ସରକାର ମୋ ଝିଅକୁ ଚାକିରୀ ଖଣ୍ଡେ ଦେଲେ ଅଧିକ ଖୁସି ହୁଅନ୍ତି । ମୋତେ ବର ଖୋଜାରେ କଷ୍ଟ କରିବାକୁ ପଡନ୍ତା ନାଇଁ ।

କୁସୁମ ଆଖିରୁ ଖସି ପଡିଲା ଠପ ଠପ ଲୁହ । ବାପାଙ୍କ ଛାତିରେ ମଥା ରଖି କୁସୁମ କହିଲା - ତମ ସରଳତା, ନିଷ୍କପଟ ହୃଦୟ ମୋତେ ଆଜି ଏଇଠି ପହଂଚେଇଚି ବାପା । ତମେ କେତେ ସରଳ ?! ମୋ ବାପା ପରି କିଏ ହବ ? କୁସୁମ ଭିଡି ଧରିଲା ବାପାଙ୍କୁ ସରାଗରେ । ଝିଅ ମଥାରେ ଝରି ପଡୁଥାଏ ବଇଁଶୀ ଆଖିରୁ ଝର ଝର ଲୁହ । ଚାକିରୀ ପାଉ ନପାଉ, ବର ମିଳୁ ନମିଳୁ, ଯାହା ଏବେ ସିଏ ପାଇଛି, ତା ପାଇଁ ସିଏ ସରଗର ଚାନ୍ଦ। ତା ଜୀବନ ନିର୍ଣ୍ଣିଥରେ ସୂର୍ଯ୍ୟୋଦୟ । ଦୃଶ୍ୟ ରେକର୍ଡ ହଉଥାଏ କ୍ୟାମେରାରେ।

ଫଟୋ ସହ ସବିଶେଷ ବିବରଣୀ ବାହାରିଲା ପରଦିନ ମୁଖ୍ୟଖବର ହେଇ ପେପରରେ । ଗୋଟା ରାଜ୍ୟ ଆଲୋଚନା । ଯେତେଟା କୁସୁମକୁ ନେଇ ନୁହେଁ, ଅଧିକ ବଇଁଶୀ ପରି ଜଣେ ସରଳ ନିଷ୍କପଟ ଚାଷୀ ବାପକୁ ନେଇ ।

+ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ: ୯୨୩୮୯୨୦୪୦୫

# ପ୍ରଜାପତିର ଡେଣା...

ବିଜୟଲକ୍ଷ୍ମୀ ପାଣିଗ୍ରାହି



ମାଘର ବାଘୁଆ ଶୀତରେ ପୁଣି ଶୀତନିଦ୍ରାରେ ଘୁମାଉଥିବା ମନଟା ଏ ବର୍ଷ ଏମିତି କେମିତି ଏତେ ସବୁଜ ଛନଛନିଆ ହୋଇ ପାରିଛି ? ଏହା ଏକ ଠେକି ଖସା ପ୍ରଶ୍ନବାଚୀ ନୁହେଁ କି ? ଜୀବନର ଲେଖା ଯୋଖାରେ ଫଗୁଣର ଋତୁଟିଏ ତ ନିଶ୍ଚୟ ଆସେ।

ଖାଲି ଯାହା ସମୟକୁ ସାଥିକରି ଚାଲି ଶିଖିଲେ ହେଲା।

ଉତ୍ତରା ପବନକୁ ସାଥିରେ ନେଇ ଫେରିଯାଉଛି ଶୀତ। ଆମ୍ବ ଗଛର ଭରା ଯୌବନର ସ୍ୱର ଶୁଭୁଛି କୋଇଲି କଣ୍ଠରେ। ମୃଦୁ ମଳୟ ପରଶ ପାଇ ମହକୁଛି ଚନ୍ଦନବନ। ବସନ୍ତ ଫେରି ଆସୁଛି। ତା' ଆଗମନରେ ଖୁସିରେ ଫାଟିପଡୁଛି ଚଉଦିଗ। ଘରେ ବଦଳାଇ ଦିଆ ଯାଇଛି ଡୋର କର୍ଟନ, ନୂଆ ଫୁଲରେ ସଜା ହୋଇଛି ଦୁଆରବନ୍ଧ। ବିଶେଷ କରି ତା'ର ଏକ ଫଟୋକୁ ବଡ ଫ୍ରେମରେ ବନ୍ଧାଯାଇଛି ଏବଂ ସଜା ଯାଇଛି କାନ୍ଥରେ ମଥାର ଟିକିଲି ପରି। ପାକଶାଳାକୁ ଏକଦମ ବିଶ୍ରାମ ନାହିଁ। ସବୁକିଛି ତା' ପସନ୍ଦର ଖାଦ୍ୟ। ଦାଣ୍ଡ ଦୁଆର ଚଉରା ମୂଳରୁ ବାଡ଼ି ପଟ ବାଲକୋନୀ ଯାଏଁ ସବୁଠି ଅଗୁର ଚନ୍ଦନର ବାସ୍ନା। ଜେଜିମାଆର ପାଦ ଆଉ କଣ ମାଟି ଛୁଉଁଛି ? ଅଠସ୍ତରୀ ବୟସର ତରୁଣୀ ସତର ବର୍ଷର ହରିଣୀ ସାଜିଛନ୍ତି ପରା। ମୂଳଧନ ଅପେକ୍ଷା ସୁଧ ସମ୍ପତ୍ତିରେ କୁଆଡେ ବେଶୀ ଶରଧା। ସେଥିପାଇଁ ଠାକୁର ଘରେ ଲମ୍ବା ପୂଜାର୍ଚ୍ଚନା। ନାତିଆ ଟୋକା ଘର ବାହୁଡା ହେଉଛି ବୋଲି ସକାଳୁ ସକାଳୁ ଉଠି ଫୋନରେ ରିମାଇଣ୍ଡ କରାଯାଇଛି ବନ୍ଧୁ ବାନ୍ଧବଙ୍କୁ। କାହିଁକି ନା ସମସ୍ତେ ଏକା ବେଳେ ଆସିଲେ ହେବ ନାହିଁ। ସେଥିପାଇଁ ଏକ ତାଲିକା ବି କରାଯାଇଛି। କିଏ, କେଉଁଦିନ, କେତେବେଳେ ଆସିବେ ? କେଉଁ ଦିନ କେଉଁଠାକୁ ବୁଲିବାକୁ ଯିବେ ? ସବୁକିଛି ସ୍ଥିର ହୋଇଛି। ପରିବାବାଲା ବାଛି ବାଛି ବସନ୍ତର ମନଲାଖି ପରିବା ଦେଇ ଯାଉଛି, ପାଖ ଗାଆଁରୁ ଆସିଛି ଛେନାପୋଡ଼। ସତେ ଯେମିତି ତାକୁ ଭେଟି ଦେବାପାଇଁ ମେଳା ଲାଗିଛି ଘରେ। ତା'ର ପୁରୁଣା ଖେଳଣା ସବୁ ଆଖିକୁ ଦିଶିବା ଭଳି ବିଭିନ୍ନ ସ୍ଥାନରେ ରଖା ଯାଇଛି। କୁଣିଆମାନଙ୍କର ଆତଯାତରେ ଘରେ ଗହଳି ବଢିଯାଉଛି।

ପାଞ୍ଚବର୍ଷ ଯଥେଷ୍ଟ, ମୁହଁ ଫୁଲାଇବା ପାଇଁ। ମେଘ ପରି ରାଗ। ସମୟର ପ୍ରବାହରେ ଅସ୍ଥିର ମେଘର ବି ରୂପ ରଙ୍ଗ ବଦଳେ। ସେଥିପାଇଁ ରାଗ ସବୁ ବଦଳିଗଲାଣି ଅଭିମାନରେ...। ଅଭିମାନର ବା ଆୟୁ କେତେ ? ଏବେ ଖାଲି ପ୍ରେମର ବର୍ଷା।

ବିଦେଶୀ ମନ କି ବୁଝିବ ସ୍ଥାୟୀ ବାସୀନ୍ଦାର ଗହନ କଥା। ମହୁମାଛିର ମନନେଇ ସେ କି କେବେ ଚିହ୍ନିପାରେ ସଂସାରର ଓଲଟ ବୃକ୍ଷକୁ। ବସନ୍ତର ବିଶ୍ୱାସର କାନଭାସରେ ମିରିନାର ପ୍ରତାରଣା ଚିତ୍ର। ପ୍ରତିଶ୍ରୁତିର ରଙ୍ଗ ସବୁ ଯାଯାବର। ଗୋଠ ବାହୁଡା ବଉଳା ଗାଇ ପରି ଯାହାହେଉ ବସନ୍ତ ବୁଝିପାରିଲା ତା ଦେଶରେ ତାର ଆଦର କେତେ ?

କୋଡିଏ ଦିନ ହୋଇଗଲାଣି ବୁଲା ଚାଲିଛି ଯେ ଚାଲିଛି। ଆଜି ପିଉସୀ ଘର ତ କାଲି ମାଉସୀ ଘର। କାଲି ମାମୁ ଘର ଗଲେ ଯାଇ ସରିବ ଏ ବୁଲିବା ପର୍ବ। ସେଠାରେ ପୁଣି ଚାରିଦିନ ରହିବାକୁ ହେବ। ବାଲି ଯାତ୍ରା ଲାଗିଛି। ଗାଆଁରେ ପଶୁ ପଶୁ ଅତୀତ ହାତଧରି ଟାଣିନେଲା ତା ଦିନକୁ। ସାମ୍ନାରେ ଦିଶୁଥିଲା ଦୁଇବେଣୀ ପକାଇ ନାକରେ ଗୁଣାଟିଏ ଲଗାଇଥିବା ସେହି ଚୁଲବୁଲି ସୁମନ। ମାମୁ ଝିଅ ଭଉଣୀ ପ୍ରୀତିର ଏକମାତ୍ର ଅଲିଅଳି ସାଙ୍ଗ। ବାଲି ଯାତ୍ରାରୁ ଘୁଗୁନି ତରକାରୀ ନେଇ ଘରେ ଗୋଟିଏ ଭାତ ଥାଳିରେ ତିନିଜଣ କେତେଥର ଖାଇଛନ୍ତି। ଆମ୍ବ ତୋଟାରେ ଦୋଳିମାଙ୍କଡୀ ଖେଳିଛନ୍ତି। ନଈ ପଠାରେ ଗାଧୋଇ ଓଢଣୀ ସୁଖାଇଛନ୍ତି। କଙ୍କି ଧରିବାରେ ସେ କୁଆଡେ ଧୁରନ୍ଧର ହେଲେ ପ୍ରଜାପତି ଧରିବାକୁ ସମସ୍ତଙ୍କୁ ଆକଟେ। ଆଉ କହେ, 'ତା' ଦେହର ରଙ୍ଗ ଛାଡ଼ିଗଲେ, ଆଖି ଆଉ କାହାକୁ ଦେଖିବ, ମନ କେମିତି ଖୁସି ହେବ ? ସେଥିପାଇଁ ସେ ସେମିତି ଉଡୁଥାଉ ରଙ୍ଗୀନ ଡେଣା ଝାଡ଼ି।

ତା'ର ହୋଲି ଖେଳ ଭାରି ନିଆରା। ଦେହସାରା ନିଜେନିଜେ ରଙ୍ଗ ବୋଳି ହେବ, ଅନ୍ୟ କିଏ ରଙ୍ଗ ବୋଳିଲେ ତାକୁ ଭଲ ଲାଗେନା ବୋଲି। ସେଥିପାଇଁ ବସନ୍ତ ତାକୁ ଅନେକ ଥର ସଯତ୍ନରେ ରଙ୍ଗରେ ସଜେଇ ଦିଏ। ଉଭୟ ଫୁଲ ବାଡ଼ରେ ଖେଳନ୍ତି ଫୁଲ ସାଥିରେ। ସୁମନର ଚୁଲବୁଲିପଣରେ ପ୍ରଜାପତିମାନେ ଭିଡ଼ ଜମାନ୍ତି। ବସନ୍ତ ବିଭୋର ହୁଏ ହେଲେ ପ୍ରଜାପତି ଗହଣରୁ ବାରିପାରେନି ସୁମନକୁ। ମାମୁଘର ସାମ୍ନାରେ ପହଂଚି ବସନ୍ତ ଅତୀତରୁ ବର୍ତ୍ତମାନକୁ ଆସିଲା। ଘର ଭିତର ଖାଁ ଖାଁ ଲାଗୁଛି। କାରଣ ପ୍ରୀତି ତା'ର ଶାଶୁ ଘରେ। ରିତେଶ ତା' ପରିବାର ସହ ବାଙ୍ଗାଲୋରରେ ରହୁଛି। ପିଲାଙ୍କ ପରୀକ୍ଷା ଯୋଗୁଁ ବାଲି ଯାତ୍ରାକୁ ତିନି ବର୍ଷ ହେଲା ଆସିନାହିଁ। ମାମୁ ମାଇଁଙ୍କର ସେଥିପାଇଁ ଭାରି ଦୁଃଖ।

ଦୁଇଦିନ ପରେ ହୋଲି ଆସିବ। ଜୀବନରୁ ରଙ୍ଗ ଛାଡିଯିବା ପରେ ଏ ବୟସରେ ଆଉ କଣ ବା ହୋଲି ଖେଳିବ ବସନ୍ତ। ମହୁ ନେଇ ପ୍ରଜାପତି ସିନା ଫୁଲର ଠିକଣା ଭୁଲେ, ହେଲେ ଫୁଲ ପ୍ରଜାପତିଠୁ ମୁହଁ ଆଡେଇ କଣ ଅନ୍ୟ ଠିକଣା ଖୋଜିପାରେ ? ହଁ ବିଦେଶ ତ ସବୁବେଳେ କୁହୁଡ଼ିଆ। ବିଦେଶର ଡ୍ରେସିଂ ଟେବୁଲରେ ଖଞ୍ଜା କୁହୁକ ଆଇନା, ଯେଉଁଠି ନିଜ ରୂପ ନିଜକୁ ଅଚିହ୍ନା। ଦୃଶ୍ୟମାନ ଯାହାକିଛି ସବୁ ଭେଜାଲ। ଚିକିମିକି ଦିଶୁଥିବା ସବୁକିଛି ସୁନାର ପ୍ରହେଳିକା। ସ୍ମୃତି ସବୁ ପୂର୍ବପୁରୁଷଙ୍କ ପାରମ୍ପରିକ ଗୀତ ଭଳି ପାଶୋରା।

ପାଶୋରି ପାରୁନି ବସନ୍ତ, ନା ଅତୀତ ନା ବର୍ତ୍ତମାନ। ମିରିନା ଏବେ ଆକାଶ କଇଁଆ ଆଉ ସୁମନ ଚିଳିକା ମାଛ। ସୁମନଘର ମାମୁଘରର ତିନି ଘର ପରେ ଆସେ। ହେଲେ ସେ ବି ତ ପ୍ରୀତି ଭଳି ଘରସଂସାର କରିବଣି। ହେଲେ କାହିଁକି କେଜାଣି ଦୀର୍ଘ କୋଡିଏ ବର୍ଷ ପରେ ସେ ଅତୀତଟା ଏତେ ଦେହଲଗା ହେଉଛି ?

ଦେହଲାଗା ବାସ୍ନାରେ ବସନ୍ତର ସକାଳଟା ଗାଧୋଉଛି। ଆଖି ଖୋଲୁନି ହେଲେ ଢଳ ଢଳ ହେଉଛି ପଲକ ତଳେ କଳା ଭଅଁର ଦୁଇଟି। ମୁହଁରେ ସଜଫୁଟା ଫୁଲର ସ୍ମିତାହାସ ରେଣୁ। ପ୍ରୀତି ମୁଣ୍ଡ ପାଖରେ ରହି କାନରେ କୋଇଲିର କୁହୁମନ୍ତ୍ର ଦେଲା। ଚେହେଙ୍କି ଉଠିଲା ବସନ୍ତ। ସାମ୍ନାରେ ଫୁଟା ଫୁଲଟିଏ। ଭୃକୁଞ୍ଚନରେ ବାରୁ ବାରୁ ସେ ବାରି ପାରିଲା ଫିକା ରଙ୍ଗରେ ସୁମନକୁ। ଉଠି ବସିଲା ବେଳକୁ ହାପି ହୋଲି କହି ପ୍ରୀତି ସୁମନର ରଙ୍ଗ ହାତକୁ ବୋଳିଦେଉଥିଲା ବସନ୍ତ ମୁହଁରେ। କ୍ଷଣକରେ ମନ ବୁଝିଗଲା। ଶୀତଳ ସ୍ୱର୍ଶ ଅନୁଭବରେ ଫାଲ୍ଗୁଭରା ହେଲା ବସନ୍ତ। ସୁମନ ଜେଜିମାଆର ପଣତ ଧରି ନଖରେ ଭୂମି ଉଖାରୁ ଥିଲା। ଜେଜିମାଆ କହିଲେ, 'ଆରେ ସୁମନ ଆଜି ପରା ହୋଲି। ଦାଣ୍ଡ ଦୁଆରେ ଝୋଟିଟେ ଦେଇ ଦେ...।'


ତା'ପରେ ବସନ୍ତ ଆଡକୁ ଅନାଇଲେ। ଦେଖିଲେ ନାତି ହସରେ ରଙ୍ଗୀନ ପବନ ଖଣ୍ଡେ ଘଷି ହେଉଛି। ସେ କହି ଉଠିଲେ, 'ଆରେ ବସନ୍ତ ! ତୁ ଆଉ ବସି ରହିଲେ କଣ ହେବ ? ଯାଆ ସୁମନ ଆଙ୍କିଥିବା ପ୍ରଜାପତି ଡେଣାରେ ରଙ୍ଗ ଭରି ଦେ...।

+ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ- ୮୨୪୯୪୫୦୦୫୦

# ଠିକଣା ବାଟରେ ପ୍ରେମ ଠିକଣା

ସୁନନ୍ଦା ମହାନ୍ତି

ପିଲାଟିଏ ପାଇଁ ବାର ଓଷା ବ୍ରତ ଜାଚଞ୍ଜା କରି କରି ଥକି ଗଲେଣି କାନ୍ତା। ସ୍ୱାମୀ ରୁଦ୍ର ମଧ କମ ଘୁରି ବୁଲିନାହାଁନ୍ତି, ସରକାରୀ ଠାରୁ ଆରମ୍ଭ କରି ପ୍ରାଇଭେଟ ହସ୍ପିଟାଲ ପର୍ଯ୍ୟନ୍ତ। ହେଲେ ବାହାଘରର ଆଠ ବର୍ଷ ବିତିଯାଇଥିଲା ନିରାଶା ଆଉ ହତାଶାରେ। ଗାଁରୁ ରୁଦ୍ରଙ୍କ ବାପା ମାଆ କହିପଠେଇଛନ୍ତି, ଗ୍ରାମ ଦେବତୀଙ୍କ ପାଖରେ ଯଜ୍ଞର ଆୟୋଜନ କରାଯାଇଛି। ଉଦଯାପନୀ ଦିନ ଉପସ୍ଥିତ ରହି ଚଢୁ ପ୍ରସାଦ କାନ୍ତା ପାଇଁ ନେଇଯିବାକୁ। ଛୁଟି ନେଇ ବାହାରିଗଲେ ରୁଦ୍ର, ବିଶ୍ୱାସ ଅବିଶ୍ୱାସ ଦୋଛକିରେ ଆଶାର କିରଣ ନେଇ।



କାନ୍ତା ଭାବୁଥିଲେ ଭକ୍ତିର ଅର୍ଘ୍ୟ ସବୁବେଳେ ସକାରାତ୍ମକ। ପ୍ରଭୁ ଶ୍ରୀ ରାମଚନ୍ଦ୍ର ନିଜେ ଚଢୁ ପ୍ରସାଦ ପାଇବା ପରେ ମାତା କୌଶଲ୍ୟାଙ୍କ ଗର୍ଭରେ ଅଙ୍କୁରଦୋମ ହୋଇଥିଲେ ତେବେ ଶାଶୁ ଶଶୁରଙ୍କ ଆଶା ଫଳବତୀ ନିଶ୍ଚୟ ହେବ ତେଣୁ କାନ୍ତା ମଧ କାଷ୍ଠା ଅର୍ଥାତ ନିର୍ଜ୍ଜଳ ରହି, ଧୂପ ଦୀପ, ପୂଜା ନୈବେଦ୍ୟ ଭିତରେ ଚାହିଁଥାନ୍ତି ସ୍ୱାମୀ ରୁଦ୍ରଙ୍କ ପ୍ରତ୍ୟାବର୍ତ୍ତନ ସହ ଚଢୁ ପ୍ରସାଦ ପାଇବା ପାଇଁ। ସ୍ୱାମୀ ଫେରିଲେ କିନ୍ତୁ ଚଢୁ ପରିବର୍ତ୍ତେ, ସଦ୍ୟଜାତ କଅଁଳା ଶିଶୁ ପୁତ୍ର ସହ। ଆଶ୍ଚର୍ଯ୍ୟ ଆଖିରେ ଚାହିଁଥିଲେ କାନ୍ତା। କୌଣସି ଶିଶୁ ଭବନରୁ ଛୁଆଟିଏ ଆଣିବାକୁ ସ୍ୱାମୀ ସ୍ତ୍ରୀ ମନସ୍ଥ କରି ଏଠିକୁ ସେଠିକୁ ଅନେକ ବୁଲିବା ପରେ, ଭାବିଥିଲେ, ନିଜ ରକ୍ତର ସନ୍ତାନଟିଏ ପାଇଁ, ସେଥିପାଇଁ ତ ରୁଦ୍ର ଦଉଡି ଯାଇଥିଲେ, ଗାଁକୁ ଚଢୁ ପ୍ରସାଦ ପାଇଁ, କିନ୍ତୁ ଶିଶୁଟିଏ ଧରି ! ଆଶ୍ଚର୍ଯ୍ୟରେ ଚାହିଁଥିଲେ କାନ୍ତା, ରୁଦ୍ର ଛୁଆଟିକୁ କାନ୍ତାଙ୍କ ହାତକୁ ଟେକି ଦେଇ କହୁଥିଲେ, ମୋ ପ୍ରେମର ଠିକଣା ଏଇ ଶିଶୁ, ନିଅ, ମୋ ରକ୍ତର ନୁହେଁ ସତ ହେଲେ ମୋ ମାନସ ପୁତ୍ର ଇଏ କାନ୍ତା। ପ୍ରଥମ ରାତିରେ ସ୍ୱାମୀ ତାଙ୍କୁ ଯେବେ ପଚାରିଥିଲେ, ତୁମେ ଆଉ କାହାକୁ ଭଲପାଇନାହଁ ତ କାନ୍ତା ? ହସିଥିଲେ କାନ୍ତା, କହିଥିଲେ ଓଃ ସାତ ଦିନ ଫିଲ୍ମ ଭଳି କେତେକ ଫିଲ୍ମ ଦେଖି ହୁଏତ ଆପଣ ଏମିତି କିଛି ମୋ ବିଷୟରେ ଭାବିପାରୁଛନ୍ତି। ଚୁପ ହୋଇଗଲେ ରୁଦ୍ର। କାନ୍ତା କିନ୍ତୁ କୌଣସି ପ୍ରଶ୍ନ ପଚାରି ନଥିଲେ ରୁଦ୍ରଙ୍କୁ, ତାଙ୍କ ପ୍ରଥମ ପ୍ରେମର ଠିକଣା ବିଷୟରେ। ଆଜି ହଠାତ ଶିଶୁଟିର ପରିଚୟ ରୁଦ୍ରଙ୍କ ରକ୍ତ ନୁହେଁ ବରଂ ପ୍ରେମର ପ୍ରଥମ ଠିକଣା କହିବାରେ କାନ୍ତା ବିସ୍ମୟ ତଥା ମୁଗ୍ଧ ପ୍ରଶ୍ନବାଚୀ ନୟନରେ ଚାହିଁଥିଲେ। ରୁଦ୍ର କହିଚାଲିଥିଲେ, ସାଙ୍ଗ ହୋଇ ସ୍କୁଲରେ ପାଠ ପଢୁ ପଢୁ ରୋଜିକୁ ମୁଁ ଭଲ ପାଇଥିଲି ସତ ହେଲେ ଜାତି ପ୍ରଥା ଆମ ବିବାହର ପ୍ରତିବନ୍ଧକ ହେଲା। ଗରୀବ ଘର ଝିଅ ରୋଜି ସବୁଥିରେ ଆଗୁଆ ଥିଲେ ବି ବିବାହ ହୋଇପାରୁନଥିଲା। ଶେଷକୁ ଯାହା ସହିତ ବିବାହ ହେଲା, ସେ ମଦ ପିଇ ପିଇ, ଜଳି ଯାଇଥିଲା ତା କଲିଜା। ଅଳ୍ପ ଦିନର ଅତିଥି ଥିଲା ସେ ଦୁନିଆଁର। ସ୍ୱାମୀକୁ ଭଲ କରିବାକୁ ଯାଇ କେତେ ମନୋବଳ ଧନବଳ ଯୋଗାଡି ପାରିଥାନ୍ତା ଅବା ରୋଜି। ଶେଷକୁ ହାରିଗଲା। ସ୍ୱାମୀର ମୃତ୍ୟୁ ପରେ ସେ ନିଜକୁ ଆବିଷ୍କାର କଲା ନୂଆ ରୂପରେ। ସେ ମାଆ ହେବାକୁ ଯାଉଛି, କିନ୍ତୁ ସେତେବେଳକୁ ତାର ନିଜସ୍ୱ ବୋଲି କିଛି ନଥିଲା। ବାପାଘର ଗ୍ରାମକୁ ଫେରିଆସି ପିଲାଙ୍କୁ ପାଠ ପଢ଼ାଇ ଚଳିବା ଭିତରେ ଅଳ୍ପ ଦିନ ବ୍ୟବଧାନରେ ପିତା ମାତାଙ୍କୁ ହରେଇ, ଏକମାତ୍ର କନ୍ୟା ସନ୍ତାନ ରୋଜି ଆସନ୍ନ ପ୍ରସବା ଭୀଷଣ ଅସୁସ୍ଥ ହୋଇପଡ଼ିଥିଲା। ଚଢୁ ପ୍ରସାଦ ଧରି ଫେରୁଛି, ସାଙ୍ଗ ସୁଧୀଠୁ ଏସବୁ ଘଟଣା ଶୁଣି ମୁଁ ରୋଜିକୁ ଭେଟିବାକୁ ଯାଇ ଦେଖିଲି ଅବସ୍ଥା ସାଙ୍ଘାତିକ, ତା ମୁଁହରେ ଚଢୁ ପ୍ରସାଦ ଦେଇଛି କି ନାହିଁ, ଗ୍ରାମରେ ଥିବା ଧାଇ ମାଆ ଆସି ଏହି ଶିଶୁ ପୁତ୍ରକୁ ଜନ୍ମ କରାଇଥିଲେ, ହେଲେ ରୋଜି ଆଖି ବୁଜି ଦେଇଥିଲା ସବୁ ଦିନ ପାଇଁ। ମାଆ ବାପା କହିବା ହିସାବରେ, ପୁଅକୁ ନେଇଆସିଛି। ମତେ କ୍ଷମା କରିବ କି ନା ମୁଁ ଜାଣେନା କହି ରୁଦ୍ର ସ୍ତବ୍ଧ ହୋଇଗଲେ।

କାନ୍ତା, ସେତେବେଳକୁ ଶିଶୁପୁତ୍ରର ସମସ୍ତ ଯତ୍ନ ନେଇ, ଓଦା ଆଖିରେ ଭିଜି ଭିଜାଇ ରୁଦ୍ରଙ୍କୁ ପଚାରୁଥିଲେ, ମତେ ଏସବୁ ତୁମର ବହୁତ ଆଗରୁ କହିବାର ଥିଲା। ଅବଶିଷ୍ଟ ଚଢୁ ପ୍ରସାଦ ନଖାଇ, ଠାକୁର ଘରେ ରଖିଦେଇ ଶିଶୁ ପୁତ୍ରକୁ ଧରି ହସ୍ପିଟାଲ ଅଭିମୁଖେ ଯିବାକୁ ନିଜେ ପ୍ରସ୍ତୁତ ହୋଇ ରୁଦ୍ରଙ୍କୁ ଗାଡି ବାହାର କରିବାକୁ କହୁଥିଲେ କାନ୍ତା।

+ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

# ପଣସର ଅଭାବୀ ବିକ୍ରିକୁ ନେଇ ଚିନ୍ତାରେ ଚାଷୀ



କେନ୍ଦୁଝର, ୨୬/୦୩ (ନି.ପ୍ର): ପଣସ କଞ୍ଚାବେଳେ ଖାଇବାକୁ ଯେମିତି ସୁଆଦିଆ, ପାଚିଲେ ଆହୁରି ଅଧିକ ସୁଆଦିଆ। କିନ୍ତୁ ପଣସ ବିକି ଜୀବିକା ନିର୍ବାହ କରୁଥିବା ଆଦିବାସୀମାନେ ସବୁବେଳେ ଅଭାବୀ ବିକ୍ରିର ଶିକାର ହେଉଛି। ପଣସ ବିକ୍ରି ପାଇଁ କୌଣସି ବଜାର ବ୍ୟବସ୍ଥା ନଥିବାରୁ ବେପାରୀମାନେ ସେମାନଙ୍କୁ ସାମାନ୍ୟ କିଛି ଟଙ୍କା ଦେଇ ବାଡ଼ିରୁ ପଣସ କାଟି ନେଉଛନ୍ତି।

ପଣସ ପାଇଁ କେନ୍ଦୁଝର ରାଜ୍ୟ ତଥା ରାଜ୍ୟ ବାହାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଘଟଗାଁ, ପାଟଣା, ହରିଚନ୍ଦନପୁର, କେନ୍ଦୁଝର ସଦର, ସାହାରପଡ଼ା, ବାଂଶପାଳ ଓ ତେଲକୋଇ ବ୍ଲକ୍‌ରେ ପ୍ରଚୁର ପରିମାଣର ପଣସ ଉତ୍ପାଦନ ହୋଇଥାଏ। ରାଜ୍ୟର ବିଭିନ୍ନ ସ୍ଥାନରୁ ବେପାରୀମାନେ ଆସି ଟନ୍‌ଟନ୍ ପଣସ କଠା ଏବଂ ପାଚିଲା ପଣସ ସଂଗ୍ରହ କରି ନେଇଥାନ୍ତି। ଅଳ୍ପ ପରିଶ୍ରମ ଓ କମ ଦେଖାରଖାରେ ପ୍ରଚୁର ପରିମାଣର ପଣସ ଉତ୍ପାଦନ ହେଉଥିଲେ ମଧ ଉପଯୁକ୍ତ ବଜାର ବ୍ୟବସ୍ଥା ନଥିବାରୁ ଚାଷୀ ଲାଭବାନ ହୋଇପାରୁ ନାହିଁ।

ବାଂଶପାଳ, ତେଲକୋଇ ଏବଂ ଘଟଗାଁ ବ୍ଲକ୍‌ର ପ୍ରତ୍ୟେକ ଲୋକଙ୍କ ବାଡ଼ିରେ ନିଶ୍ଚିତ ଭାବେ ପଣସଗଛ ଥାଏ। ଗୋଟିଏ ଗଛରୁ ପ୍ରାୟ ୧ ଟନ୍ ପଣସ ଅମଳ ହୋଇଥାଏ। କଟକ, କେନ୍ଦ୍ରାପଡ଼ା, ଯାଜପୁର ଓ ଭୁବନେଶ୍ୱରରୁ ବେପାରୀମାନେ ପହଞ୍ଚି ଗାଁଗାଁ ବୁଲି ଟ୍ରକ୍‌ରେ ପଣସ କଠା ସଂଗ୍ରହ କରି ନେଇଥାନ୍ତି। ଗୋଟିଏ କଠା ପାଇଁ ବେପାରୀମାନେ ଆଦିବାସୀଙ୍କୁ ମାତ୍ର ୩ରୁ ୫ ଟଙ୍କା ଦେଇଥାନ୍ତି। ଏକ କୁଇଣ୍ଟାଲ ପଣସ କଠା ବିକ୍ରି କଲେ ମାତ୍ର ୩ ଶହରୁ ୫ଶହ ଟଙ୍କା ମିଳିଥାଏ। ଗଛରେ ଥିବା ଅବଶିଷ୍ଟ ପଣସ ରଜ ବେଳେ ପାଚେ। ଏହା ସାବିତ୍ରୀ ଅମାବାସ୍ୟା ଓ ରଜ ବେଳେ ବିକ୍ରି ହୋଇଥାଏ। ଗଛରୁ ପଣସ ତୋଳି ବଜାରକୁ ଆଣି ବିକ୍ରି କରିବା କଷ୍ଟକର ହୋଇଥାଏ। ଯଦି କେହି ଅଟୋ ଯୋଗେ ବଜାରକୁ ପଣସ ବିକ୍ରି କରିବାକୁ ଆଣିଲା, ତେବେ ବାଟ ଖର୍ଚ୍ଚ ମଧ ଉଠେ ନାହିଁ। ସେତେବେଳେ ମଧ ଲୋକେ ବେପାରୀଙ୍କୁ ୧୦ /୧୫ ଟଙ୍କାରେ ପଣସ ବିକ୍ରି କରି ଦେଇଥାନ୍ତି। ପାଚିଲା ପଣସର ମଞ୍ଜି ମଧ ବେଶ ଉପକାରୀ ଏବଂ ଔଷଧୀୟ ତତ୍ତ୍ୱରେ ଭରପୂର। ଏହାର ମଧ ବଜାରରେ ଭଲ ଚାହିଦା ରହିଛି। ଜିଲ୍ଲାରେ ପଣସରୁ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ପାଇଁ ପ୍ରକ୍ରିୟାକରଣ ୟୁନିଟ୍ ନଥିବାରୁ କମ ଦରରେ ଚାଷୀ ପଣସ ବିକ୍ରି କରିବାକୁ ବାଧ ହେଉଛନ୍ତି।

ଏ ସମ୍ପର୍କରେ ବାଂଶପାଳର ମନ୍ମଥ ଘଣା କହିଛନ୍ତି, ବାଡ଼ିରେ ଥିବା ପଣସ ବିକ୍ରି କରିବାକୁ ଚାହିଁଲେ ବି ବିକ୍ରି କରିପାରୁ ନାହୁଁ। କାରଣ ବଜାରକୁ ନେଇ ହୁଏନା। ବେପାରୀଙ୍କୁ ଦେଲେ ଖୁବ କମ୍ ଟଙ୍କା ମିଳିଲେ। ତେଣୁ ବନ୍ଧୁବାନ୍ଧବଙ୍କୁ ବାଣ୍ଟି ଦିଆଯାଏ। ନଚେତ ଗଛରେ ପାଚି ନଷ୍ଟ ହୁଏ। କେନ୍ଦୁଝଦ ଜିଲ୍ଲାରେ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ପ୍ରତିଷ୍ଠା ହେଲେ ପଣସରୁ ଆଚାର, ଚିପ୍‌ସ ଭଳି ଖାଦ୍ୟ ପ୍ରସ୍ତୁତ ହୋଇପାରନ୍ତା। ଚାଷୀ ମଧ ଉପଯୁକ୍ତ ମୂଲ୍ୟ ପାଆନ୍ତେ ବୋଲି ଶ୍ରୀ ଘଣା କହିଛନ୍ତି।

## ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା, ୨୬/୦୩ (ନି.ପ୍ର): ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ଦିବସ ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପ୍ରବୀର କୁମାର ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଅନୀଲ କେର୍କେଟା, ଜିଲ୍ଲା କଳା ସଂସ୍କୃତି ସଂଘ ଉପ ସଭାପତି ସୁରଙ୍ଗ ପ୍ରଧାନ, ଓଡ଼ିଆ ଭାଷା ଓ ସଂସ୍କୃତି ସୁରକ୍ଷା ପରିଷଦ ନିର୍ବାହୀ ଉପ ସଭାପତି ମେହବୁବ ମହତାବ, ସାଧାରଣ ସମ୍ପାଦକ କ୍ଷମାସାଗର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ଦିବସ ଉପଲକ୍ଷେ ଜିଲ୍ଲା ସଦର ମହକୁମାରେ ଥିବା ବରପୁତ୍ର ଓ ମହାପୁରୁଷମାନଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ, ଶୋଭାଯାତ୍ରା ଆୟୋଜନ, ସାଧାରଣ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଆଦି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ସୀମାନ୍ତ ମୂରଲିପାଲି ଠାରେ ଓଡ଼ିଶା ଦିବସ ପାଳନ ସକାଶେ କବି ସମ୍ମିଳନୀ,ବକ୍ତୃତା ପ୍ରତିଯୋଗିତା, ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲ୍ଲାରେ ଓଡ଼ିଶା ଦିବସ ମହାସମାରୋହରେ ପାଳନ ପାଇଁ ଜିଲ୍ଲାପାଳ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ବୈଠକରେ ବିଭିନ୍ନ ମହାବିଦ୍ୟାଳୟ ଅଧକ୍ଷ, ସମାଜସେବୀ,ସାମାଜିକ ଅନୁଷ୍ଠାନ କର୍ମକର୍ତା ଯୋଗଦାନ କରିଥିଲେ।

# କିର୍ମିରା ବ୍ଲକରେ ନାବାର୍ଡ ସହାୟତାରେ ୱାଡ଼ି ପ୍ରକଳ୍ପର ଶୁଭାରମ୍ଭ

ଝାରସୁଗୁଡ଼ା, ୨୬/୦୩ (ନି.ପ୍ର): ନାବାର୍ଡ ସହାୟତାରେ କିର୍ମିରା ବ୍ଲକ ଅନ୍ତର୍ଗତ ସୁଲେହି ଗ୍ରାମ ପଂଚାୟତରେ ଏସ୍‌ଜିୟୁପି ନାବାର୍ଡ ୱାଡ଼ି ପ୍ରକଳ୍ପ ସକାଶେ ଭୂମି ପୂଜନ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତପିରାମ ମାଝୀଙ୍କ ଦ୍ୱାରା ଦ୍ୱାରା ଅନୁଷ୍ଠିତ ହୋଇଛି। ପ୍ରକଳ୍ପର ଭୂମିପୂଜନ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଶ୍ରୀ ମାଝୀ ପ୍ରକଳ୍ପ ଦ୍ୱାରା ବ୍ଲକର ଆଦିବାସୀ ପରିବାର ଲାଭବାନ ହେବେ ବୋଲି ଉଲ୍ଲେଖ କରିଥିଲେ। ନାବାର୍ଡ ଡିଡିଏମ୍ ତାପସ କୁମାର ବେହେରା ପ୍ରକଳ୍ପର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କିର୍ମିରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂର୍ଯ୍ୟ କୁମାର ବେହେରା,ଏଲ ଡି ଏମ୍ ସୁଧାଂଶୁ ଶେଖର ବେହେରା କିର୍ମିରା ବ୍ଲକର ତିନିଟି ପଂଚାୟତ ଆଠଟି ଗ୍ରାମ ଓ ପାଂଚଶହ ଆଦିବାସୀ ପରିବାର ପ୍ରକଳ୍ପ ଦ୍ୱାରା ଲାଭବାନ ହୋଇପାରିବେ ବୋଲି ସୂଚାଇଥିଲେ। ପ୍ରକଳ୍ପର ସମୁଦାୟ ବ୍ୟୟ ଅଟକଳ ୫,୬,୩୯୭୩୧ଟଙ୍କା ହୋଇଥିବା ବେଳେ ନାବାର୍ଡ ତରଫରୁ ପ୍ରକଳ୍ପ ସକାଶେ ୩,୩୪,୯୯୭୧୩ଟଙ୍କା ମଞ୍ଜୁର କରାଯାଇଛି। ବିଭିନ୍ନ ସରକାରୀ ସଂସ୍ଥା ତରଫରୁ କନଭରଜେନ୍ସ ଜରିଆରେ ୫୨,୭୬,୨୭୮ଟଙ୍କା ଓ ବଳକା ୧,୧୮,୬୩୭୪୦ଟଙ୍କା ଚାଷୀଙ୍କ ଶ୍ରମଦାନ ଆକାରରେ ଖର୍ଚ୍ଚ ହେବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଓଇଆରସି ଗିରିଜା ଶଙ୍କର ବେହେରା, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ସମୀର ରଞ୍ଜନ ଦାସ, ଡି ପି ଡି(ଆତ୍ମା) ଧୀରେନ୍ଦ୍ର ସିଂ ବରିହା ପ୍ରମୁଖ ଉପସ୍ଥିତ ଥିଲେ। ଏସ୍‌ଜିୟୁପି କର୍ମୀ ଲମ୍ବୋଦର କୁଲୁ, ତରୁଣ ନାଏକ, ଭିକାରୀ ମାଝୀ, ବସନ୍ତ ଥୁମାପାଳ, ପୁରୁଷୋତମ ଲୁହା, ଦୀପସା ମହାନ୍ତି, ପ୍ରତିଭା ସାମଲ, ଭିକାରି ମାକର ପ୍ରମୁଖ ପରିଚାଳନା କରିଥିଲେ। ସୁଲେହି ପଂଚାୟତ ସରପଂଚ ସଂଗୀତା ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଖବର ପ୍ରକାଶ ପରେ ପୁଣି ମରାମତି ହେଲା ପଥରପଦା ପୋଲ

କୋରେଇ, ୨୬/୦୩ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପଥରପଦା ପୋଲ ମରଣଯନ୍ତା ପାଲଟିବା ସହ ବାରମ୍ବାର ଦୁର୍ଘଟଣା ଘଟିଥିଲା। ଏନେଇ ଖବର ପ୍ରକାଶନ ପରେ ଜାତୀୟ ରାଜପଥ ପୋଟ୍ରୋଲିଙ୍ଗ ସବଇନ୍ସପେକ୍ଟର ଅଶୋକ ବଳ ଜାତୀୟ ରାଜପଥ ବିଭାଗ, ଠିକାସଂସ୍ଥା ଓ ଯାଜପୁର ଏସ୍‌ପି ବିନିତ ଅଗ୍ରୱାଲଙ୍କୁ ଏନେଇ ଜଣାଇଥିଲେ। ଫଳରେ ବିଭାୀୟ ଅଧିକାରୀ ତ୍ୱରୀତ ଗତ୧୯ ତାରିଖ ଏହାକୁ ମରାମତି କରିଥିଲେ। ହେଲେ ଏହି ଏହି ମରାମତି କେତେଦିନ ସ୍ଥୟୀତ୍ୱ ରଖିବ ତାହା ପ୍ରଶ୍ନବାଚୀ ହୋଇଥିଲା। ତାହା ସତ୍ୟରେ ପ୍ରମାାଣିତ ହୋଇଛି। ନିମ୍ନ ମାନର କାର୍ଯ୍ୟଯୋଗୁ ତାହା ପୁଣି ଏକ ସପ୍ତାହେ ଉଠିଯାଇଛି। ଫଳରେ ଆଜି ଏକ ଉଚ୍ଚସ୍ତରୀୟ ମରାମତି ଦଳ ରାଜପଥ ପୋଟ୍ରୋଲିଙ୍ଗ ଅଫିସର ଶ୍ରୀ ବଳଙ୍କ ଉପସ୍ଥିତିରେ ପୁଣି ନୂତନ ଭାବେ ମରାମତି କାର୍ଯ୍ୟ ଜାରି ରଖିଛନ୍ତି। ଏହି ମରାମତି ଶେଷ ନା ପୁଣି ସମ ଅବସ୍ଥା ହେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରକାଶଯେ ୧୬ ନମ୍ବର ଜାତୀୟ ରାଜପଥରେ ୬ଲେନ କାମ ସରିବାର ନାଁ ଧରୁନି। ବୈଷୟୀକ ଜ୍ଞାନ କୌଶଳର ଅଭାବ ଓ ନିମ୍ନ ମାନର କାର୍ଯ୍ୟ ଯୋଗୁ ବାରମ୍ବାର ଖାଲ ସୃଷ୍ଟି ହେବା ସହ ଦୁର୍ଘଟଣାର ଏହା ପ୍ରମୁଖ କାରଣ ସାଜିଛି। ପାଣିକୋଇଲି ଥାନା ଠାରୁ ପଥରପଦା ସ୍କୁଲ ମଧ୍ୟରେ ଦୁଇଟି ନାଳ ଉପରେ ପୋଲ ରହିଛି। ୬ ଲେନ କାମବେଳେ ଏହି ପୋଲ ନିକଟରେ ଦୁଇଟି ପୋଲ କରାଯାଇ ତାକୁ ମିଶ୍ରଣ କରାଯାଇଥିଲା। ହେଲେ ଏହି ମିଶ୍ରଣ କାର୍ଯ୍ୟର ତୃଟି ଯୋଗୁ ଏହା ବାରମ୍ବାର ଭାଙ୍ଗିଯିବା ଦେଖିବାକୁ ମିଳିଛି। ଦୁଇ ପୋଲ ମଝିରେ ବାରମ୍ବାର ଖାଲ ହେବା ଯୋଗୁ ଦୁର୍ଘଟଣା ଘଟୁଛି। ଗତ କିଛିଦିନ ତଳେ ଏହାର ମରାମତି ପାଇଁ ମାସେରୁ ଉର୍ଦ୍ଧ୍ୱ କାଳ ପଥରପଦା ଗ୍ରାମ ନିକଟ ପୋଲକୁ ଉଭୟ ପାର୍ଶ୍ୱରେ ଅଧାରୁ ଅଧିକ ସିମେଂଟ ବାରକେଟ ଦେଇ ବନ୍ଦ କରି ରଖାଯାଇ ମରାମତି କରାଯାଇଥିଲା। ଏହି ମରାମତି ସମୟରେ ୧୦ରୁ ଉର୍ଦ୍ଧ୍ୱ ଦୁର୍ଘଟଣା ଘଟିବା ସହ ଦୁର୍ଘଟଣାକୁ ନେଇ ରାସ୍ତାରୋକ କରାଯାଇଥିଲା। ପରବର୍ତ୍ତୀ ଅବସ୍ଥାରେ ମରାମତି ସରିବା ପରେ ଏହାକୁ ହଟାଯାଇଥିଲା। ହେଲେ ମରାମତିକୁ ସପ୍ତାହ ନପୁରିଥିବା ବେଳେ ଏହା ପୁର୍ବ ଅବସ୍ଥା ସୃଷ୍ଟି କରିଛି। ଦୁଇ ପୋଲ ମଝିରେ ଖାଲ ଓ ଲୁହାରଡ ବାହାରିଥିବାରୁ ବିଶେଷ କରି ବାଇକ ଆରୋହୀମାନେ ଦୁର୍ଘଟଣାର ଶିକାର ହେବା ନଜିର ରହିଛି।

## ସାହି ଯାତ ସମନ୍ୱୟ କମିଟି ବୈଠକ

ପୁରୀ, ୨୬/୦୩ (ନି.ପ୍ର): ଶ୍ରୀକ୍ଷେତ୍ରରେ ହେବାକୁ ଥିବା ସାହି ଯାତକୁ ନେଇ ଆଠ ସାହି ଆଖଡାର ସମନ୍ୱୟ କମିଟି ପ୍ରସ୍ତୁତି ବୈଠକ ଗତକାଲି ବାଲି ସାହି ଆଖଡାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ହେବାକୁ ଥିବା ସାହି ଯାତକୁ ଜିଲ୍ଲା ପ୍ରଶାସନ ଓ ଆଠ ସାହି ଆଖଡାର ମୁରବୀଙ୍କ ଉପସ୍ଥିତିରେ ସାହିଯାତକୁ କିପରି ସରସ ସୁନ୍ଦର କରାଯାଇପାରିବ ତାହାର ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ସାହିରେ ଶାନ୍ତି କମିଟି ଗଠନ ହେବା ସହିତ ନିଜ ନିଜ ପଡ଼ୋଶୀ ସାହି ସହିତ ସହଯୋଗର ହାତ ବଢାଇ ଯାତକୁ ଶୃଙ୍ଖଳିତ କରିବା ପାଇଁ ସମସ୍ତେ ପ୍ରତିଶୃତି ଦେଇଥିଲେ। ପ୍ରତ୍ୟେକ ସାହିରେ ଥିବା ଛୋଟ ବଡ ସମସ୍ୟାକୁ ଯଥା ଶୀଘ୍ର ଶେଷ କରିବା ପାଇଁ ସ୍ଥିର କରିବା ସହିତ ଏହି ପାରମ୍ପରିକ ଉତ୍ସବରେ ଜିଲ୍ଲା ପ୍ରଶାସନ ସମସ୍ତ ସହଯୋଗ କରିବେ ବୋଲି ସ୍ଥିର ହୋଇଛି। କାର୍ଯ୍ୟକ୍ରମରେ ବାଲି ସାହିର ଚାଲିଯାଇଥିବା ପୁରୁଖା ମୁରବୀ ମାନଙ୍କ ନାମରେ ମରଣୋତର ସମ୍ମାନ ପ୍ରଦାନ କରାଯଇଥିଲା।

ଏହି ପ୍ରସ୍ତୁତି ବୈଠକରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉପଜିଲ୍ଲାପାଳ ଭାରତାରଣ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡା, ଶ୍ରୀମନ୍ଦିର ପରିଚାଳନା ସଦସ୍ୟ ଜଗନ୍ନାଥ କର, ମୁନିସିପାଲିଟି କାଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଟାଉନ ଥାନା ଅଧିକାରୀ ଗୋକୁଳ ନନ୍ଦ ଦାସ, ବାସେଳି ସାହି ଥାନା ଅଧିକାରୀ, ଆଠ ସାହି ଆଖଡାର ସଭାପତି ଓ ବାଲି ସାହି ଆଖଡା ପକ୍ଷରୁ ତଲୁଛ ନୀଳକଣ୍ଠ ସିଂହାରୀ, ରଜତ ପ୍ରତିହାରୀ ଓ ଅନ୍ୟ ବୟୋଜ୍ୟେଷ୍ଠ ସଦସ୍ୟ ଉପସ୍ଥିତ ରହି ନିଜର ମତ ରଖିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଚକ୍ରଧର ମହାପାତ୍ର ଓ ନରେନ୍ଦ୍ର କୁମାର ମହାନ୍ତି ସମସ୍ତ କାଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ବିପଦସଂକୁଳ ଅବସ୍ଥାରେ ଥିବା ଶୁଖିଲା ଗଛର ଶାଖା ମୁଖ୍ୟ ରାସ୍ତାରେ ପଡି ରାସ୍ତା ଅବରୋଧ

କନ୍ଧମାଳ, ୨୬/୦୩ (ନି.ପ୍ର): ଫୁଲବାଣୀ ସହରର ମୁଖ୍ୟ ରାଜରାସ୍ତା କଡ଼ରେ ଓ ସମବାୟ ବିଭାଗୀୟ କାର୍ଯ୍ୟଳୟ ଫୁଲବାଣୀ ସମ୍ମୁଖରେ ଥିବା ବିରାଟକାୟ ଶୁଖିଲା ଶାଳ ଗଛର ଏକ ଶାଖା ଶୁକ୍ରବାର ସକାଳ ୬ଟା ୩୦ ମିନଟ ସମୟରେ ରାସ୍ତା ଉପରେ ପଡିଥିବାର ଦେଖିବାକୁ ମିଳିଥିଲା। ସୂଚନା ଅନୁସାରେ, ଏହି ସମୟରେ କିଛି ଦୂରରେ ସାଇକେଲ ଆରୋହି ଏବଂ ବାଇକରେ ଦୁଇ ଜଣ ବ୍ୟକ୍ତି ଆସୁଥିଲେ। ସେମାନେ ଅଳ୍ପକେ ବର୍ତି ଯାଇଥିବା କହିଛନ୍ତି ସ୍ଥାନୀୟ ବାସିନ୍ଦା। ଶୁଖିଲା ଗଛ ପଡ଼ିବା ସଙ୍ଗେ ସଙ୍ଗେ ୧୧ ନମ୍ବର ୱାର୍ଡର ବାସିନ୍ଦା କାଉନସିଲର ବସନ୍ତ ସାହାଣୀଙ୍କୁ ଅବଗତ କରାଇଥିଲେ। କାଉନସିଲର ତତକ୍ଷଣାତ ପୌରାଧକ୍ଷାଙ୍କୁ ଜଣାଇଥିଲେ। ଫୁଲବାଣୀ ପୌରାଧକ୍ଷା ଶ୍ରୀମତୀ ସ୍ମିତାରାଣୀ ମହାନ୍ତି ଘଟଣାସ୍ଥଳରେ ପହଂଚି ସମସ୍ତ ଘଟଣା ଶୁଣି ଫୁଲବାଣୀ ବନ ବିଭାଗକୁ ଅବଗତ କରାଇଥିଲେ। କିନ୍ତୁ, ବନ ବିଭାଗ କର୍ମଚାରୀ ଆସିବାରେ ବିଳମ୍ୱ ହେବା ଯୋଗୁଁ ସ୍ଥାନୀୟ ଲୋକମାନେ ରାସ୍ତା ଅବରୋଧ କରି ମୂଖ୍ୟ ରାସ୍ତା ଉପରେ ଧାରଣା ଦେଇଥିଲେ। ରାସ୍ତାର ଉଭୟ ପଟେ ଶହ ଶହ ଗାଡି ୩ ଘଂଟା ପର୍ଯ୍ୟନ୍ତ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ଫଳରେ ଯାତ୍ରୀ ମାନେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ରାସ୍ତା ଅବରୋଧ ଖବର ପାଇ ପୋଲିସ ମଧ ଘଟଣାସ୍ଥଳରେ ପହଂଚି ଥିଲା। ପୋଲିସର ବାରମ୍ବାର ବୁଝାଶୁଝା ପରେ ବି ସ୍ଥାନୀୟ ବାସିନ୍ଦା ରାସ୍ତାରୁ ହଟି ନଥିଲେ। ବାସିନ୍ଦାଙ୍କ କହିବା ଅନୁଯାୟୀ, ବନ ବିଭାଗକୁ ବାରମ୍ବାର ଅଭିଯୋଗ କଲେ ମଧ ଗଛ କାଟିବା ନେଇ କୌଣସି ପଦକ୍ଷେପ ନେଉ ନାହାନ୍ତି ତେଣୁ ସେମାନେ ଶୁଖିଲା ଗଛ କାଟିବା ପାଇଁ ଜିଦ ଧରିଥିଲେ। ବନ ବିଭାଗ ପକ୍ଷରୁ ଗଛ କାଟିବା ପାଇଁ ସମସ୍ତ ବ୍ୟବସ୍ଥା ପରେ ସେମାନେ ଧାରଣାରୁ ହଟି ଥିଲେ। ଅନ୍ୟ ମାନଙ୍କ ମଧରେ ପୂର୍ବତନ ପୌରାଧକ୍ଷ ରାଜେନ୍ଦ୍ର କୁମାର କହଁରଙ୍କ ସମେତ ମୋଟି ସାହିର ସମସ୍ତ ବାସିନ୍ଦା ଧାରଣାରେ ସାମିଲ ଥିଲେ।

# ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ସଚେତନତା ନିରାମୟ ଜୀବନର ମୂଳ ଉତ୍ସ

ସମ୍ବଲପୁର, ୨୬/୦୩ (ନି.ପ୍ର): ନିରାମୟ ଓ ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ସ୍ୱାସ୍ଥ୍ୟ ଭିତିକ ସଚେତନତା ସହିତ ସ୍ୱଚ୍ଛତା ହିଁ ମୂଳ ସଂପତି। ଏଥିପାଇଁ ନିଜ ଓ ସାମାଜିକ ସ୍ତରରେ ସଚେତନ ରହିଲେ ଦିର୍ଘାୟୁ ଓ ସୁସ୍ଥ ଜୀବନ ସମ୍ଭବ ବୋଲି ଆଜି ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନେ ଗରୁତ୍ୱ ଦେଇଛନ୍ତି। ଝାଡୁଆପଡା ସ୍ଥିତ ଆରଣ୍ୟକ ମଞ୍ଚରେ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ,ସମ୍ବଲପୁର ପକ୍ଷରୁ ନଗର ସ୍ତରୀୟ ମହିଳା ଆରୋଗ୍ୟ ସମିତି ସମ୍ମଳନୀ-୨୦୨୩ ଅନୁଷ୍ଠିତ ହୋଇଯାଇଛି। ଏହାକୁ ମହାନଗର ଆୟୁକ୍ତ ପ୍ରଦୀପ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଆୟୋଜିତ ସଭାରେ ଶ୍ରୀ ସାହୁଙ୍କ ସହିତ ସମ୍ବଲପୁର ମହାନଗର ସ୍ୱାସ୍ଥ୍ୟ ଅଧିକାରୀ ଡା.ମହେନ୍ଦ୍ର କୁମାର ନନ୍ଦ, ଏଡିପିଏଚଓ(ଭିବିଡି) ଡା.ସୁଶିଲ କୁମାର ଦାଶ,ଏଡିପିଏଚଓ (ଲେପ୍ରସି) ଡା.ପ୍ରମୋଦ ଚନ୍ଦ୍ର ବିଶ୍ୱାଳ ଓ ସହରାଞ୍ଚଳ ଜାତୀୟ ସ୍ୱାସ୍ଥ୍ୟ ମିଶନର ଏଡିପିଏଚଓ ଡା.ପ୍ରଦୀପ କୁମାର ହୋତା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ନେଇ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସହରାଞ୍ଚଳ କାର୍ଯ୍ୟକ୍ରମ ପରିଚାଳକ (ସିପିଏମ) ନିକୁ ରଞ୍ଜନ ପ୍ରତିହାରୀ ସଂଯୋଜନା କରିଥିଲେ। ଏହି ଅବସର ବସ୍ତି ଅଞ୍ଚଳରେ ସ୍ୱାସ୍ଥ୍ୟ ଭିତିକ ଉଲ୍ଲେଖନୀୟ ଅବଦାନ ପାଇଁ ୮୩ ଟି ମହିଳା ଆରୋଗ୍ୟ ସମିତିକୁ ୩ ହଜାର ଟଙ୍କା ସହିତ ପ୍ରମାଣ ପତ୍ର ଦେଇ ସମ୍ମାନୀତ କରାଯାଇଥିଲା। ସେହିପରି ନିଜ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ପାଇଁ ୮ ଜଣ ଆଶା କର୍ମୀ,୩ ମହିଳା ସ୍ୱାସ୍ଥ୍ୟ କର୍ମି ଓ ୮ ଜଣ ଡାଟା ଆସିଷ୍ଟାଣ୍ଟ ,ଏକାଉଣ୍ଟେଟ୍ ଓ ଜଣେ ଫାର୍ମାସିଷ୍ଟଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ମହିଳା ଆରୋଗ୍ୟ ସମିତି ମାନଙ୍କ ଦ୍ୱାରା ପ୍ରାୟୋଜିତ ବିଭିନ୍ନ ସ୍ୱାସ୍ଥ୍ୟ ଭିତିକ ସ୍ୱାସ୍ଥ୍ୟ ସଚେତନତା ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ ହୋଇଥିଲା। କ୍ଷୁଦ୍ର ନାଟିକା,ନୃତ୍ୟ,ଏକକ ଅଭିନୟ,ଦଳଗତ ନୃତ୍ୟ ପ୍ରଭୃତି ଦର୍ଶକଙ୍କ ଦ୍ୱାରା ବେଶ ଆଦୃତ ହୋଇଥିଲା। ସମ୍ମିଳନୀର ବିଭିନ୍ନ କାର୍ଯ୍ୟକ୍ରମକୁ ଡିଏନ ସିଂହଦେଓ,ହେନାନି ଆନନ୍ଦ,ବନ୍ଦନା ନାୟକ,ବାଲେଶ୍ୱର ବିଶି,ବିଜୟଲକ୍ଷ୍ମୀ ନାୟକ,ରଞ୍ଜିତ ସା,ଦିଲ୍ଲିପ କୁମାର ନନ୍ଦ,ମାନସ ପୁରୋହୀତ,ସରିତା ଶର୍ମା,ଜି.ସ୍ୱାତୀ,ସୁପ୍ରଭାତ ନାୟକ,ବନ୍ଦିତା ପୁରୋହୀତ,ପୁର୍ଣ୍ଣିମା ଭୋଇ,ପ୍ରଶାନ୍ତ ବେହେରା ଓ ଶର୍ମିଷ୍ଠା ପ୍ରଧାନ ପ୍ରମୁଖ ପରିଚାଳନା କରିଥିବା ବେଳେ ସିଟି ଡାଟା ମ୍ୟାନେଜର କଳ୍ପା ପରମା ଧନ୍ୟବାଦ ଅର୍ପଣ କରିଥିଲେ। ଏହାକୁ ସସ୍ମିତା ପଟ୍ଟନାୟକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମହାନଗର ନିଗମର ସମସ୍ତ ମହିଳା ଆରୋଗ୍ୟ ସମିତି ସଦସ୍ୟା ,ଆଶା କର୍ମି ,ମହିଳା ସ୍ୱାସ୍ଥ୍ୟ କର୍ମି ପ୍ରମୁଖ ଯୋଗଦାନ କରିଥିଲେ।

# ଅପ୍ରେଲ ୧ରୁ ୭ ଦୁର୍ଘଟଣାଜନିତ ମୃତ୍ୟୁ ହାର ହ୍ରାସ ସପ୍ତାହ ପାଳନ

ପୁରୀ, ୨୬/୦୩ (ନି.ପ୍ର): ରାସ୍ତା ଦୁର୍ଘଟଣାରେ ଅମୂଲ୍ୟ ଜୀବନ ଯିବା ସହ ବ୍ୟାପକ ଧନ ହାନୀ ମଧ ଘଟୁଛି। ବିଶେଷ ଭାବେ ୧୫-୪୫ ବର୍ଷ ବୟସର ବ୍ୟକ୍ତିଙ୍କ ବିୟୋଗ ମାତ୍ରାଧିକ। ତେଣୁ ଏହାର ନିରାକରଣ ପାଇଁ ବ୍ୟାପକ ସଚେତନତା ଉଦ୍ଦେଶ୍ୟରେ ଅପ୍ରେଲ ୧ ରୁ ୭ ତାରିଖ ପର୍ଯ୍ୟନ୍ତ ଦୁର୍ଘଟଣାଜନିତ ମୃତ୍ୟୁ ହାର ହ୍ରାସ ସପ୍ତାହ ଭାବେ ପାଳନ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି ବୋଲି ସୂଚନା ଦେଇଛନ୍ତି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ। ସର୍କିଟ ହାଉସ ଠାରେ ଜିରୋ ଫାଟାଲିଟି ଉଇକ ବା ଶୂନ୍ୟ ଦୁର୍ଘଟଣାଜନିତ ମୃତ୍ୟୁ ହାର ହ୍ରାସ ସପ୍ତାହ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଲୋକ ମାନଙ୍କୁ ସଚେତନ କରିବା ଓ ଅମାନିଆ ମାନଙ୍କୁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ବିନା ହେଲମେଟ, ବିନା ସିଟବେଲ୍ଟ , ମାଦକ ଦ୍ରବ୍ୟ ସେବନ, ମୋବାଇଲ ବ୍ୟବହାର ଇତ୍ୟାଦି କରି ଗାଡି ଚାଳନା, ଓଭର ଲୋଡିଂ, ଦ୍ରୁତ ଗାଡି ଚାଳନା ଦୁର୍ଘଟଣାର ମୁଖ୍ୟ କାରଣ ହେଉଛି। ତେଣୁ ଏ କ୍ଷେତ୍ରରେ ବାଣିଜ୍ୟ ଓ ପରିବହନ ବିଭାଗର ନିୟମ ଅନୁସାରେ ଫାଇନ ଆଦାୟ, ଡ୍ରାଇଭିଂ ଲାଇସେନ୍ସ ସସପେଣ୍ଡ ଇତ୍ୟାଦି କଟକଣାକୁ କଡାକଡି କରିବାକୁ ସେ ପରାମର୍ଶ ଦେଇଥିଲେ। ଜିଲ୍ଲାରେ ୨୦୨୧ ମସିହାରେ ୧୯୭ ଦୁର୍ଘଟଣା ଘଟି ୧୨୬ ଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ୨୦୨୨ ରେ ୧୯୭ ଟି ଦୁର୍ଘଟଣା ଘଟି ୧୪୬ ଜଣଙ୍କ ମୃତ୍ୟୁ ସୋଇଥିଲା। ୨୦୨୩ ଫେବୃଆରୀ ଶେଷ ସୁଦ୍ଧା ୨୬ ଟି ଦୁର୍ଘଟଣାରେ ୧୭ ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୨ ରେ ବିନା ହେଲମେଟ, ବିନା ସିଟ ବେଲ୍ଟରେ ଗାଡ଼ି ଚାଳନା, ମୋବାଇଲ ବ୍ୟବହାର ଓ ମାଦକ ଦ୍ରବ୍ୟ ସେବନ କରି ଗାଡି ଚାଳନା, ଦ୍ରୁତ ଗତିରେ ଗାଡି ଚାଳନା ଇତ୍ୟାଦି କ୍ଷେତ୍ରରେ ୭୭୩୦ ଜଣଙ୍କୁ ଧରାଯାଇ କାର୍ଯ୍ୟାନୁଷ୍ଠାନ ଓ ୧୩୦୭ ଜଣଙ୍କ ଲାଇସେନ୍ସ ସସପେଣ୍ଡ କରାଯାଇଛି। ୨୦୨୩ ରେ ଫେବ୍ରୁଆରୀ ଶେଷ ସୁଦ୍ଧା ୧୯୮୦ ଟି ଘଟଣାରେ ୩୯୭ ଜଣଙ୍କ ଲାଇସେନ୍ସ ସସପେଣ୍ଡ କରାଯାଇଛି ବୋଲି ଆଂଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ ସୂଚନା ଦେଇଥିଲେ।

ଅନ୍ୟ ମାନଙ୍କ ମଧରେ ଏହି ବୈଠକରେ ଟ୍ରାଫିକ ଡିଏସପି ନିରଞ୍ଜନ ଶବର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଏସି ଏସ ଓ ଜାନକୀ ବଲ୍ଲଭ ହାବଡା ସିଂହ, ବସ ମାଲିକ ସଂଘର କର୍ମକର୍ତା, ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଇଞ୍ଜିନିୟରରୁ ସଫଳ ଚାଷୀ: ୫ ଶହ କୁଇଣ୍ଟାଲ୍ ତରଭୁଜ ଫଳାଇଲେ ରୂପକ



କୁଳିଦା, ୨୬/୦୩ (ନି.ପ୍ର): ଚାକିରିକୁ ଭରସା ନକରି ଚାଷକୁ ଅପଣେଇନ୍ତି ଜଣେ ଇଞ୍ଜିନିୟର। ଫଳରେ ନିଜେ ସ୍ୱାବଲମ୍ବୀ ହେବା ସହ ଅନେକଙ୍କୁ ଦେଖାଇଛନ୍ତି ରୋଜଗାରର ବାଟ। ବାଲେଶ୍ୱର ଜିଲ୍ଲା ସଦର ବ୍ଲକ୍ ଅଧୀନ ରୂପ୍‌ସା ସାମିଲହାସନପୁର ଗ୍ରାମର ରୂପକ ବେହେରା। ଇଞ୍ଜିନିୟରିଂ ପାଠ ପଢ଼ି ସାରିବା ପରେ ସେ ଏକ ଘରୋଇ କମ୍ପାନିରେ ଚାକିରି କରିଥିଲେ। କିନ୍ତୁ ଚାକିରି ଅର୍ଥରେ ସନ୍ତୁଷ୍ଟ ନଥିଲେ। କରୋନା ବେଳେ ଲକ୍‌ଡାଉନ୍ ଯୋଗୁ କମ୍ପାନିଗୁଡ଼ିକର ଦୁରବସ୍ଥା ଦେଖି ରୂପକ ଚାକିରି ଛାଡ଼ିଦେଲେ।

ଭାବିଲେ ଚାଷ କରିବେ। ଫଳରେ ସେ କିଛି ସାଙ୍ଗଙ୍କ ସହ ମିଶି ଆରମ୍ଭ କଲେ ଏକ ଫାର୍ମ। ଯେଉଁଥିରେ ଛତୁ, କଲରା, ତରଭୁଜ, କାକୁଡ଼ି, କଖାରୁ ପ୍ରଭୃତି ଚାଷ କଲେ। ସେଥିରୁ ଲାଭବାନ ହେବା ପରେ ଏବେ ରୂପକ ୫ ଏକର ଜିମିରେ ତରଭୁଜ ଚାଷ କରିଛନ୍ତି। ଏଥିପାଇଁ ସେ ୪ରୁ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ବେଳେ ୭ରୁ ୮ ଲକ୍ଷ ଟଙ୍କା ରୋଜଗାର ହେବ ବୋଲି ଆଶା ରଖିଛନ୍ତି। ଏବେ ସୁଦ୍ଧା ୨ ଶହ କୁଇଣ୍ଟାଲ୍ ତରଭୁଜ ଉତ୍ପାଦନ ହୋଇ ସାରିଥିବା ବେଳେ ଆହୁରି ୩ ଶହ କୁଇଣ୍ଟାଲ୍ ତରଭୁଜ ଉତ୍ପାଦନ ହେବ ବୋଲି ରୂପକ କହିଛନ୍ତି। ଉତ୍ପାଦନ ହେଉଥିବା ତରଭୁଜଗୁଡ଼ିକୁ ପଶ୍ଚିମବଙ୍ଗର ଗଡ଼ବେତା, ପଉଁଶକୁଡ଼, ଖଡ଼ଗପୁର, ମେଦିନୀପୁର ପ୍ରଭୃତି ସ୍ଥାନକୁ ଅଧିକ ରପ୍ତାନୀ ହେଉଛି। କାରଣ ସ୍ଥାନୀୟ ବ୍ୟବସାୟୀମାନେ ତରଭୁଜ କୁଇଣ୍ଟାଲ୍ ପିଛା ୧ ହଜାରରୁ ୧୫ ଶହ ଟଙ୍କା ଦରରେ କିଣୁଥିବା ବେଳେ ପଶ୍ଚିମବଙ୍ଗର ବ୍ୟବସାୟୀମାନେ ୧୮ ଶହରୁ ୨ ହଜାର ଟଙ୍କା ଦରରେ କିଣୁଛନ୍ତି। ତେବେ ଭବିଷ୍ୟତରେ ରୂପକ ଉନ୍ନତମାନର ବରକୋଳି, କାଶ୍ମିରୀ ସେଓ, ପପେୟା, ପିଜୁଳି, ଥାଇଲାଣ୍ଡ କୋଳି ପ୍ରଭୃତି ଚାଷ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଉଚ୍ଚଶିକ୍ଷିତ ରୂପକ ଆଜି ଯାହା କରି ଦେଖାଇଛନ୍ତି, ତାହା ଅନ୍ୟମାନଙ୍କ ପାଇଁ ଉଦାହରଣ ନିଶ୍ଚିତ। ଯେଉଁମାନେ ଚାକିରି ପଛରେ ଗୋଡ଼ାଇ ହତାଶ ହେଉଛନ୍ତି, ସେମାନଙ୍କ ପାଇଁ ସେ ପ୍ରେରଣା। କେବଳ ଚାକିରି ନୁହେଁ, ଚାଷ ଓ ବ୍ୟବସାୟ କରି ବି ଯେ ସଫଳତା ସାଉଁଟି ହେବ, ତାହା ରୂପକ ପ୍ରମାଣିତ କରି ଦେଖାଇଛନ୍ତି।

## ଶବଦାହ କରିବାକୁ ଯାଇ ପୋଖରୀରେ ବୁଡ଼ିଗଲେ ଯୁବକ

ରୂପସା, ୨୬/୦୩ (ନି.ପ୍ର): ରୂପସା ଥାନା କସିପଦା ପଞ୍ଚାୟତ ଅନ୍ତର୍ଗତ ହାତିଆଡିହା ଗ୍ରାମର ଜଣେ ଯୁବକ ପୋଖରୀରେ ବୁଡି ମୃତ୍ୟୁବରଣ କରିଛନ୍ତି । ମୃତ ଯୁବକ ହେଲେ ଶ୍ରୀକାନ୍ତ ବେହେରା ( ୪୮ ) । ସେ ଶନିବାର ଅପରାହ୍ନରେ ଗ୍ରାମର ଜଣେ ବୃଦ୍ଧାଙ୍କ ଶବଦାହ କରିବାକୁ ସ୍ଥାନୀୟ ଶ୍ମସାନକୁ ଯାଇ ଆଉ ଫେରି ନ ଥିଲେ । ଶବଦାହ ସାରି ମିରିଗିମୁଣ୍ଡି ଗାଁ ନିକଟ ପୋଖରୀ ରେ ଗାଧେଇବା ବେଳେ ପାଣିରେ ବୁଡି ଯାଇଥିଲେ। ପରିବାର ଲୋକେ ଓ ଗ୍ରାମବାସୀ ବହୁ ଖୋଜାଖୋଜି କରି ତାଙ୍କୁ ପାଇ ନଥିଲେ। ରବିବାର ପୂର୍ବାହ୍ନ ରେ ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖି ଗ୍ରାମବାସୀ ଥାନାକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ସହ ପୋଲିସ ଓ ରାଜସ୍ୱ ନିରୀକ୍ଷକ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ବାତାବରଣ ଖେଳିଯାଇଛି ।

## କଲେଜ ଛାତ୍ରୀ ନିଖୋଜ ଥାନାରେ ଅଭିଯୋଗ

ବସ୍ତା, ୨୬/୦୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସିଂଲାଥାନା ଅଧିନସ୍ଥବାଲିସାହି ଗ୍ରାମର ଶିଶିର ମୈକାପଙ୍କ ୧୯ବର୍ଷର ଝିଅ ଗତ ୨୪ତାରିଖଠୁ କୁଆଡେ ପଳାଇ ଯାଇଛି । ଯାହାଫଳରେ ରବିବାର ସିଂଲା ଥାନାରେ ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ସୂଚନାରୁ ଯଣାପଡିଛି ଗତ ଶୁକ୍ରବାର ଦିନବାଲିସାହି ଅନ୍ତର୍ଗତ ପାଳପଡା ଗ୍ରାମର ହାଡିବନ୍ଧୁ ଯେନାଙ୍କ ସାନପୁଅ ଗୌରା ଯେନା ସହିତ କସ୍ତୁରୀ ମୈକାପ (୧୯) କଥାବାର୍ତ୍ତା କରୁଥିଲା ବୋଲି ଗାଁଲୋକେ ଦେଖିଛନ୍ତି ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି । ତେବେ ଦୁଇଦିନଧରି ପରିବାରଲୋକେ ବିଭିନ୍ନ ସ୍ଥାନ ବନ୍ଧୁବାନ୍ଧବ ଘରେ ଖୋଜି କୌଣସି ଖବରନ ପାଇ ଥାନାର ଦ୍ୱାରସ୍ତ ହୋଇଛନ୍ତି । ତେବେ ଗଲାବେଳେ ଜିନ୍ ପ୍ୟାଣ୍ଟ ଓନାଲି ରଙ୍ଗର ଟୋପିସ ପିନ୍ଧିଥିଲା ଏନେଇ ସିଂଲା ପୁଲିସ ଏକ ଅପହରଣ ମାମଲା ରୁଜୁକରି ତଦନ୍ତ ଜାରି ରଖିଛନ୍ତି ।

## 'ସି-ରୋଜ ହୋମ କିଚେନ' ରେଷ୍ଟୁରାଣ୍ଟ ଉଦ୍‌ଘାଟିତ

ବାଲେଶ୍ୱର, ୨୬/୦୩ (ନି.ପ୍ର): ଲୋକଙ୍କୁ ସମ୍ପୂର୍ଣ୍ଣ ଘରୋଇ ରନ୍ଧାଖାଦ୍ୟ ପ୍ରଦାନ ଆଭିମୁଖ୍ୟ ନେଇ ସହରର ପାଣିଟାଙ୍କି ଛକରେ 'ସି-ରୋଜ ହୋମ କିଚେନ' ରେଷ୍ଟୁରାଣ୍ଟ ରବିବାର ଉଦଘାଟିତ ହୋଇଯାଇଛି । ରେମୁଣା ଥାନା ଅଧିକାରିଣୀ ପ୍ରେମପ୍ରଜ୍ଞା ମହାନ୍ତି ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ମହିଳାମାନଙ୍କୁ ନେଇ ଆରମ୍ଭ ରେଷ୍ଟୁରାଣ୍ଟର ସଫଳତା କାମନା କରିଥିଲେ। ବରିଷ୍ଠ ସାମ୍ବାଦିକା ସୁମନା ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ରେଷ୍ଟୁରାଣ୍ଟର ପରିଚାଳନା ଦାୟିତ୍ୱ ରେମୁଣା ଅଂଚଳର ପ୍ରମିଳା ସାହୁ ତୁଲାଉଛନ୍ତି । ଜିଲାମୁଖ୍ୟ ଚିକିତ୍ସାଳୟ ସମେତ ଆଖପାଖର ବେସରକାରୀ ହସପିଟାଲକୁ ଆସୁଥିବା ରୋଗୀ ଓ ସେମାନଙ୍କ ପରିବାରଙ୍କୁ ଘରୋଇ ଖାଦ୍ୟ ପ୍ରଦାନକୁ ଦୃଷ୍ଟିରେ ରଖି ଏହି ରେଷ୍ଟୁରାଣ୍ଟ ଆରମ୍ଭ ହୋଇଥିବା ଶ୍ରୀମତୀ ପରିଡ଼ା ସୂଚନା ଦେଇଥିଲେ ।

# ଏପ୍ରିଲ ୧୪ ରୁ ୧୮ ବାରିପଦାରେ ପାଳିତ ହେବ ବଳାଙ୍ଗୀ ମହୋତ୍ସବ




ବାରିପଦା, ୨୬/୦୩ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷ ଠାରେ ଏକବିଂଶ ତମ ବଳାଙ୍ଗୀ ମହୋତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି । ଆସନ୍ତା ଏପ୍ରିଲ ୧୪ ରୁ ୧୮ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ବୁଢାବଳଙ୍ଗ, ଚିପଟ ଓ ଇଟାଯୋଡି ନଦୀର ସଙ୍ଗମ ସ୍ଥଳରେ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବ ନିମନ୍ତେ ଆୟୋଜିତ ପ୍ରସ୍ତୁତି ବୈଠକରେ ବରିଷ୍ଠ ସାମ୍ବାଦିକ ଡଃ ବିଜୟ କୁମାର ଅଗ୍ରୱାଲ ସଭାପତିତ୍ୱ କରିଥିବା ବେଳେ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ ବିଗତ ବର୍ଷ ମାନଙ୍କରେ ମହୋତ୍ସବ ଆୟୋଜନର ଅନୁଭୁତି ସମ୍ପର୍କର ବର୍ଣ୍ଣନା କରିବା ସହ ଚଳିତ ବର୍ଷର ମହୋତ୍ସବ ନିମନ୍ତେ ସମସ୍ତ ସକ୍ରିୟ ସଦସ୍ୟ ମନଯୋଗ ସହକାରେ କାର୍ଯ୍ୟକରିବା ନିମନ୍ତେ ଆହ୍ୱାନ ଜଣାଇଥିଲେ । ବରିଷ୍ଠ ସଦସ୍ୟ ଶିକ୍ଷାବିତ ନରେନ୍ଦ୍ର ମୋହନ ସେନାପତି ମୟୂରଭଞ୍ଜର କଳା, ସାହିତ୍ୟ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ଶପଥ ନେବାକୁ ଆହ୍ୱାନ ଜଣାଇଥିଲେ । ଅନ୍ୟତମ ବରିଷ୍ଠ ସଦସ୍ୟ ପଦ୍ମନାଭ ସାହୁ, କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ କୈଳାଶ ଚନ୍ଦ୍ର ମହାନ୍ତି, ଡଃ ଶଶୀଧର ବିଶ୍ୱାଳ, ପ୍ରାଧାପକ ସୁନୀଲ ଜେନା, ଇଂ ମନୋଜ ଦଳବେହେରା, ଗୋପାଳ ଚନ୍ଦ୍ର ସାଓ, ଆଇନଜୀବୀ ଅରବିନ୍ଦ ଦାସ ପ୍ରମୁଖ ନିଜର ଅଭିମତ ରଖିବା ସହ ମେଳା ଆୟୋଜନ ସୁଚାରୁ ଭାବେ କରାଯିବା ନିମନ୍ତେ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ । ସଦସ୍ୟ ଉଦୟ ନାଥ ଜେନା, ଗୋଲକ ଚନ୍ଦ୍ର ମହାନ୍ତି, ରାଜୀବ ରଞ୍ଜନ ସେନାପତି, ହୃଶିକେଶ ଦାସ, ଇନ୍ଦୁମତି ମହାନ୍ତି, ଅଜିତ କୁମାର କବାଟ, ଶ୍ରୀମତି ଦୀପ୍ତି ମିଶ୍ର, ଶିକ୍ଷକ ଅମିତାଭ ମିଶ୍ର, ଡଃ ସରୋଜ କୁମାର ନାୟକ, ପିତାମ୍ବର ମଲ୍ଲିକ, ଅକ୍ଷୟ ମହାନ୍ତି,ସଞ୍ଜିବ ସାହୁ, ଅଜୟ କୁମାର ପାଳ, ସୟଦ ସିରାଜୁଦ୍ଦିନ, ପଦ୍ମନାଭ ମହାପାତ୍ର, ଦିଲ୍ଲିପ କୁମାର ପାତ୍ର, କୁମାରେଶ ନାୟକ, ମିଥୁନ ବାରିକ, କିଶୋର କୁମାର ମହାନ୍ତି, ଜ୍ୟୋତିପ୍ରକାଶ ନାଏକ, ବିଭୁପ୍ରସାଦ ବେହେରା, ଜୟ ପ୍ରକାଶ ସିଂହ, ରିଙ୍କୁ ଗିରି ଏବଂ ଅନ୍ୟାନ୍ୟ ବହୁ ସଦସ୍ୟ ଏହି ପ୍ରସ୍ତୁତି ବୈଠକରେ ଅଂଶ ଗ୍ରହଣ କରିଥିଲେ । ତେବେ ଆଗାମୀ ରବିବାର ଦିନ ୨ୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି ।

# କାଳିକିଙ୍କର ଦାସଙ୍କୁ ବେଳାଭୂମି ଶ୍ରେଷ୍ଠ ଲେଖକ ସମ୍ମାନ-୨୦୨୩ ପ୍ରଦାନ



ପୁରୀ, ୨୬/୦୩ (ନି.ପ୍ର): ପୁରୀ ଜିଲ୍ଲାର ପ୍ରସିଦ୍ଧ ଅସ୍ତରଙ୍ଗ ଜହାଁନିଆ ପୀର ପୀଠରେ ବେଳାଭୂମି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡିଶା ସରକାରଙ୍କ କ୍ରୀଡା ଯୁବ ଓ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାର କାନ୍ତ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବାଲେଶ୍ୱର ଜିଲ୍ଲାରେ ଜନ୍ମିତ ବିଶିଷ୍ଟ କବି ଓ ଲେଖକ କାଳିକିଙ୍କର ଦାସଙ୍କୁ ବେଳାଭୂମି ଶ୍ରେଷ୍ଠ ଲେଖକ ସମ୍ମାନ-୨୦୨୩ ପ୍ରଦାନ କରିଛନ୍ତି । ଏହି ସମାରୋହରେ ପୁରୀ ଜିଲ୍ଲା ପରିଷଦର ଉପସଭାପତି ସୁରେନ୍ଦ୍ର ନାୟକ ସମେତ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଅଲେଖ ପଢ଼ିଆରୀ ଓ ସମଗ୍ର ଓଡିଶାରୁ ଅନେକ କବି ଓ ଲେଖକ ଯୋଗ ଦେଇଥିଲେ । ବ୍ୟଙ୍ଗ କବି ସମ୍ପଦ ରଥ ମାନପତ୍ର ପାଠ କରିଥିଲାବେଳେ ମାନ୍ୟବର ମନ୍ତ୍ରୀ ଲେଖକଙ୍କୁ ଅଙ୍ଗବସ୍ତ୍ର ଓ ମାନପତ୍ର ପ୍ରଦାନ କରିଥିଲେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଶ୍ରୀ କାଳିକିଙ୍କର ଦାସ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ଯଶସ୍ୱୀ ହୋଇଛନ୍ତି । ପ୍ରାୟ ଏଗାର ଖଣ୍ଡ କବିତା ସଙ୍କଳନ, ଚାରିଖଣ୍ଡ ଶିଶୁ କିଶୋର କବିତା ସଙ୍କଳନ, ଚାରିଖଣ୍ଡ ଗଳ୍ପ ସଂକଳନ, ଚାରିଖଣ୍ଡ ଶିଶୁଗଳ୍ପ ସଂକଳନ, ତିନି ଖଣ୍ଡ ଉପନ୍ୟାସ ସମେତ ଦୁଇଖଣ୍ଡ ପ୍ରବନ୍ଧ ସଂକଳନ ଏଯାବତ ପ୍ରକାଶିତ ହୋଇଛି । ସାହିତ୍ୟ କ୍ଷେତ୍ରରେ ଅବଦାନପାଇଁ କାଳିକିଙ୍କରଙ୍କୁ ସଂସାର ସାହିତ୍ୟ ସମ୍ମାନ ସମେତ ଦୀନକୃଷ୍ଣ ସାହିତ୍ୟ ସମ୍ମାନ, ଲୁଇପା ସାହିତ୍ୟ ସମ୍ମାନ, ପ୍ରାଣକୃଷ୍ଣ ସାହିତ୍ୟ ସମ୍ମାନ ଆଦି ଅନେକ ସମ୍ମାନ ପ୍ରଦାନ କରାଯାଇଛି । ଶ୍ରୀ ଦାସଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବାରୁ ଓଡିଶା ବିଭିନ୍ନ କୋଣରୁ କବି, ଲେଖକ ଓ ବନ୍ଧୁମାନେ ଶୁଭେଚ୍ଛା ଜଣେଇଛନ୍ତି ।

## ବିଲକୁ ସାର ବୁଣିବାକୁ ଯାଇ ବିଦ୍ୟୁତ୍ ସଂସ୍ପର୍ଶରେ ଚାଷୀ ମୃତ

ଜଳେଶ୍ୱର, ୨୬/୦୩ (ନି.ପ୍ର) : ଜଳେଶ୍ୱର ଥାନା ଅନ୍ତର୍ଗତ ନାମ୍ପୋ ଫାଣ୍ଡିର ବାଣିଦା ଗାଁର ଜନୈକ ଚାଷୀ ବିଲକୁ ସାର ବୁଣିବାକୁ ଯାଉଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି । ଘଟଣାରୁ ପ୍ରକାଶ ସୁଗୋ ପଂଚାୟତ ଅନ୍ତର୍ଗତ ବାଣିଦା ଗାଁର ଜୟନ୍ତ ମହାନ୍ତି (୬୯) ନିଜ ଘରଠାରୁ ଦୂରରେ ଥିବା ଜମିକୁ ସାର ବୁଣିବାକୁ ଯାଇଥିଲେ । ବାଟରେ ଥିବା ଏକ ସେଲୋକୁ ଯାଇଥିବା ବିଦ୍ୟୁତ୍ ଖୁଣ୍ଟର ଷ୍ଟେ ଟି ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲା । ଜୟନ୍ତ ତାହା ଜାଣିନପାରି ତାକୁ ସ୍ପର୍ଷ କରିବାମାନେ ତାର ବାମ ହାତ ଜଳିଯାଇଥିଲା । କିଛି ସମୟପରେ ସ୍ଥାନୀୟଲୋକେ ପରିବାର ଲୋକଙ୍କୁ ଖବର ଦେବାପରେ ତାକୁ ଜିକେଭଞ୍ଜର ହସଥପିଟାଲକୁ ଆଣିଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଜୟନ୍ତି ମହାନ୍ତି ଜଣେ ଗରିବ ଚାଷୀ ହୋଇଥିବାରୁ ଏବଂ ତା ପରିବାରର ଅନ୍ୟ କିଛି ରୋଜଗାର ନ ଥିବାରୁ ବେସାହାରା ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ସିପିଏମ୍ ନେତା ପଲ୍ଟୁ ଦାସଙ୍କ ସହିତ ବହୁ ଲୋକ ଦାବି କରିଛନ୍ତି । ଅନ୍ୟପକ୍ଷରେ ସରପଂଚ ଜୟନ୍ତୀ ପରିଡା ବିଦ୍ୟୁତ ବିଭାଗର ଅବହେଳାକୁ ଦାୟୀ କରି କ୍ଷତିପୂରଣ ଓ ରେଡକ୍ରସ୍‌ରୁ ସହାୟତା ଲାଗି ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

# ହାଇଟେକ ହାୟାର ସେକେଣ୍ଡାରୀ ସ୍କୁଲର ବାଲେଶ୍ୱର କ୍ୟାମ୍ପସ ଉଦଘାଟିତ

ବାଲେଶ୍ୱର, ୨୬/୦୩ (ନି.ପ୍ର): ହାଇଟେକ ହାୟର ସେକେଣ୍ଡାରୀ ସ୍କୁଲର ବାଲେଶ୍ୱର କ୍ୟାମ୍ପସ ରବିବାର ଉଦଘାଟିତ ହୋଇଯାଇଛି । ସ୍ଥାନୀୟ ଆଇଟିଆଇ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ବିଧାୟକ ସ୍ୱରୂପ କୁମାର ଦାସ ଓ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟର ନବୀନ ପଟ୍ଟନାୟକଙ୍କ ସରକାରରେ ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି କ୍ଷେତ୍ରର ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦିଆଯାଉଥିବା କହିଥିଲେ। ଅଖାସ ଏଇଥି ପାଇଁ ରାଜ୍ୟ ସରକାର ଶିକ୍ଷା କ୍ଷେତ୍ରରେ ସତୁରି ହଜାର ପଚାଶ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତ। ହାଇଟେକ ଗ୍ରୁପ ଭଳି ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷାଦାନ କରି ଅଭିଭାବକଙ୍କ ପସନ୍ଦ ହୋଇଥିବା ବେଳେ ବାଲେଶ୍ୱରରେ ମଧ୍ୟ ଏହାର ପ୍ରତିଫଳନ ହେବ ବୋଲି ଦୁଇ ବିଧାୟକ ଆଶା ପ୍ରକାଶ କରିଥିଲେ। ହାଇଟେକ ବାଲେଶ୍ୱର କ୍ୟାମ୍ପସର ଚେୟାରମ୍ୟାନ ଇ. ସନ୍ତୋଷ କୁମାର ଚୌଧୁରୀ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହିତ ଅନୁଷ୍ଠାନର ଶିକ୍ଷାଦାନ ଓ ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ୧୯୯୭ମସିହାରୁ ପ୍ରତିଷ୍ଠିତ ଏହିଏଜୁକେଶନାଲ ଟ୍ରଷ୍ଟ ଆନ୍ଧ୍ରପ୍ରଦେଶ, ଭୁବନେଶ୍ୱର, ରାଉରକେଲା ଯାଜପୁର ଓ କୋରାପୁଟରେ ଇଞ୍ଜିନିୟରିଙ୍ଗ, ନର୍ସିଙ୍ଗ, ମେଡିକାଲ, ଯୁକ୍ତଦୁଇ ଓ ଯୁକ୍ତ ତିନି କଲେଜ ଖୋଲିଛି। ଆସନ୍ତା ଦୁଇବର୍ଷ ମଧ୍ୟରେ ଖନ୍ତାପଡ଼ାଠାରେ ୧୦୦ ସିଟ ବିଶିଷ୍ଟ ମେଡିକାଲ କଲେଜ ଓ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା କରାଯିବ ବୋଲି ଶ୍ରୀ ଚୌଧୁରୀ ପ୍ରକାଶ କରିଥିଲେ। କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ଉଦଘାଟନୀ ଉତ୍ସବରେ ଅନୁପସ୍ଥିତ ଥିବା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଭିଡିଓ କନଫରେନସିଂ ମାଧ୍ୟମରେ ଶୁଭେଚ୍ଛା ଜଣାଇଥିଲେ।

# ଜିଲ୍ଲାସ୍ତରୀୟ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ : ରାଜ୍ୟସ୍ତରରେ ଯୋଗଦେବେ ୨୦ କୃତି କ୍ରୀଡାବିତ୍




ବାରିପଦା, ୨୬/୦୩ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ନବକିଶୋର ଗିରିଙ୍କ ମାର୍ଗଦର୍ଶନରେ ଏବଂ ଜିଲ୍ଲା ଶାରୀରିକ ଶିକ୍ଷା ନୀରିକ୍ଷକ ଭାଗିରଥି ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୪ ଓ ୧୭ ବର୍ଷରୁ କମ୍ ଉଭୟ ବାଳକ ବାଳିକା ବର୍ଗର ଜିଲ୍ଲାସ୍ତରୀୟ ଭଲିବଲ ପ୍ରତିଯୋଗିତା, ୨୦୨୨-୨୩ ବାରିପଦା ସହରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ କୁଞ୍ଜବାଳା ମହାନ୍ତ ଙ୍କ ପୌରହିତରେ ମୁଖ୍ୟଅତିଥି ରୂପେ ଜିଲ୍ଲା ଶାରୀରିକ ଶିକ୍ଷା ନୀରିକ୍ଷକ ଭାଗିରଥି ମଲ୍ଲିକ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କ୍ରୀଡା ପ୍ରତିଯୋଗିତାର ବିଚାରକ ଭାବେ ନଳିନୀ ସେନାପତୀ ଓ ସୋନାଲି ପରିଡା ଯୋଗ ଦେଇଥିଲେ। ସେଣ୍ଟ୍ରାଲ ଅଫିସିଆଲ ଭାବେ ଦୀପକ ରାମ ଓ ପ୍ରଦୀପ ଚୌଧୁରୀ ଯୋଗ ଦେଇଥିଲେ। ଜିଲ୍ଲାସ୍ତରୀୟ ୨୦ ଜଣ କୃତି ପ୍ରତିଯୋଗୀମାନେ ପୁରୀସ୍ଥିତ କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଓରା ଗ୍ରାମସ୍ଥିତ ସାନସିମା ନୋଡାଲ ଉଚ୍ଚ ବିଦ୍ୟାଳୟ ଠାରେ ଚଳିତ ମାର୍ଚ୍ଚ ମାସ ୨୭ ରୁ ୨୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଓଡିଶା ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ଯୋଗଦେବେ। ବାଳକ ମ୍ୟାନେଜର ଭାବେ ବିଶୋଇ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପିଇଟି ହରେକୃଷ୍ଣ ସେଠୀ ଓ ବାଳିକା ମ୍ୟାନେଜର ଭାବେ ବାଙ୍ଗିରିପୋଷି ବ୍ଲକସ୍ଥିତ ଖଡିପାହାଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପି.ଟି.ଆଇ ଚିନ୍ମୟୀ ମହାପାତ୍ରଙ୍କ ନେତୃତ୍ୱରେ ୨୦ ଜଣ କ୍ରୀଡାବିତ୍ ଯୋଗଦେବେ। ସେମାନେ ହେଲେ ୧୭ ବର୍ଷରୁ କମ୍ ବାଳକ ବିଭାଗରେ ରାସଗୋବିନ୍ଦପୁର ବ୍ଲକଅନ୍ତର୍ଗତ ମାଣିକପୁର ସ୍ଥିତ ଚକାଡୋଳା ବିଦ୍ୟାପୀଠ ର ପଙ୍କଜ ରାଉତ, ସଞ୍ଜୟ ମହାନ୍ତ, ହରସାରଥୀ ପଣ୍ଡା, ସୌମ୍ୟରଞ୍ଜନ ପଣ୍ଡା, ସ୍ୱରୂପାନନ୍ଦ ବାରିକ, ଅଭିଜିତ୍ ପରିଡା ; ଉକ୍ତ ବ୍ଲକର ପାଇକସାହି ସ୍ଥିତ ଶ୍ରୀଚୈତନ୍ୟଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ସୁରୋଜ ଜେନା, ରାଜେଶ ରଞ୍ଜନ ରାଉତ, ପ୍ରଭାଶ ରଞ୍ଜନ ରାଉତ, କୁମାର ଜେନା, ସଞ୍ଜୟ ଜେନା ; ଉକ୍ତ ବ୍ଲକର ପାରୁଳିଆ ସ୍ଥିତ ଖେଳାରାମ ବିଦ୍ୟାପୀଠର ସନ୍ଦିପନୀ ପାତ୍ର। ସେହିପରି ବାଳିକା ବିଭାଗର ବଡସାହି ବ୍ଲକସ୍ଥିତ ଜଗବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ସାଗରିକା ମୁର୍ମୁ, ସୁମିତ୍ରା ସିଂ, ଲିଜା ସିଂ; ଏମ୍.କେ.ସି. ହାଇସ୍କୁଲର ଆରତୀ ହାଁସଦା, ଗୀତା ହେମ୍ବ୍ରମ୍, ମାମାଲି ସୋରେନ, ହରପ୍ରିୟା ମୁର୍ମୁ, ରାଉଣ୍ଡେ ମାରାଣ୍ଡି । ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଏମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ରାଜ୍ୟସ୍ତରରେ ସଫଳତା କାମନା କରାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ସାରା ଓଡ଼ିଶାରେ କଂଗ୍ରେସର....

ନିଜର ଅମୋଘ ଅସ୍ତ୍ରରୂପେ ବ୍ୟବହାର କଲେ। ପୁର୍ନେଶ ମୋଦି ୨୦୨୩ ମସିହା ଫେବୃଆରୀ ମାସ ୧୬ ତାରିଖରେ ହାଇକୋର୍ଟରୁ ଏହି ମକଦ୍ଦମାର ଷ୍ଟେ ହଟାଇବାପାଇଁ ପ୍ରାର୍ଥନା କଲେ ଏବଂ କୋର୍ଟ ମଧ ଅନୁମୋଦନ କଲା। ୨୦୨୩, ଫେବୃଆରୀ,୨୭, ରୁ ଟ୍ରାଏଲ କୋର୍ଟର ଶୁଣାଣି ଆରମ୍ଭ ହେଲା ଏବଂ ମାର୍ଚ୍ଚ ୨୩, ୨୦୨୩ ରେ ରାହୁଲ ଗାନ୍ଧୀଙ୍କ ସର୍ବାଧିକ ୨ବର୍ଷ ଜେଲ ଦଣ୍ଡାଦେଶ କରାଗଲା ଯଦ୍ୱାରାକି ପିପୁଲ୍ସରିପ୍ରେଜେଂଟିଟେସନ ଆକ୍ଟ ୧୯୫୧ ଧାରା-୮ (୩) ଅନୁସାରେ ତାଙ୍କ ଲୋକସଭା ସଭ୍ୟପଦ ରଦ୍ଦ କରିଦିଆଗଲା। ବିଗତ ୯ ବର୍ଷ ଭିତରେ ଭାରତ ବର୍ଷର ସଂସଦୀୟ ଗଣତନ୍ତ୍ରର ପରମ୍ପରାକୁ ସଂପୂର୍ଣ୍ଣରୂପେ ଆଜି ଧୂଳିସାତ କରିଦିଆଯାଇଛି। ସମ୍ବିଧାନ ଓ ସାମ୍ବିଧାନିକ ଅନୁଷ୍ଠାନକୁ ଆଜି କରାୟତ କରିସାରିଲେଣି। ଯେଉଁମାନେ ସରକାର ଏବଂ ସରକାରଙ୍କର କାର୍ଯ୍ୟକଳାପ ବିରୋଧରେ ପ୍ରଶ୍ନ ଉଠାଉଛନ୍ତି ସେମାନଙ୍କ ଉପରେ ଇଡି, ସିବିଆଇ, ଆଇଟି ଓ ଅନ୍ୟାନ୍ୟ ବାଟରେ ତାଙ୍କ ଛନ୍ଦି ଦିଆଯାଉଛି। ବିରୋଧିଙ୍କୁ ଭୟଭୀତ କରାଉଛନ୍ତି। ଯେହେତୁ ରାହୁଲ ଗାନ୍ଧୀ କଂଗ୍ରେସ ଦଳ, ନରେନ୍ଦ୍ର ମୋଦି ଏବଂ ବିଜେପି ସରକାରର ଏ ଗଣତନ୍ତ୍ର ବିରୋଧି କାର୍ଯ୍ୟକୁ ଶାଣିତ ସ୍ୱରରେ ସବୁ ସ୍ତରରେ ପ୍ରଶ୍ନ କରୁଛି ତେଣୁ ରାହୁଲ ଗାନ୍ଧୀଙ୍କୁ ଏ ଦଣ୍ଡ ଦିଆଯାଇଛି। ଏହାକୁ ପ୍ରତିବାଦ କରି ଆଜି ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ ଏବଂ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଆଜି ପ୍ରଦେଶ କଂଗ୍ରେସର ସମସ୍ତ ନେତୃବର୍ଗ ଭୁବନେଶ୍ୱର ନାଲକୋ ଛକଠାରେ ଗାନ୍ଧୀ ମୈଦାନରେ ମହାତ୍ମା ଗାନ୍ଧୀଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ସକାଳ ୧୦ ଘଟିକାର ୫ ଘଟିକା ପର୍ଯ୍ୟନ୍ତ ସତ୍ୟାଗ୍ରହ ରଖିଥିଲେ। ଏହି ସତ୍ୟାଗ୍ରହରେ ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ରାମଚନ୍ଦ୍ର ଖୁଂଟିଆ, ଅନନ୍ତ ପ୍ରସାଦ ସେଠୀ, ସୁରେଶ କୁମାର ରାଉତରାୟ, ଶରତ ରାଉତ, ଯୁଧିଷ୍ଠୀର ଜେନା, ବିଜୟ ପଟ୍ଟନାୟକ, ରବିନ୍ଦ୍ର ମଲ୍ଲିକ, ଶିବାନନ୍ଦ ରାୟ, ଶୁଭେନ୍ଦୁ ମହାନ୍ତି, କିଶୋର ଜେନା, ବିଶ୍ୱଜିତ ଦାଶ, ମନୋରଞ୍ଜନ ଦାଶ, ବନ୍ଦିତା ପରିଡ଼ା, ୟାସିର ନୱାଜ, ସ୍ମୃତିରଞ୍ଜନ ଲେଙ୍କା, ମାନସ ଆଚାର୍ଯ୍ୟ, ପ୍ରକାଶ ଜେନା, ରଜନୀ ମହାନ୍ତି, ଶ୍ରୀନିବାସ ରାଉତରାୟ, ଜାନନୀ ବଲ୍ଲଭ ପଟ୍ଟନାୟକ, ପ୍ରଦୀପ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଗସ୍ତ....

ହାଇ ସ୍କୁଲ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୪୭୧ ଟି ସ୍କୁଲର ରୂପାନ୍ତର ସରିଛି ଓ ଆସନ୍ତା ଡିସେମ୍ବର ସୁଦ୍ଧା ଜିଲ୍ଲାର ସବୁ ସ୍କୁଲ୍ ରୂପାନ୍ତରିତ ହେବ ବୋଲି ସେ ପ୍ରତିଶୃତି ଦେଇଥିଲେ। ରାଜ୍ୟରେ କୃଷକ ମାନଙ୍କୁ ବିନା ସୁଧରେ ଏକ ଲକ୍ଷ ଟଙ୍କାର ଋଣ ଦିଆ ଯାଉଛି ବୋଲି ମଧ ସେ କହିଥିଲେ। ମିଶନ ଶକ୍ତି ର ମା ମାନଙ୍କର ଉଚ୍ଚ ପ୍ରଶଂସା କରି ସେ କହିଥିଲେ ଯେ ମା ମାନେ ବହୁତ ଭଲ କାମ କରୁଛନ୍ତି ଏବଂ ରାଜ୍ୟ ସରକାର ସେମାନଙ୍କୁ ସବୁ ସହଯୋଗ ଯୋଗାଇ ଦେଉଛନ୍ତି। ମା ମାନେ ଉଦ୍ୟୋଗୀ ହୁଅନ୍ତୁ ବୋଲି ସେ ଚାହାନ୍ତି ବୋଲି ପ୍ରକାଶ କରି ରାଜ୍ୟର SHG ଗୁଡ଼ିକ SME ହେବା ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ବୋଲି କହିଥିଲେ। ମା ମାନଙ୍କୁ ପାଞ୍ଚ ଲକ୍ଷ ପର୍ଯ୍ୟନ୍ତ ଋଣ ବିନା ସୁଧରେ ଦିଆ ଯାଉଛି ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ଆଜି ଗଞ୍ଜାମରେ ମିଶନ ଶକ୍ତି ମା ମାନଙ୍କୁ ୬୧୪ କୋଟି ଟଙ୍କାର ଋଣ ଦେଇଥିଲେ। ଛତ୍ରପୁର ରେ ୧୮୦ କୋଟି, ହିଞ୍ଜିଳିରେ ୧୫୪ କୋଟି ଓ କବି ସୁର୍ଯ୍ୟ ନଗରରେ ୨୮୦ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ମା ମାନଙ୍କର ଉନ୍ନତି ହେଲେ ଦେଶର ଉନ୍ନତି ହେବ ବୋଲି ମୁଖ୍ୟମନ୍ତ୍ରୀ କହଥିଲେ। ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ଗଞ୍ଜାମର ଆରାଧ ଦେବୀ ତାରା ତାରିଣୀଙ୍କୁ ସ୍ମରଣ କରି ବିଶିଷ୍ଟ ସାହିତ୍ୟ ସାଧକ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, କବି ସୂର୍ଯ୍ୟ ବଳଦେବ ରଥ ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## କେନ୍ଦୁଝରରେ ମହାବଳ....

ଉପରେ ଅଙ୍କୁଶ ଲଗାଯାଇଛି । ଏସପିଙ୍କ ନେତୃତ୍ୱରେ ଏକ ସ୍କ୍ୱାଡ୍ ଗଠନ କରାଯାଇ ସ୍ଥିତି ଅନୁଧ୍ୟାନ କରୁଛି ବନ ବିଭାଗ । ନୂଆପଡା ଜିଲ୍ଲା ଧରମବନ୍ଧା ଥାନା ଅଞ୍ଚଳରେ ବାଘ ବୁଲୁଥିବା ଖବର ଆତଙ୍କ ଖେଳାଇ ଦେଇଛି । କୋଦୋପାଲି ଗାଁ ନିକଟ ଜଙ୍ଗଲରେ ଏକ ବାଛୁରୀକୁ ବାଘ ମାରି ଖାଇଛି । ଦୁଇଟି ବାଘ ବାଛୁରୀକୁ ମାରି ଖାଉଥିବା ଦେଖିଛନ୍ତି ସ୍ଥାନୀୟ ବାସିନ୍ଦା । ଖବର ପାଇ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି । ନୂଆପଡାରେ ଗତ ୨୦ ଦିନରେ ବାଘ ଜଣେ ମଣିଷ ଓ ୭ ଗୃହପାଳିତ ପଶୁ ଶିକାର କରିଥିବା ସୂଚନା ମିଳିଛି । ଶନିବାର ବିଳମ୍ବିତ ରାତିରେ ଝାରସୁଗୁଡା ସହର ଭିତରୁ ପଶି ଆସିଥିଲେ ହାତୀପଲ । ମୁଙ୍ଗାପଡା ଅଞ୍ଚଳ ଦେଇ ସହର ଭିତରକୁ ହାତୀ ପଲ ପଶି ମଙ୍ଗଳବଜାର ଆଡେ ମୁହାଁଇଥିଲେ । ଆଉ ଝାରସୁଗୁଡା ସହରରେ ହାତୀପଲ ବୁଲୁଥିବା ଖବର ଲୋକଙ୍କ ନିଦ ହଜାଇ ଦେଇଥିଲା । ଏହି ଖବର ପାଇ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀପଲଙ୍କୁ ଭୁର୍କାମୁଣ୍ଡା ଜଙ୍ଗଲକୁ ଘଉଡାଇ ଦେଇଛନ୍ତି । ତେବେ ହାତୀ ପଲ ସହରର କୌଣସି କ୍ଷୟ କ୍ଷତି କରିନଥିବା ସୂଚନା ମିଳିଛି ।

# ଉଇଲକିଶନ ନଗରରେ କିଶୋରୀ ଓ କିଶୋର ସ୍ୱାସ୍ଥ୍ୟ ଦିବସ ପାଳିତ



ଖୋର୍ଦ୍ଧା, ୨୬/୦୩ (ନି.ପ୍ର): ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡା ପଞ୍ଚାୟତ ଅନ୍ତର୍ଗତ ଉଇଲକିଶନ ନଗର ସ୍ୱାସ୍ଥ୍ୟ ଉପକେନ୍ଦ୍ର ପକ୍ଷରୁ ଉଇଲକିଶନ ନଗର ସରକାରୀ ଉପ୍ରା ବିଦ୍ୟାଳୟ ପରିସରରେ କିଶୋରୀ ଓ କିଶୋର ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି ।ମହିଳା ସ୍ୱାସ୍ଥ୍ୟ କର୍ମୀ ମମତା ନାୟକ ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଶୁଭ୍ରକାନ୍ତ ସାହୁ ଉପସ୍ଥିତ ରହି ସ୍ୱାସ୍ଥ୍ୟ ସମ୍ବଧ୍ୱ ରେ କହିବା ସହିତ ୧୦ ରୁ ୧୯ ବର୍ଷ ର କିଶୋର ଓ କିଶୋରୀଙ୍କ ବ୍ୟକ୍ତିଗତ ସ୍ୱାସ୍ଥ୍ୟ,କିଶୋର ଅବସ୍ଥାରେ ସ୍ୱାସ୍ଥ୍ୟ ଗତ , ମାନସିକ ପରିବର୍ତ୍ତନ ଓ ଶାରୀରିକ ଅଭିବୃଦ୍ଧି ଏବଂ ଋତୁସ୍ରାବ ଜନିତ ସ୍ୱାସ୍ଥ୍ୟ ଗତ ସମସ୍ୟା, ରକ୍ତହୀନତା ଓ ତାର ଚିକିତ୍ସା ଉପରେ ଉପସ୍ଥିତ କିଶୋର କିଶୋରୀଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ । ସେହିପରି ସ୍କୁଲରେ ମିଳୁଥିବା ଆଇରନ ବଟିକା ଓ କୁର୍ମି ନାଶକ ବଟିକା ନିୟମିତ ଖାଇବାକୁ ପରାମର୍ଶ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ବିଶ୍ୱପ୍ରିତା ସାମନ୍ତରାୟ, ଶିକ୍ଷୟତ୍ରୀ ପ୍ରତିମା ବେହେରା, ସ୍ୱପ୍ନା ରାଣୀ ପାଣିଗ୍ରାହୀ, ମଣୀମାଳା ଶତପଥୀ ପ୍ରମୁଖ ଯୋଗ ଦେଇ ପିଲା ମାନଙ୍କର ସ୍ୱାସ୍ଥ୍ୟ ସମସ୍ୟା ଉପରେ ମତ ରଖିଥିଲେ । ଏଥିରେ ୫ମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଶେଷରେ ଆଶା କର୍ମୀ ପାର୍ବତୀ ସାହୁ ଧନ୍ୟବାଦ ଦେଇଥିଲେ ।

# ରାହୁଲ ଗାନ୍ଧୀଙ୍କ ସଂସଦ ପଦ ରଦ୍ଦ ବିରୋଧରେ ବସ୍ତା ବ୍ଲକ କଂଗ୍ରେସର ସତ୍ୟାଗ୍ରହ



ଅମର୍ଦ୍ଦାରୋଡ, ୨୬/୦୩ (ନି.ପ୍ର): ଅଖିଳ ଭାରତୀୟ କଂଗ୍ରେସ କମିଟିର ପୁର୍ବତନ ସଭାପତି ରାହୁଲ ଗାନ୍ଧୀଙ୍କ ସଂସଦ ପଦକୁ ଅନ୍ୟାୟ ଭାବେ ରଦ୍ଦ ବିରୋଧରେ ବସ୍ତା ବ୍ଲକ କଂଗ୍ରେସ ପକ୍ଷରୁ ଗାନ୍ଧୀଛକ ଠାରେ ଜାତିର ଜନକ ଗାନ୍ଧୀ ଜୀ ଙ୍କ ପ୍ରତିମୂର୍ତ୍ତି ନିକଟରେ ସତ୍ୟାଗ୍ରହ ଅନୁଷ୍ଠିତ ହୋଇ ଯାଇଛି। ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତାଙ୍କ ସଭାପତିତ୍ୱରେ ଆୟୋଜିତ ସତ୍ୟାଗ୍ରହରେ ବସ୍ତା କଂଗ୍ରେସ ନେତା ବିଜନ ନାୟକ ଜିଲ୍ଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଯେନା, ଜିଲ୍ଲା କିସାନ କଂଗ୍ରେସ ର ସଂଯୋଜକ ଜୟନ୍ତ କୁମାର ମହାପାତ୍ର, ପୁର୍ବତନ ସରପଞ୍ଚ ପ୍ରଭାଶ ମଣ୍ଡଳ, ପିତାମ୍ବର ପ୍ରଧାନ ଚୈତନ୍ୟ, ଗୋଛୟତ ମଦନ ଭକ୍ତା ମଦନ ଜେନା, ପ୍ରଦୀପ ଦେ, ଜଗଦୀଶ ସାହୁ, ନିତ୍ୟାନନ୍ଦ ସିଂ, ନରେନ୍ଦ୍ର ଦାସ, ସୁକାନ୍ତି ଭକ୍ତା, ମଧୁମିତା ରାଉତ, ନିତ୍ୟାନନ୍ଦ ନାୟକ, ରମେଶ ରାଉଳ ସେକ କବୀର ବିମ୍ବାଧର ବେହେରା, ବିଶୁ ମଲିକ ସହିତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଗୌରଗୋପାଳ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ରକ୍ତଦାନ ଶିବିର

ଜଳେଶ୍ୱର, ୨୬/୦୩ (ନି.ପ୍ର): ଜଳେଶ୍ୱର ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିରୋଧି ରାଜନିତୀର ଅନ୍ୟଜଣେ ଦକ୍ଷ ଯୁବକ ତଥା ସମାଜସେବୀ, ପରୋପକାରୀ, ଜନଦରଦୀ, ଦୃଢ ସଂଗଠକ, କ୍ରାନ୍ତିକାରୀ, ସାଲିସ ବିହିନ, ସଂଗ୍ରାମୀ ନେତା ସ୍ୱର୍ଗତ ଗୌରଗୋପାଳ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ଏଥିଲାଗି ପୟାସ ଜାରି ରହିଥିଲା । ଆଜି କୋଟସାହି ପଂଚାୟତର କ୍ଷୀରୋଦ ପ୍ରସାଦ ସରକାରୀ ଉପ୍ରା ବିଦ୍ୟାଳୟ ପରିସରରେ ଏହି ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଶିବିରକୁ ସ୍ୱର୍ଗତ ଦାସଙ୍କ ଧର୍ମପତ୍ନୀ ସାବିତ୍ରୀ ଦାସ ଉଦ୍‌ଘାଟନ କରିଥିଲେ । ଏଥିରେ କଟକ ରକ୍ତଭଣ୍ଡାରରୁ ଡାକ୍ତର ଟୁନୁ ଭଦ୍ରିଆଙ୍କ ନେତୃତ୍ୱରେ ୭ଜଣିଆ ଟିମ୍, ବାରିପଦା ରକ୍ତଭଣ୍ଡାରରୁ ଡା ଗଣେଶ ଚନ୍ଦ୍ର ପାଳଙ୍କ ନେତୃତ୍ୱରେ ୧୧ଜଣିଆ ଟିମ୍ ଓ ବାଲେଶ୍ୱର ରକ୍ତଭଣ୍ଡାରରୁ ଡା. ମହେଶ ବିଶ୍ୱାଳଙ୍କ ନେତୃତ୍ୱରେ ୭ଜଣିଆ ଟିମ୍ ରକ୍ତ ସଂଗ୍ରହ, ପରୀକ୍ଷାରେ ସାମିଲ ହୋଇଥିଲେ । ପ୍ରତିକୂଳ ପାଗସତ୍ତ୍ୱେ ଜଳେଶ୍ୱରର ବିଭିନ୍ନ ଅଂଚଳରୁ ୭୦୩ ଜଣ ସ୍ୱେଚ୍ଛାସେବୀ ରକ୍ତଦାନ ଲାଗି ନାମ ପଂଜିକୃତ କରିଥିବା ବେଳେ ଶେଷ ପର୍ଯ୍ୟନ୍ତ ୫୬୪ଜଣ ରକ୍ତଦାନ କରିଥିବାର ଡାକ୍ତରଙ୍କ ସୂତ୍ରରୁ ପ୍ରକାଶ । ପଂଚାୟତ ସମିତି ସଦସ୍ୟ ବ୍ରଜମୋହନ ପ୍ରଧାନ, ସରପଂଚ ମଂଜୁବାଳା ପ୍ରଧାନ, ବିଜେଡି ଯୁବଛାତ୍ର ସଂଗଠନର ଆବାହକ କାଳିଚରଣ ଦାସ, ସତ୍ୟଶୋଭନ ମିଶ୍ର, ଚନ୍ଦନ କୁମାର କର, ରାସବିହାରୀ ରଣାଙ୍କ ଆହ୍ୱାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କୋଟସାହି ଗ୍ରାମମୁଖ୍ୟ କାହ୍ନୁଚରଣ ଦାସମହାପାତ୍ର, ଓଷ୍ଟା ସଭାପତି ସୁକୁମାର ମିଶ୍ର, ସେକ୍ ହାସିରୁଦ୍ଦିନ ବକ୍ସ, ବିଜେଡି ସଭାପତି ବିଶ୍ୱନାଥ ଦାସ ମହାପାତ୍ର, ସୁଧିର କର, ତପନ ସାହୁ, ବୁଦ୍ଧଦେବ ଜେନା, ସାମ୍ବାଦିକ ଭୂପତି ପରିଡା, ବିଶ୍ୱମ୍ବର ନାଥ, ସମାଜସେବୀ ହେମନ୍ତ ଜେନା, ୱାର୍ଡ ସଭ୍ୟା ମାନସୀ ଜେନା ପ୍ରମୁଖ ଉଦ୍‌ଘାଟନୀ ସଭାରେ ରକ୍ତାଦାତାମାନଙ୍କୁ ଉତ୍ସାହିତ କରିଥିଲେ ।

# କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତିର ବାର୍ଷିକ ସମ୍ମିଳନୀ



ବାଲେଶ୍ୱର, ୨୬/୦୩ (ନି.ପ୍ର): ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତିର ପ୍ରଥମ ବାର୍ଷିକ ସମ୍ମିଳନୀ କୃଷିବିତ୍ ଲୋକନାଥ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ପୌରାଧକ୍ଷା ସବିତା ସାହୁ ଓ କୃଷି ବୈଜ୍ଞାନିକ ଡ. ଅଦ୍ୱୈତ କୁମାର ପାତ୍ର ପ୍ରମୁଖ ଏଥିରେ ବରେଣ୍ୟ ଅତିଥି-ବକ୍ତା ଭାବେ ଯୋଗଦେଇ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବିକୁ ଦୃଢ଼ ସମର୍ଥନ ଜଣାଇଥିଲେ । ଉତ୍ତର ଓଡ଼ିଶାର କେନ୍ଦ୍ରସ୍ଥଳ ବାଲେଶ୍ୱରରେ ଏହି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ସ୍ଥାପନ ହେଲେ କୃଷିର ଉନ୍ନତି ସାଙ୍ଗକୁ ଶିକ୍ଷା କ୍ଷେତ୍ରରେ ଜିଲାକୁ ଆଉଏକ ସଫଳତା ମିଳିବ ବୋଲି ସେମାନେ ମତ ପ୍ରକାଶ କରିଥିଲେ । ବିଭିନ୍ନ ବ୍ଲକ କମିଟିରୁ ବିଜୟ ମିଶ୍ର, କୁମୁଦ ରଂଜନ ଗିରି, କମଳାକାନ୍ତ ନାୟକ, ସନ୍ୟାସୀ ବେହେରା, ରଘୁନାଥ ମହାନ୍ତିଙ୍କ ସମେତ ବିଭିନ୍ନ ଅନୁଷ୍ଠାନରୁ କମଳ ଚକ୍ରବର୍ତ୍ତୀ, ଅପର୍ଣ୍ଣା ମହାପାତ୍ର, ଦାମୋଦର ନାୟକ, କଲ୍ୟାଣୀ ନନ୍ଦ, ଉଦୟ ରଞ୍ଜନ ଦାସ, ବିଷ୍ଣୁପ୍ରସାଦ ମହାନ୍ତି, ସୀତାରାମ ପ୍ରଧାନ, ଅର୍ଚ୍ଚନା ନନ୍ଦୀ, ବିପ୍ଳବ କୁମାର ମହାନ୍ତି, ଶଶାଙ୍କ ଶେଖର ଦତ୍ତ, ଶ୍ୟାମସୁନ୍ଦର ଜେନା, ଅରୁଣ ଜେନା, ପ୍ରଭାକର ସାହୁ,'ସହାୟକ'ର ବିଜୟ ଦାସ ଅଧିକାରୀ, ସୁଦର୍ଶନ ଜେନା ଓ ଭାରତୀ ପଣ୍ଡା ପ୍ରମୁଖ ଏଥିରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ ସହ ଜିଲାବ୍ୟାପୀ ଅଭିଯାନ ଆରମ୍ଭ ପାଇଁ ପ୍ରସ୍ତାବ ଦେଇଥିଲେ । ହରନାରାୟଣ ମଢୁଆଳ ଆସନ୍ତା ବର୍ଷପାଇଁ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ ଓ ଗୃହୀତ ପ୍ରସ୍ତାବଗୁଡ଼ିକ ଅଭୟ ଚନ୍ଦ୍ର ମିଶ୍ର ପାଠ କରିଥିଲେ । ପ୍ରାରମ୍ଭରେ ଡ. କ୍ଷିତୀଶ୍ୱର ଦାଶ ବେଦପାଠ କରିଥିବା ବେଳେ ଆବାହକ ଡ. କେଶବ ଚରଣ ପଣ୍ଡା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ଆଇନଜୀବୀ ନିରଞ୍ଜନ ପରିଡ଼ା ମଂଚ ପରିଚାଳନାରେ ସହାୟତା କରିଥିବା ବେଳେ ଗୌରାଙ୍ଗ ପାଣିଗ୍ରାହୀ ସ୍ୱାଗତ ବକ୍ତବ୍ୟ ଦେଇଥିଲେ । ଦିଲ୍ଲୀପ ଗିରି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ସହର ସମେତ ଜିଲାର ବହୁ ବିଶିଷ୍ଟ ବ୍ୟକ୍ତି ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ ।

# ଗଣତନ୍ତ୍ରର ସୁରକ୍ଷା ଦାବିରେ ଜିଲ୍ଲା କଂଗ୍ରେସର ଧାରଣା

ବାଲେଶ୍ୱର, ୨୬/୦୩ (ନି.ପ୍ର): ନରେନ୍ଦ୍ର ମୋଦିଙ୍କ ସରକାରରେ ଦେଶର ଗଣତନ୍ତ୍ର ବ୍ୟବସ୍ଥା ଅସୁରକ୍ଷିତ ହୋଇପଡ଼ିଥିବା ଅଭିଯୋଗରେ ବାଲେଶ୍ୱର ଜିଲା କଂଗ୍ରେସ କମିଟି ସଭାପତି ସଂଜୀବ ଗିରିଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତା ଓ ସଦସ୍ୟମାନେ ସହରର ସହିଦ ପାର୍କ ସ୍ଥିତ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସମ୍ମୁଖରେ ରବିବାର ଧାରଣା ଦେଇଥିଲେ । ଜିଲା ସଭାପତି ଶ୍ରୀ ଗିରି ନରେନ୍ଦ୍ର ମୋଦିଙ୍କ ଶାସନାଧୀନ କେନ୍ଦ୍ର ସରକାରଙ୍କ ଜୁଲମ ଓ ଗରିବ ମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ । ଅଦାନୀଙ୍କ କମ୍ପାନୀରେ ବିଜେପିର କେଉଁ ନେତା ୨୦ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରିଛନ୍ତି ଓ କେଉଁ ଚାଇନିଜ କମ୍ପାନୀ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ଅର୍ଥ ବିନିଯୋଗ କରିଛନ୍ତି ତା'ର ହିସାବ ମୋଦି ସରକାର ସଂସଦରେ ଉପସ୍ଥାପନ କରନ୍ତୁ । ଏ ସବୁ ପ୍ରଶ୍ନ ରାହୁଲ ଗାନ୍ଧୀ ଉଠାଇଥିବାରୁ ତାଙ୍କୁ ବାରମ୍ବାର ଅଡୁଆରେ ପକାଇବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍ୟମ କରୁଛନ୍ତି ବୋଲି ଧାରଣାରତ କଂଗ୍ରେସ ନେତାମାନେ ମତ ପ୍ରକାଶ କରିଥିଲେ । ଆଗାମୀ ଦିନରେ ଦେଶବାସୀ ଏହାର ଉଚିତ ଜବାବ ଦେବେ ବୋଲି ସେମାନେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଆଜିର ଏହି ଗଣଧାରଣାରେ ପିସିସି ସମ୍ପାଦକ ଅର୍ଚ୍ଚନା ନନ୍ଦୀ, ଜିଲା କଂଗ୍ରେସ ଉପ-ସଭାପତି କୃଷ୍ଣ ଗୋପଳ ପଣ୍ଡା ଓ ଗୋପୀନାଥ ପଢ଼ୀ, ସଦର ବ୍ଲକ କଂଗ୍ରେସ ସଭାପତି ଜୟକୃଷ୍ଣ ବେହେରା, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଜ୍ଞା ପାରମିତା ମହାନ୍ତି, ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ଛାତ୍ର ସଭାପତି ଗୌତମ ସାହୁ, ଯୁବ ନେତା ସରୋଜ ଲେଙ୍କା, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ଦେବଦତ୍ତ ଦାସ, ପ୍ରତିମା ପଣ୍ଡା, ସ୍ମାରକ ଦାଶ, ଜୀନ ମହାପାତ୍ର, ଜଗବନ୍ଧୁ ଜେନା, ଆଲୋକ ମାଝୀ, ବିନିତା ସାହୁ, ନବ ପ୍ରସାଦ ଭୂୟାଁ ପ୍ରମୁଖ ସାମିଲ ହୋଇଥିଲେ । ଆସନ୍ତାକାଲି ଅର୍ଥାତ ୨୭ ତାରିଖରେ ଜିଲା କଂଗ୍ରେସ କମିଟି ପକ୍ଷରୁ ସହରରେ ଏକ ବିଶାଳ ପ୍ରତିବାଦ ସଭା ଅନୁଷ୍ଠିତ ହେବ ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି ।

## ମନମୋହନ ବିଜେଡି ପାଇଁ କାଳ ହେବେ : ବସନ୍ତ ପଣ୍ଡା

ଭୁବନେଶ୍ୱର, ୨୬/୦୩ (ନି.ପ୍ର): ବିଜେପିର ନୂଆ ସଭାପତି ମନମୋହନ ସାମଲ ବିଜେଡି ପାଇଁ କାଳ ହେବେ ବୋଲି କହିଛନ୍ତି କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା । ମନମୋହନଙ୍କୁ ସମ୍ବର୍ଧନା ଦେବା ଅବସରରେ ଉଦବୋଧନ ଦେଇ ଶ୍ରୀ ପଣ୍ଡା କହିଛନ୍ତି ଯେ ନୂଆ ସଭାପତିଙ୍କୁ ନେଇ ବିକଳ୍ପ ସରକାର ପାଇଁ ଆଶାବାଦୀ । ୨୦୨୪ରେ ବିଜେପି ବିକଳ୍ପ ସରକାର ଗଠନ କରିବ ବୋଲି ସେ କହିଛନ୍ତି ।

## ବାପ ଛେଉଣ୍ଡ କନ୍ୟା ବୋଲି ଦେଖାଇଲେ ଆଡ଼ଆଖି : ଆଧାର ନାହିଁତ ଆଡ଼ମିସନ ନାହିଁ



ଉଦଳା, ୨୬/୦୩ (ନି.ପ୍ର): ଘଟଣାଟି କପ୍ତିପଦା ବ୍ଲକର କୋଲିଅଲମ ପଂଚାୟତ ଅନ୍ତର୍ଗତ ନୂଆସାହି ଗ୍ରାମର ଅଟେ । ଏହି ଗ୍ରାମର ବାସିନ୍ଦା ହିମାଂଶୁ ଦାସଙ୍କର କିଛି ବର୍ଷ ପୂର୍ବେ ଦେହାନ୍ତ ହୋଇ ଯାଇଛି । ଫଳରେ ତାଙ୍କର ଶିଶୁ କନ୍ୟା 'ମିରା' ପିଲାଟି ଦିନରୁ ବାପଛେଉଣ୍ଡ ହୋଇ ଯାଇଛନ୍ତି । 'ମିରା' ଗ୍ରାମରେ ଥିବା ଅଙ୍ଗନୱାଡ଼ି ପାଠ ସାରିବା ପରେ ତାଙ୍କୁ ତାଙ୍କର ମା' ଆରତି ପାଖ ବିଦ୍ୟାଳୟକୁ ନାମ ଲେଖାଇବା ପାଇଁ ନେଇଥିଲେ । କିନ୍ତୁ ବିଦ୍ୟାଳୟର କର୍ତୃପକ୍ଷ ଆଧାର କାର୍ଡ଼ ନଥିଲେ ନାମ ଲେଖାଯାଇ ପାରିବ ନାହିଁ ବୋଲି ରୋକ ଠୋକ କହି ବିଦା କରିଦେଲେ । 'ମିରା'ଙ୍କୁ ବର୍ତ୍ତମାନ ବୟସ ୧୧ ବର୍ଷ ଛୁଇଁଲା । ପାଠ ପଢ଼ିଥିଲେ ସେ ବର୍ତମାନ ପଂଚମ ଶ୍ରେଣୀରେ ପଢୁଥାନ୍ତେ । କିନ୍ତୁ ସେ ପ୍ରଥମ ଶ୍ରେଣୀରୁ ପାଠ ପଢ଼ି ନାହାଁନ୍ତି । ବାପ ଛେଉଣ୍ଡ ଝିଅ ବୋଲି ବିଦ୍ୟାଳୟର କର୍ତ୍ତୃପକ୍ଷ ତାଙ୍କ ପ୍ରତି ଆଡ଼ଆଖି ଦେଖାଉଥିବାର କଥା ସାଧାରଣରେ ଚର୍ଚ୍ଚା ହେଉଛି । ମାତା ଆରତିଙ୍କର କହିବାନୁସାରେ ଝିଅର ଆଧାର କାର୍ଡ଼ ପାଇଁ ସେ ବାରମ୍ବାର ବ୍ଲକ ଓ ପଂଚାୟତ କାର୍ଯ୍ୟାଳୟକୁ ଯାଇଛନ୍ତି । କିନ୍ତୁ କୌଣସି ସୁଫଳ ମିଳିନାହିଁ । ଏପରିକି ଆଧାର କାର୍ଡ଼ ନଥିବା ଯୋଗୁଁ ଝିଅର ନାମରେ ଟଙ୍କାକିଆ ଚାଉଳ ମଧ ମିଳୁ ନାହିଁ । ଦିନେ କାମକୁ ନଗଲେ ଘରେ ଚୁଲି ଜଳୁ ନଥିବା ଏହି ଭଳି ଏକ ଗରିବ ପରିବାରର ଦୁଃଖ କହିଲେ ନସରେ । ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ଅଥଚ 'ମିରା' ପରି ବାପ ଛେଉଣ୍ଡ କନ୍ୟା ଆଜକୁ ୫ ବର୍ଷ ହେବ ବିଦ୍ୟାଳୟ ଠାରୁ ବାହାରେ ଅଛନ୍ତି । ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧଶରଣରେ ଦାବୀ ହେଉଛି ।

# ଚିରନିଦ୍ରାରେ ବସ୍ତା ମାଟିର ଦରଦୀ ବନ୍ଧୁ ଦେବେନ୍ଦ୍ର



ବସ୍ତା, ୨୬/୦୩ (ନି.ପ୍ର): ବସ୍ତା କଂଗ୍ରେସ ର ବରିଷ୍ଠ ନେତା ଅବିଭକ୍ତ ବ୍ରାହ୍ମଣଦା ପଂଚାୟତ ର ପୂର୍ବତନ ସରପଞ୍ଚ ବ୍ଲକ କଂଗ୍ରେସ ର ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ନାୟକ(୬୦) ଆଜି ସକାଳୁ ଛଅ ଟା ପଚିଶ ମିନିଟ ସମୟରେ ଭୁବନେଶ୍ୱର ସ୍ଥିତ ସନ୍ ସାଇନ୍ ହସ୍ପିଟାଲରେ ମୃତ୍ୟୁ ବରଣ କରିଛନ୍ତି । ସ୍ୱର୍ଗତ ନାୟକ କିଛି ଦିନ ହେଲା ଅସୁସ୍ଥ ହୋଇ ଥିଲେ । ସେ ବସ୍ତା ଅଂଚଳ ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ କଂଗ୍ରେସ ଦଳର ଜଣେ ଦକ୍ଷ ସଂଗଠକ ସମେତ ଲୋକ ପ୍ରିୟ ଜନ ନେତା ଥିଲେ । ସେ ସ୍ୱର୍ଗତ ଚିନ୍ତାମଣି ଜେନା ପୂର୍ବତନ ମନ୍ତ୍ରୀ ଭୁପାଳ ଚନ୍ଦ୍ର ମହାପାତ୍ରଙ୍କ ସମୟରେ ରାଜନୈତିକ ଜୀବନ ଆରମ୍ଭ କରିଥିଲେ । ଆଜି ତାଙ୍କ ମୃତ୍ୟୁ ଖବର ପ୍ରଚାର ହେବାପରେ ସମଗ୍ର ବସ୍ତା ଅଂଚଳ ନିସ୍ତବ୍ଧ ହୋଇ ଯାଇଥିଲା । ଖବର ପାଇ ମରା ଶରୀରକୁ ତାଙ୍କ ବସ୍ତା ସ୍ଥିତ ମଧୁଭଣ୍ଡା ଗ୍ରାମ ବାସଭବନ ପହଁଚିଲା ପରେ ପୂର୍ବତନ ବିଧାୟକ ଦେବୀ ପ୍ରଶନ୍ନ ଚଣ୍ଡ ବିଜେଡିର ରାଜ୍ୟ ସାଧାରଣ ସଂପାଦକ ଶ୍ୟାମାପ୍ରସାଦ ବେହେରା ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ବିଜନ ନାୟକ ବସ୍ତା ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତ ଜିଲ୍ଲା କଂଗ୍ରେସ କମିଟି ର ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଯେନା, ବରିଷ୍ଠ ସାମ୍ବାଦିକ ବିଜୟ କୁମାର ଭୂୟାଁ, ସାମ୍ବାଦିକ ସୁଶାନ୍ତ ପ୍ରଧାନ ପୂର୍ବତନ ସମିତି ସଭ୍ୟ ରବିନ୍ଦ୍ର ଦାସ ଜୟନ୍ତ କୁମାର ମହାପାତ୍ର ଶଙ୍କର କର ଚିନ୍ମୟ ଶତପଥୀ ଗୌରହରି ବେହେରା ପ୍ରିୟବ୍ରତ ମହାପାତ୍ର କରୁଣାକର ବାରିକ, ଡାକ୍ତର ତୁଷାର ପରିଡା, ପ୍ରଶାନ୍ତ ଗିରି, ତାଙ୍କ ବାସଭବନରେ ପହଂଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପରେ ଜିଲ୍ଲା କଂଗ୍ରେସ କମିଟି ର ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଯେନା ଓ ପୂର୍ବତନ ସମିତି ସଭ୍ୟ ରବିନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ଶବ ଶୋଭାଯାତ୍ରା ବସ୍ତା ବଜାର ବସ୍ତା ଡ଼ାକ୍ତରଖାନା ଦେଇ କୁଣ୍ଡପୁର ଦେଇ ବରୁଣଗଡିଆ ପଂଚାୟତ ଅଫିସକୁ ନିଆଯଥିଲା ସେଠାରେ ସରପଂଚ କରୁଣାକର ମଲିକ ଓ ଅନ୍ୟ ମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ତାଙ୍କ ସାନଭାଇ ରାଜେନ୍ଦ୍ର ନାୟକ ବ୍ରଜେନ୍ଦ୍ର କୁମାର ନାୟକ ପୁତୁରା ଝିଆରୀ ଆତ୍ମୀୟ ସୋଜନ ଉପସ୍ଥିତ ଥିଲେ । ଶେଷରେ ତାଙ୍କ ନିଜ ପୈତୃକ ସ୍ମସାନ କଳମଖା ରେ ତାଙ୍କର ଏକ ମାତ୍ର ପୁତ୍ର ତଥା ବସ୍ତା ନିର୍ବାଚନ ମଣ୍ଡଳୀ ଛାତ୍ର କଂଗ୍ରେସ ସଭାପତି ଅବିନାଶ ନାୟକ ମୁଖାଗ୍ନୀ ଦେଇଥିଲେ ।

## ନାଳିପଡା ଅର୍ଜୁନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜୀବନ କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଖୋର୍ଦ୍ଧା, ୨୬/୦୩ (ନି.ପ୍ର): ଖୋର୍ଦ୍ଧା ବ୍ଲକ ଅଧିନ ନାଳିପଡା ଅର୍ଜୁନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭିରାମ ବେହେରାଙ୍କ ଆୟୋଜନ ରେ ଷଷ୍ଠ, ସପ୍ତମ, ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀ ଙ୍କୁ ନେଇ ଜୀବନ କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଶିକ୍ଷିକା ସ୍ୱର୍ଣପ୍ରଭା ବେହେରା ୧୦ ଗୋଟି ପ୍ରମୁଖ ଜୀବନ କୌଶଳ ଉପରେ କହିଥିଲା ବେଳେ ଛାତ୍ରଛାତ୍ରୀ ମାନେ କିଭଳି ଆତ୍ମ ବିଶ୍ୱାସ ର ସହିତ ନିଜେ ନିଜର ପ୍ରଚେଷ୍ଟାରେ ସମସ୍ତ ସମସ୍ୟାର ସମାଧାନ କରି ସଫଳତା ପାଇପାରିବେ ତାହା ଉପରେ ପ୍ରଧାନ ଶିକ୍ଷକ ଅଭିରାମ ବେହେରା ଆଲୋକପାତ କରିଥିଲେ । ଏହି ଅବସରେ ବିଦ୍ୟାଳୟ ର ଦୁଇପ୍ରତିଭା ଯଥା- ଛାତ୍ରୀ ସ୍ୱପ୍ନା ରାଣୀ ଜେନା କୁ 'ସୁନା ଝିଅ' ଓ ଛାତ୍ର ଓଁ ପ୍ରକାଶ ଜେନାକୁ 'ସୁନା ପୁଅ' ସଂମ୍ମାନ ରେ ସଂମ୍ମାନୀତ କରାଯାଇଥିଲା । ବରିଷ୍ଠ ଶିକ୍ଷକ ପ୍ରକାଶ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ । ବିଦ୍ୟାଳୟ ଶିକ୍ଷକ ଉଲ୍ଲାସ ଚନ୍ଦ୍ର ବେହେରା, ନରସିଂହ ନାୟକ, ଶିକ୍ଷୟତ୍ରୀ ରିତାଞ୍ଜଳି ପରିଡା, ଶୋଭାବତୀ ପାଲଟାସିଂ ଓ ବହୁ ଅଭିଭାବକ ମା ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଦୁଇ ଦିନିଆ ସ୍ୱାବଲମ୍ବୀ ଭାରତ କର୍ଯ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର, ୨୬/୦୩ (ନି.ପ୍ର): ରବିବାର ଠାରୁ ବିକାଶର୍ଥେ ବିଦ୍ୟାର୍ଥୀ ଏବଂ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ର ମିଳିତ ଆନୁକୂଲ୍ୟରେ ଏକ ଦୁଇ ଦିନିଆ ସ୍ୱାବଲମ୍ବୀ ଭାରତ କର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଦୁଇ ଦିନ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଶିକ୍ଷା ଜଗତର ବହୁ ବିଶିଷ୍ଟ ଶିକ୍ଷାବିତ୍ ଓ କୋରାପୁଟ ବିଶ୍ୱବିଦ୍ୟାଳୟର କୁଳପତି ଉପସ୍ଥିତ ରହିବେ ବୋଲି ଆୟୋଜକଙ୍କ ପକ୍ଷରୁ ପ୍ରକାଶ କରାଯାଇଛି ।

## ଧରଣୀଧର ନାୟକଙ୍କୁ ଅଭିନନ୍ଦନ ଜଣାଇଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୨୬/୦୩ (ନି.ପ୍ର): ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ ସଭାପତି ଭାବରେ ନିର୍ବାଚିତ ହୋଇଥିବା ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକଙ୍କୁ ଅଭିନନ୍ଦନ ଜଣାଇଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଟ୍ୱିଟ କରି କହିଛନ୍ତି ଯେ - ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ ନିର୍ବାଚନରେ ନୂତନ ସଭାପତି ଭାବରେ ନିର୍ବାଚିତ ହୋଇଥିବା ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକଙ୍କୁ ଅଭିନନ୍ଦନ । ସାରା ରାଜ୍ୟରେ ସେ ଜଣେ ସ୍ୱନାମଧନ୍ୟ ଆଇନଜୀବୀ ଭାବେ ପରିଚିତ । ତାଙ୍କର ସଭାପତିତ୍ୱରେ ଆସୋସିଏସନ ଆହୁରି ସୁଦୃଢ଼ ହେବ ବୋଲି ମୋର ବିଶ୍ୱାସ ।

# ଜିଲ୍ଲା ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ : ପ୍ରଦୀପ ରଥ ସଭାପତି, ବିପ୍ଳବ ବାରିକ ସମ୍ପାଦକ ନିର୍ବାଚିତ



ବାରିପଦା, ୨୬/୦୩ (ନି.ପ୍ର): ଆଜି ଜିଲ୍ଲା ଓକିଲ ସଂଘ ବାରିପଦା ରେ ନିର୍ବାଚନ ଅନୁଷ୍ଠିତ ହୋଇ ନୂତନ କର୍ମକର୍ତ୍ତା ମାନେ ନିର୍ବାଚିତ ହୋଇଥିବାର ଜଣାଯାଇଛି । ତେବେ ମିଳିଥିବା ସୂଚନା ଅନୁଯାୟୀ, ସଂଘର ସଭାପତି ଭାବରେ ପ୍ରଦୀପ କୁମାର ରଥ, ଉପସଭାପତି ଭାବରେ ସୁଜାତା ମିଶ୍ର, ସାଦାରଣ ସମ୍ପାଦକ ଭାବରେ ବିପ୍ଳବ କୁମାର ବାରିକ, ସହସମ୍ପାଦକ ଭାବରେ ସ୍ୱରୂପ କୁମାର ମିଶ୍ର, ସହସମ୍ପାଦକ (ଏଡମିନଷ୍ଟ୍ରେସନ) ଭାବରେ ପଙ୍କଜ କୁମାର ମହାକୁଡ, ସହସମ୍ପାଦକ (ପାଠାଗାର) ଭାବରେ ମୃତ୍ୟୁଞ୍ଜୟ ସିଂହ, କୋଷାଧ୍ୟକ୍ଷ ଭାବରେ ପଦ୍ମଲୋଚନ ମହାନ୍ତ ଏବଂ ୮ଜଣ କାର୍ଯ୍ୟକାରୀ କମିଟି ସଦଶ୍ୟ ଭାବରେ ଅନୀଲ କୁମାର ବେହେରା, ଅଶୋକ କୁମାର ପଣ୍ଡା, ଦେବରାଜ ମିଶ୍ର, ଦୁଷ୍ମନ୍ତ କୁମାର ଦାଶ, ଜ୍ଞାନରଞ୍ଜନ ଜେନା, କ୍ଷିତିଶ ଚନ୍ଦ୍ର ମହାକୁଡ, ରାଜୀବ କୁମାର ମହାନ୍ତି, ସତ୍ୟବାନ ପାଲ ନିର୍ବାଚିତ ହୋଇଥିବାର ଜଣାଯାଇଛି । ଆଜି ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ, ଅପରାହ୍ନରେ ଗଣତି ପରେ ଏହି ଫାଇନାଲ ଫଳାଫଳ ନିର୍ବାଚନ ଅଧିକାରୀ କୃଷ୍ଣଚନ୍ଦ୍ର ଦାସ ପ୍ରକାଶ କରିଥିବାର ଜଣାଯାଇଛି । ତେବେ ନବନିର୍ବାଚିତ କର୍ମକର୍ତ୍ତା ମାନଙ୍କୁ ସୋମବାର ଦିନ ସାର୍ଟିଫିକେଟ ପ୍ରଦାନ କରାଯିବ ବୋଲି ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି । ବର୍ତମାନ ନବ ନିର୍ବାଚିତ କର୍ମକର୍ତ୍ତା ମାନଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ ଏବଂ ଶୁଭେଚ୍ଛା ଜ୍ଞାପନ କରାଯାଉଛି ।

# କରମଣ୍ଡଳ ଇଣ୍ଟରନ୍ୟାସନାଲ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର



ବାଲେଶ୍ୱର, ୨୬/୦୩ (ନି.ପ୍ର): କରମଣ୍ଡଳ ଇଣ୍ଟରନ୍ୟାସନାଲ ଲିମିଟେଡ ପକ୍ଷରୁ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ମୋତି ଏଣ୍ଡ ସନ୍ସ ଏଣ୍ଟ୍ରପ୍ରାଇଜେସର ସହାୟତାରେ ରେମୁଣା ଅଞ୍ଚଳରେ ଆୟୋଜିତ ଏହି ଶିବିରରେ ବାଲେଶ୍ୱର ଓ ଭୁବନେଶ୍ୱରର ବିଶିଷ୍ଟ ବିଶେଷଜ୍ଞ ଡାକ୍ତାନେ ଯୋଗଦେଇ ଲୋକଙ୍କୁ ପରୀକ୍ଷା କରିବା ସହ ଔଷଧ ଓ ପରାମର୍ଶ ଦେଇଥିଲେ । ଏଥିରେ ରକ୍ତଚାପ, ବହୁମୂତ୍ର ଓ ଅନ୍ୟାନ୍ୟ ରୋଗରେ ପୀଡ଼ିତ ବ୍ୟକ୍ତିଙ୍କୁ ପରୀକ୍ଷା କରାଯାଇଥିଲା । ଔଷଧ ସାଙ୍ଗକୁ ସ୍ୱାସ୍ଥ୍ୟ ପ୍ରତି ଯତ୍ନନେବା ଉପରେ ଡାକ୍ତରମାନେ ପରାମର୍ଶ ବି ଦେଇଥିଲେ । ରେମୁଣା ସମତେ ଆଖପାଖ ଅଞ୍ଚଳରୁ ୩ ଶହରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ, ବାଳକ ବାଳିକା ଏହି ଶିବିରରେ ଡାକ୍ତର ଦେଖାଇ ଔଷଧ ନେଇଥିଲେ । କରମଣ୍ଡଳ ଇଣ୍ଟରନ୍ୟାସନାଲ ଲିମିଟେଡର ଲଜିଷ୍ଟିକ ମ୍ୟାନେଜର ଜୟରାମ ଶର୍ମା, ସେଲ୍ସ ଅଫିସର ରଣଜିତ ସାହୁ, ସଂଜୀବ ଉପାଧ୍ୟାୟ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିର ପରିଚାଳନାରେ ମୋତି ଏଣ୍ଡ ସନ୍ସ ଏଣ୍ଟ୍ରପ୍ରାଇଜେସ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ ।

# ଝୋଟ କାରଖାନା ଶ୍ରମିକ ସଙ୍ଘର ବାର୍ଷିକ ସମ୍ମିଳନୀ




ରୂପସା, ୨୬/୦୩ (ନି.ପ୍ର): ରୂପସାସ୍ଥିତ ଝୋଟ କାରଖାନା ଶ୍ରମିକ ସଙ୍ଘର ୨୮ ତମ ବାର୍ଷିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି । ସଙ୍ଘର ବରିଷ୍ଠ କାର୍ଯ୍ୟକର୍ତ୍ତା ଅନ୍ତର୍ଯ୍ୟାମୀ ମହାପାତ୍ର ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ସଙ୍ଘର ସଭାପତି ସାନ୍ତ୍ୱନୁ କୁମାର ଦାସ ଯୋଗ ଦେଇ କାରଖାନାର ସାମଗ୍ରିକ ବିକାଶ ପାଇଁ ଶ୍ରମିକଙ୍କ ଅବଦାନ ଓ ଏକତା ଜରୁରୀ ବୋଲି ବକ୍ତବ୍ୟରେ କହିଥିଲେ । ସମ୍ମାନିତ ଅତିଥି କାରଖାନା ପରିଚାଳକ ହୃଷିକେଶ ରାଉତ, ପୂର୍ବତନ ଜିଲା ପରିଷଦ ସଭ୍ୟ ବରଦାପ୍ରସନ୍ନ ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ କୁମାର ସେଠୀ, କାରଖାନା ଇନ ଚାର୍ଜ ସୁରେନ୍ଦ୍ର କୁମାର ବେହେରା, ଉପଦେଷ୍ଟା ଦେବବ୍ରତ ବିଶ୍ୱାଳ, ବରିଷ୍ଠ ନାଗରିକ ଭଗବାନ ମହାପାତ୍ର, ପୂର୍ବତନ ସରପଞ୍ଚ ମନୋରଞ୍ଜନ ମହାପାତ୍ର, ପୂର୍ବତନ ସମ୍ପାଦକ ଗୌରାଙ୍ଗ ବେହେରା, ଶୁଭେଚ୍ଛୁ ଶ୍ରୀପତି ରାଉତ ଓ ମନୋରଞ୍ଜନ ପ୍ରଧାନ ପ୍ରମୁଖ ମଞ୍ଚାସିନ ହୋଇ ବକ୍ତବ୍ୟ ରଖିଥିଲେ । ସଙ୍ଘର ସାଧାରଣ ସମ୍ପାଦକ ଦୀପକ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ । କୋଷାଧକ୍ଷ୍ୟ ଉମେଶ ନାୟକ ଆୟ ବ୍ୟୟ ହିସାବ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିଥିଲେ । ଉପ ସଭାପତି ରଜନୀକାନ୍ତ ବିଶ୍ୱାଳ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଏହି ଅବସରରେ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା ହୋଇଥିଲା । ସଂଗଠନ ସମ୍ପାଦକ ଭାବେ ରାଜେଶ ଗିରି, ପଦ୍ମଲୋଚନ ଶତପଥି, ରତ୍ନାକର ବେହେରା, ରାଜେନ୍ଦ୍ର ଦାସ, ସହ ସମ୍ପାଦକ ଭାବେ ନିରଞ୍ଜନ ଦାସ, ପଞ୍ଚାନନ ବିଶ୍ୱାଳ, ସୁଧାଂଶୁ ଶେଖର ସିଂହ, ଅନ୍ତର୍ଯ୍ୟାମୀ ମହାପାତ୍ର, ରଘୁନାଥ ସାହୁଙ୍କ ସମେତ ୧୦ ଜଣିଆ ଇସି ମେମ୍ବର ଦାୟିତ୍ୱ ଗ୍ରହଣ କରିଥିଲେ । ଶେଷରେ କାର୍ଯ୍ୟକର୍ତ୍ତା ପଞ୍ଚାନନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ

ବାଲେଶ୍ୱର, ୨୬/୦୩ (ନି.ପ୍ର): ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘ ବାଲେଶ୍ୱର ଜିଲା ଶାଖର ଅଷ୍ଟମ ବାର୍ଷିକ ସମ୍ମିଳନୀ ସ୍ଥାନୀୟ ଆତିଥ୍ୟ ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଏହି ସମ୍ମିଳନୀକୁ ଉଦଘାଟନ ସହ ଅବସର ପରେ ବି ସାମାଜିକ କାର୍ଯ୍ୟରେ ନିଜକୁ ସକ୍ରିୟ ରଖିବା କ୍ଷେତ୍ରରେ ବ୍ୟାଙ୍କ କର୍ମଚାରୀ ସଂଘ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇଛି ବୋଲି କହିଥିଲେ । ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସଂସ୍କାରଯୁକ୍ତ ସମାଜ ନିର୍ମାଣରେ ବରିଷ୍ଠ ନାଗରିକଙ୍କ ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ତେବେ ବୟସର ଅପରାହ୍ନରେ ସମୟ ସହିତ ସମ୍ପର୍କକୁ ଯୋଡ଼ି ରଖିବା ଜୀବନର ସବୁଠାରୁ ବଡ଼ ଉପଲବ୍ଧି ବୋଲି ସେ କହିଥିଲେ । ବିଶିଷ୍ଟ ଭେଷଜ ବିଶେଷଜ୍ଞ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବରିଷ୍ଠଙ୍କ ଦୀର୍ଘ ଅନୁଭୂତି ଓ ଅଭିଜ୍ଞତା ସମାଜ ତଥା ଉତ୍ତର ପିଢ଼ିକୁ ସର୍ବଦା ମାର୍ଗଦର୍ଶନ କରାଇଥାଏ ବୋଲି କହିଥିଲେ । ଏଥି ସହିତ ସୁସ୍ଥ ଓ ନିରୋଗ ଜୀବନଯାପନ ପାଇଁ ବରିଷ୍ଠ ନାଗରିକଙ୍କ ଦୈନନ୍ଦିନ ଜୀବନଚର୍ଯ୍ୟା ପ୍ରଣାଳୀ ସମ୍ପର୍କରେ ସେ ପରାମର୍ଶ ଦେଇଥିଲେ । ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର କ୍ଷେତ୍ରୀୟ ପ୍ରବନ୍ଧକ ପୁରୁଷୋତ୍ତମ ପଟ୍ଟନାୟକ, ୟୁନିୟନ ବ୍ୟାଙ୍କର ଆଞ୍ଚଳିକ ଉପ-ପ୍ରବନ୍ଧକ ଗଜେନ୍ଦ୍ର କୁମାର ଦାସ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାପତି ଇଂ ବନମାଳି ଦାସ, ସହାୟକ ସଂଗଠନର ସଭାପତି ଇଂ. ସୁରେନ୍ଦ୍ର ନାଥ ଦାସ ଓ ସମ୍ପାଦକ ବିଜୟ କୁମାର ଦାସଅଧିକାରୀ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo